নিরপেক্ষ দৈনিক সম্বাদপত্র




ଯା ଦେବୀ ସର୍ବଭୂତେଷୁ...


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ସୋମବାର ୧୧ ମଇ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 11 May 2026
Vol.No. 36 ■ No.123 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଲା
ସାଗରିକା
(ବିଷୁବସଂଖ୍ୟା)
ଡିଜିଟାଲ୍ ଫର୍ମାଟରେ
ମଧ୍ୟ ଉପଲବ୍ଧ...
ପ୍ରାପ୍ତିସ୍ଥାନ: ନଲେଜ ସେଣ୍ଟର, ବସନ୍ତଖଣ୍ଡ ସାମ୍ନା, ବାଲେଶ୍ୱର
website : sagarika.in.net


# ତାମିଲନାଡୁରେ ଟିଭିକେ ସରକାର ଆରମ୍ଭ: ୯ ଜଣିଆ କ୍ୟାବିନେଟ୍ ସହିତ ଶପଥ ନେଲେ ବିଜୟ

## ଶପଥ ସମାରୋହରୁ ରାଜ୍ୟବାସୀଙ୍କୁ ୩ଟି ବଡ଼ ଭେଟି

ନୂଆଦିଲ୍ଲୀ,୧୦/୫ : ଦକ୍ଷିଣ ସିନେ ଜଗତର ସୁପରଷ୍ଟାର ବିଜୟ ଥାଲାପତି, ରାଜନୀତିରେ ଭୂକମ୍ପ ସୃଷ୍ଟି କରି ଏବେ ମୁଖ୍ୟମନ୍ତ୍ରୀ ହୋଇଛନ୍ତି । ନିର୍ବାଚନ ଫଳାଫଳ ପ୍ରକାଶ ପରେ ଗତ ୬ ଦିନ ଧରି ଚାଲିଥିବା ଛକାପଞ୍ଝାର ଅନ୍ତ ହୋଇଛି । ଆଉ ତାମିଲନାଡୁର ପ୍ରଥମ ଅଣଦ୍ରାବିଡ଼ ମୁଖ୍ୟମନ୍ତ୍ରୀ ହୋଇଛନ୍ତି ବିଜୟ । ଆଉ ଶପଥ ନେଉ ନେଉ ରାଜ୍ୟବାସୀଙ୍କୁ ପ୍ରଚାର ରାଲିରେ ଦେଇଥିବା ୩ଟି ବଡ଼ ପ୍ରତିଶ୍ରୁତି ପୂରଣ କରିଛନ୍ତି । ଚେନ୍ନାଇର ଜବାହାରଲାଲ ନେହରୁ ଷ୍ଟାଡିଅମରେ ଭବ୍ୟ ସମାରୋହ । ଉତ୍ସାହିତ ତାମିଲନାଡୁ ଜନତା, ହଜାର ହଜାର ସମର୍ଥକଙ୍କ କରତାଳିରେ ଫାଟି ପଡୁଥିଲା ପୂରା ପରିବେଶ । ତାରି ଭିତରେ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଛନ୍ତି ସି.ଜୋସେଫ ବିଜୟ । ତାଙ୍କ ସହ ୯ ବିଧାୟକଙ୍କୁ ମନ୍ତ୍ରୀ ଭାବେ ଶପଥ କରାଇଛନ୍ତି ରାଜ୍ୟପାଳ । ଶପଥ ସମାରୋହରେ ନିମନ୍ତ୍ରିତ ଅତିଥିଙ୍କ ଗହଣରେ ବିଜୟଙ୍କ ପାଖରେ ରାହୁଲ ଗାନ୍ଧୀଙ୍କ ଉପସ୍ଥିତି ବଡ଼ ବାର୍ତ୍ତା ଦେଇଛି । ଶପଥ ସମାରୋହକୁ ସମ୍ବୋଧିତ କରି ବିଜୟ କହିଛନ୍ତି, ଆଜିଠୁ ଧର୍ମ ନିରପେକ୍ଷ ଓ ସାମାଜିକ ନ୍ୟାୟର ଯୁଗ ଆରମ୍ଭ ହୋଇଛି । ଏଥିସହ ସେ ସ୍ପଷ୍ଟ କରିଛନ୍ତି ସରକାରରେ




ଦ୍ୱିତୀୟ କ୍ଷମତା କେନ୍ଦ୍ର କେହି ହେବେ ନାହିଁ । ଅନ୍ୟପଟେ ରାହୁଲ ବିଜୟଙ୍କୁ ଶୁଭେଚ୍ଛା ଜଣାଇ କହିଛନ୍ତି ରାଜ୍ୟ ନୂଆ ପିଢ଼ି, ନୂଆ ସ୍ୱର ଓ ନୂଆ କଳ୍ପନାକୁ ବାଛିଛି । ଆଶା ବିଜୟ ରାଜ୍ୟବାସୀଙ୍କ ଆକାଂକ୍ଷା ପୂରଣ କରିବେ । ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଉ ନେଉ ତାମିଲନାଡୁବାସୀଙ୍କୁ ବିଜୟ ଭେଟି ଦେଇଛନ୍ତି ବଡ଼ ଉପହାର । ଶପଥ ସମାରୋହ ସ୍ଥଳରୁ ନିର୍ବାଚନ ପ୍ରତିଶ୍ରୁତି ପୂରଣ କରିବା ଆରମ୍ଭ କରିଛନ୍ତି ଥାଲାପତି । ଶପଥ ଗ୍ରହଣ ପରେ ୩ଟି ପ୍ରତିଶ୍ରୁତି ପୂରଣ କରିଛନ୍ତି । ଯେଉଁଥିରେ ଅଛି ପ୍ରତିମାସରେ ଉପଭୋକ୍ତାଙ୍କୁ ୨୦୦ ୟୁନିଟ୍ ବିଜୁଳି ମାଗଣା । ସବୁ ଜିଲ୍ଲାରେ ଆଣ୍ଟି ଡ୍ରଗ୍ସ ୟୁନିଟ୍ ଗଠନ । ମହିଳା ସୁରକ୍ଷାବଳ ଗଠନ ଆଦେଶରେ ଦସ୍ତଖତ କରିଛନ୍ତି ବିଜୟ । ଏଥିସହ ରାଜ୍ୟର ଆର୍ଥିକ ସ୍ଥିତି ସଂପର୍କରେ ସୂଚନା ଦେଇ କହିଛନ୍ତି, ଉତ୍ତରାଧିକାରୀ ସୂତ୍ରରେ ପୂର୍ବ ସରକାରଙ୍କ ଠାରୁ ଋଣ ବୋଝ ମିଳିଛି ।


◆◆ପୃଷ୍ଠା ୭


## ଆଇଆଇଟି ଭୁବନେଶ୍ୱର ପିଏଚଡି ଛାତ୍ରଙ୍କ ହଷ୍ଟେଲ ଛାତରୁ ପଡ଼ି ମୃତ୍ୟୁ

ଭୁବନେଶ୍ୱର, ୧୦/୫ (ନି.ପ୍ର): ଆଇଆଇଟି ଭୁବନେଶ୍ୱରର ଜଣେ ପିଏଚଡି ଛାତ୍ରଙ୍କର ରବିବାର ହଷ୍ଟେଲ ଭବନର ଛଅତ ମହଲା ଉପରୁ କଥିତ ଭାବେ ପଡ଼ି ମୃତ୍ୟୁ ଘଟିଛି।
ମୃତକଟି ନିଶାନ୍ତ କୁମାର ବୋଲି ଜଣା ପଡିଛି । ସେ ଇଲେକ୍ଟ୍ରିକାଲ୍ ଇଞ୍ଜିନିୟରିଂ ବିଭାଗରେ ଗବେଷଣା କରୁଥିଲେ ଏବଂ ମୂଳତଃ ଆନ୍ଧ୍ରପ୍ରଦେଶର ବାସିନ୍ଦା ଥିଲେ। ମିଳିଥିବା ସୂଚନା ଅନୁସାରେ ସେ ପଡ଼ିଯିବା ପରେ ସୁରକ୍ଷା କର୍ମୀମାନେ ତାଙ୍କୁ ଗୁରୁତର ଅବସ୍ଥାରେ ମିଳିଥିଲେ ଏବଂ ତୁରନ୍ତ ସଂସ୍ଥାନର ଚିକିତ୍ସା କେନ୍ଦ୍ରକୁ ନେଇଯାଇଥିଲେ। ପରେ ଅବସ୍ଥା ଗୁରୁତର ହେବାରୁ ଡାକ୍ତରମାନେ ଉନ୍ନତ ଚିକିତ୍ସା ପାଇଁ ଏକ ବେସରକାରୀ ହସ୍ପିଟାଲକୁ ସ୍ଥାନାନ୍ତର କରିଥିଲେ। କିନ୍ତୁ ସେଠାରେ ପହଂଚିବା ସମୟରେ ଡାକ୍ତରମାନେ ତାଙ୍କୁ ମୃତ ଘୋଷଣା କରିଥିଲେ।
ଘଟଣା ପରେ ଜଟଣୀ ପୋଲିସ ଘଟଣାସ୍ଥଳକୁ ପହଂଚି ତଦନ୍ତ ଆରମ୍ଭ କରିଛି। ଛାତ୍ର କେଉଁ କାରଣରୁ ପଡ଼ି ଯାଇଥିଲେ ତାହା ଜାଣିବାକୁ ପୋଲିସ ଯାଂଚ କରୁଛି। ବର୍ତ୍ତମାନ ଘଟଣାର ସଠିକ୍ କାରଣ ସ୍ପଷ୍ଟ ହୋଇନାହିଁ। ପୋଲିସ କହିଛି ଯେ, ତଦନ୍ତ ଜାରି ରହିଛି ଏବଂ ଅଧିକ ସୂଚନାର ଅପେକ୍ଷା କରାଯାଉଛି।

## ଦକ୍ଷିଣ ଆଣ୍ଡାମାନ ସାଗରରେ ସକ୍ରିୟ ଘୂର୍ଣ୍ଣିବଳୟ: ବାତ୍ୟା ନେଇ ୧୩ ତାରିଖ ସୁଦ୍ଧା ସ୍ପଷ୍ଟ ହେବ ଚିତ୍ର



ଭୁବନେଶ୍ୱର, ୧୦/୫ (ନି.ପ୍ର): ଓଡିଶାକୁ ରହିଛି ବାତ୍ୟା ବିପତ୍ତି। ୧୧ରେ ଲଘୁଚାପ ସମ୍ଭାବନା, ଆଉ ୧୩ ତାରିଖ ସୁଦ୍ଧା ସ୍ପଷ୍ଟ ହେବ ଚିତ୍ର। ଡରାଉଛି ଶ୍ରୀଲଙ୍କା ସ୍ଥିତ ଗଲ୍ଫ ଅଫ୍ ମନାରରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ। ଘନୀଭୂତ ହୋଇ ଲଘୁଚାପର ରୂପ ନେଇ ପାରେ ଘୂର୍ଣ୍ଣିବଳୟ। ୧୧ରେ ଲଘୁଚାପ ସମ୍ଭାବନା। ଓଡିଶାକୁ ବାତ୍ୟାର ଆଶଙ୍କା ସୃଷ୍ଟି କରିଛି ଏହି ଘୂର୍ଣ୍ଣିବଳୟ। କିନ୍ତୁ ଏହା ଓଡିଶାକୁ କେତେ ଦୂର ପ୍ରଭାବିତ କରିବ ଏବେଠାରୁ ଆକଳନ କରିବା ସମ୍ଭବ ନୁହେଁ। ସେପଟେ ଆସନ୍ତା ୨୪ ଘଂଟାରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ସମ୍ଭାବନା। ୧୭ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କଲା ଆଞ୍ଚଳିକ ପାଣିପାଗ କେନ୍ଦ୍ର। ୮ ଜିଲ୍ଲାରେ ଘଂଟା ପ୍ରତି ୪୦-୫୦ କିଲୋମିଟର ବେଗରେ ପବନ ବହିପାରେ। ଏଥିପାଇଁ ମୟୂରଭଞ୍ଜ, କେଉଁଝର, ସୁନ୍ଦରଗଡ଼, କନ୍ଧମାଳ, ରାୟଗଡ଼ା, କୋରାପୁଟ୍, ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି। ସେହିପରି ଆସନ୍ତାକାଲି ମୟୂରଭଂଜ ଓ କେଉଁଝର ଜିଲ୍ଲାରେ କାଳବୈଶାଖୀର ଅଧିକ ପ୍ରଭାବ ରହିବ। ଏଥିସହିତ ପବନର ବେଗ ୪୦ ରୁ ୫୦ କିଲୋମିଟର ଯାଏଁ ରହିବ। ସେହିପରି ରାୟଗଡ଼ା, କୋରାପୁଟ୍, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର,ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ ଗଜପତି ଜିଲ୍ଲାରେ ମଧ୍ୟ କାଳବୈଶାଖୀ ପ୍ରକୋପ ଅନୁଭୂତ ହେବ। ଏଭଳି କାଳବୈଶାଖୀର ପ୍ରଭାବ ଆସନ୍ତା ୧୫ ତାରିଖ ଯାଏଁ ଚାଲିବ ।

## ପୁଣି ଇସ୍କନର ମନମାନି: ଆମେରିକା ପରେ ଲଣ୍ଡନରେ ଇସ୍କନର ଅଦିନିଆ ସ୍ନାନଯାତ୍ରା

ନୂଆଦିଲ୍ଲୀ,୧୦/୫ : ପୁଣି ଅମାନିଆ ଇସ୍କନ। ଜଗନ୍ନାଥ ସଂସ୍କୃତିକୁ ପୁଣି କରିଛି ଅବମାନନା। ବାରମ୍ବାର ତାଗିଦ ସତ୍ତ୍ୱେ, ଖୋଲାଖୋଲି ନିୟମ ଭାଙ୍ଗୁଛି ଇସ୍କନ। ଅଦିନରେ ରଥଯାତ୍ରା ପରେ ଏବେ ଅତିଥିରେ ପାଳିଛି ସ୍ନାନଯାତ୍ରା। ଯାହାକୁ ନେଇ ଜଗନ୍ନାଥ ପ୍ରେମୀଙ୍କ ଭିତରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ପୁଣି ଜଗନ୍ନାଥ ସଂସ୍କୃତି ଓ ପରମ୍ପରା ସହ ଖେଳିଛନ୍ତି ଇସ୍କନ କର୍ତ୍ତୃପକ୍ଷ। ଆମେରିକା, ଅଷ୍ଟ୍ରେଲିଆ ପରେ ଏବେ ଲଣ୍ଡନରେ ଅଦିନିଆ ରଥଯାତ୍ରା ନେଇ ଚଳାଇଛି ପ୍ରସ୍ତୁତି। ରଥଯାତ୍ରା ପୂର୍ବରୁ ଅଦିନିଆ ସ୍ନାନଯାତ୍ରା ଆୟୋଜନ କରିଛି ଇସ୍କନ ଲଣ୍ଡନ। ୱାଟଫୋର୍ଡ ସହରରେ ମହାପ୍ରଭୁଙ୍କ ସ୍ନାନଯାତ୍ରା ପାଳନ କରିଛି। କେବଳ ସେତିକି ନୁହେଁ ଅତିଥିରେ ସ୍ନାନଯାତ୍ରା ସହ ଗଜାନନ ବେଶ ମଧ୍ୟ ଆୟୋଜନ କରିଛି। ବାରମ୍ବାର ତାଗିଦ ସତ୍ତ୍ୱେ, ପରମ୍ପରାକୁ ଭାଂଗି ସ୍ନାନଯାତ୍ରା ପାଳନ କରିଛି। ଇସ୍କନର ଏଭଳି ମନମାନିକୁ ନେଇ ଅସନ୍ତୋଷ ପ୍ରକାଶ କରିଛି ଶ୍ରୀ ଜଗନ୍ନାଥ ସୋସାଇଟି। ଶ୍ରୀମନ୍ଦିର ପ୍ରଶାସନ ଓ ଗଜପତି ମହାରାଜ ଉଦବେଗ ପ୍ରକାଶ କରିବା ପରେ ୨୦୨୫ରେ ଚିଠି ଲେଖି ଉତ୍ତର ରଖିଥିଲେ ଇସ୍କନ କର୍ତ୍ତୃପକ୍ଷ।


◆◆ପୃଷ୍ଠା ୭


## ବାଲିଅନ୍ତା ହତ୍ୟା ମାମଲାରେ ବଡ଼ କାର୍ଯ୍ୟାନୁଷ୍ଠାନ: ୪ ପୁଲିସ ଅଧିକାରୀ ନିଲମ୍ବିତ



ଭୁବନେଶ୍ୱର, ୧୦/୫ (ନି.ପ୍ର): ଭୁବନେଶ୍ୱର ପୋଲିସ ଭବନରେ ଗୁରୁତତ୍ୱପୂର୍ଣ୍ଣ ବୈଠକ ବସିଥିଲା। ବାଲିଅନ୍ତା ଘଟଣା ପରେ ଆକ୍ସନ ମୋଡ୍‌ରେ ଡିଜି। ପୋଲିସ ଭବନରେ କମିସେରେଟ୍ ପୋଲିସର ସମସ୍ତ ଆଇଆଇସିମାନଙ୍କୁ ନେଇ ଗୁରୁତ୍ୱପୂର୍ଣ୍ଣ ବୈଠକ ଆରମ୍ଭ କରିଛନ୍ତି। ବୈଠକରେ ପୋଲିସ ଡିଜିଙ୍କ ସମେତ ସିପି ଆଡିସନାଲ ସିପି ଓ ଡିସିପି ଉପସ୍ଥିତ ଥିଲେ। ବାଲିଅନ୍ତା ଘଟଣା ପରେ ଆଇନ ଶୃଙ୍ଖଳା ପରିସ୍ଥିତିର ସମୀକ୍ଷା। ଅନଲାଇନରେ ମଧ୍ୟ ଯୋଡ଼ି ହୋଇଛନ୍ତି ବିଭିନ୍ନ ଥାନାର ଆଇଆଇସି। ବାଲିଅନ୍ତା ହତ୍ୟା ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ ଆରମ୍ଭ କରିଛନ୍ତି। ବାଲିଅନ୍ତା ଥାନାରୁ ଆରମ୍ଭ କରି କ୍ରାଇମସ୍ପଟ୍ ଓ ସୌମ୍ୟଙ୍କ ଘରେ ପହଞ୍ଚି ପଚରାଉଚୁରା କରିଛି କ୍ରାଇମବ୍ରାଞ୍ଚ ଟିମ୍। ମୃତ ସୌମ୍ୟଙ୍କ ଘରେ ପହଞ୍ଚି ପରିବାର ଲୋକଙ୍କୁ ପଚରାଉଚୁରା କରାଯାଇଛି। ସେହିପରି ସେଦିନ ସୌମ୍ୟଙ୍କ ସାଥିରେ ଥିବା ବନ୍ଧୁ ଓମ୍‌ଙ୍କ ଘରେ ମଧ୍ୟ ପହଞ୍ଚି ଘଟଣା ଦିନ ସମ୍ପର୍କରେ ପଚରାଉଚୁରା ମଧ୍ୟ କରିଥିଲେ। କ୍ରାଇମବ୍ରାଞ୍ଚ ଟିମ୍ ସମେତ ସାଇଣ୍ଟିଫିକ୍ ଟିମ୍ ଓ ସାଇବର୍ ଟିମ୍ ମଧ୍ୟ ତଦନ୍ତରେ ସାମିଲ ହୋଇଛନ୍ତି। ସୌମ୍ୟ ହତ୍ୟା ମାମଲାରେ ବଡ଼ କାର୍ଯ୍ୟାନୁଷ୍ଠାନ। ନିଲମ୍ବିତ ହେଲେ ୪ ଜଣ ପୁଲିସ ଅଧିକାରୀ। ଜଣେ ଏସଆଇ , ଜଣେ ଏଏସଆଇ, ଜଣେ କନେଷ୍ଟବଳ ନିଲମ୍ବିତ। ଜଣେ ଓଏସିଏଫ୍ କର୍ମଚାରୀ ମଧ୍ୟ ନିଲମ୍ବିତ ହୋଇଛନ୍ତି। ୨ ଜଣ ହୋମଗାର୍ଡଙ୍କୁ ଚାକିରିରୁ ଅବ୍ୟାହତି ପାଇଁ ନୋଟିସ୍ ଦିଆଯାଇଛି। ଏହି ମାମଲାରେ ବାଲିଅନ୍ତା ଥାନା ଅଧିକାରୀଙ୍କୁ ବଦଳି କରାଯାଇଛି । ଥାନା ଅଧିକାରୀ ଅନିଲ ପରିଡ଼ାଙ୍କର ପୁଲିସ ମୁଖ୍ୟାଳୟକୁ ବଦଳି ହୋଇଛି। ବାଲିଅନ୍ତା ଥାନାର ନୂଆ ଆଇଆଇସି ଭାବେ ରଶ୍ମିତା ବେହେରାଙ୍କୁ ନିଯୁକ୍ତି ଦିଆଯାଇଛି।

## ହିମନ୍ତ ବିଶ୍ୱ ଶର୍ମା ହେବେ ଆସାମର ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ : ୧୨ରେ ଶପଥ ଗ୍ରହଣ

ନୂଆଦିଲ୍ଲୀ,୧୦/୫ : ହିମନ୍ତ ବିଶ୍ୱ ଶର୍ମା। ଆସାମର ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ହେବେ। ବିଜେପି ବିଧାୟକ ଦଳର ଏକ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି । ଜେ.ପି. ନଡ୍ଡା ଏହି ପଦବୀ ପାଇଁ ହିମନ୍ତ ବିଶ୍ୱ ଶର୍ମାଙ୍କ ନାମ ଘୋଷଣା କରିଛନ୍ତି। ମଇ ୧୨ ତାରିଖ ଦିନ ପୂର୍ବାହ୍ନ ୧୧:୦୦ ଟାରେ ହିମନ୍ତ ବିଶ୍ୱ ଶର୍ମା ତୃତୀୟ ଥର ପାଇଁ ଆସାମର ମୁଖ୍ୟମନ୍ତ୍ରୀ ଭାବରେ


◆◆ପୃଷ୍ଠା ୭




## ସରକାର ଗଠନ ପରେ ବି ପଶ୍ଚିମବଙ୍ଗରେ ହିଂସା ଜାରି

ନୂଆଦିଲ୍ଲୀ,୧୦/୫ : ନୂଆ ସରକାର ଗଠନ ପରେ ମଧ୍ୟ ପଶ୍ଚିମବଙ୍ଗରେ ହିଂସା ଥମିବାର ନା ଧରୁନି। ରାଜ୍ୟର ବିଭିନ୍ନ ସ୍ଥାନରୁ ହିଂସା ଏବଂ ରକ୍ତପାତର ଖବର ସମସ୍ତଙ୍କୁ ଚକିତ କରିଛି। ରାଜନୈତିକ ମହଲରେ ନୂତନ ନେତୃତ୍ୱ ବିଷୟରେ ଆଲୋଚନା ହେଉଥିବା ବେଳେ, ସାଧାରଣ ଲୋକମାନେ ଆତଙ୍କରେ ବଞ୍ଚିବାକୁ ବାଧ୍ୟ ହେଉଛନ୍ତି। ଏବେ ଟିଏମସି ନେତା ସହଦେବ ବାଗ୍‌ଙ୍କ ହତ୍ୟା ପରେ ପରିବେଶ ପୁଣି ଥରେ ଉଷ୍ମ ହୋଇଛି । ହୁଗଳିର ନକୁଣ୍ଡା ପଞ୍ଚାୟତର କୋଟା ଗାଁରୁ ସ୍ଥାନୀୟ ତୃଣମୂଳ କଂଗ୍ରେସ ନେତା ସହଦେବ ବାଗ୍‌ଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ଉଦ୍ଧାର କରାଯାଇଛି। ରିପୋର୍ଟ ଅନୁଯାୟୀ, ସହଦେବ ଶନିବାର ରାତିରୁ ନିଖୋଜ ଥିଲେ ଏବଂ ତାଙ୍କ ପରିବାର ତାଙ୍କୁ ଖୋଜୁଥିଲେ ।


◆◆ପୃଷ୍ଠା ୭


# ‘ସାଗରିକା’ ବିଷୁବ ସଂଖ୍ୟା ଉନ୍ମୋଚିତ

## ସାହିତ୍ୟର ସତ୍ ମୂଲ୍ୟାୟନ ହେବା ଉଚିତ

ବାଲେଶ୍ୱର, ୧୦/୫ (ନି.ପ୍ର): ସାମ୍ପ୍ରତିକ ସମୟରେ ସାହିତ୍ୟ କ୍ଷେତ୍ରରେ ଦେଖାଦେଉଥିବା ଅବକ୍ଷୟ ଏବଂ ଅସାହିତ୍ୟିକ ମନୋଭାବ ବିରୋଧରେ ସ୍ୱର ଉତ୍ତୋଳନ କରିବା ସହ ନବୀନ ଓ ପ୍ରବୀଣଙ୍କ ସମନ୍ୱୟରେ ଏକ ସୁସ୍ଥ ସାରସ୍ୱତ ବାତାବରଣ ସୃଷ୍ଟି କରିବା ପାଇଁ ସଂକଳ୍ପବଦ୍ଧ ହୋଇଥିବା ‘ସାଗରିକା’ ପତ୍ରିକାର ମହାବିଷୁବ ସଂଖ୍ୟା ବାଲେଶ୍ୱର ଜେଲରୋଡ଼ ନିକଟସ୍ଥ ଧ୍ୱନି ପ୍ରତିଧ୍ୱନି କାର୍ଯ୍ୟାଳୟରେ ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ଉଦଳା ପୌରପାଳିକାର ଅଧକ୍ଷା ଶ୍ରୀମତୀ ପ୍ରମିଳା ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ପତ୍ରିକାର ଉନ୍ମୋଚନ କରିଥିଲେ। ରୁପ୍ସା ନୀଳାମଣି ମହାବିଦ୍ୟାଳୟର ଅଧକ୍ଷ ତପନ କୁମାର ବେହେରା, ବିଶିଷ୍ଟ କବି ଶ୍ରୀଦେବ, ବିଜ୍ଞ ଆଇନଜୀବୀ ବିଜୟ ପାଣିଗ୍ରାହୀ, ବିଶିଷ୍ଟ ସାହିତ୍ୟିକ ଡ.ରାଧାରଞ୍ଜନ ପଟ୍ଟନାୟକ ଏବଂ ଯୁବ ଆଇନଜୀବି ରୋଜାଲିନ ପାଣିଗ୍ରାହୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସାହିତ୍ୟର ସୁରକ୍ଷା ଓ ପ୍ରସାର ଉପରେ ଗୁରୁତ୍ୱାରୋପ କରିଥିଲେ। ‘ସାଗରିକା’ର ସମ୍ପାଦିକା ସୈରିନ୍ଧ୍ରୀ ସାହୁ ଏବଂ ’ ପରିଚାଳନା ସମ୍ପାଦକ ସୃଷ୍ଟିଧର ପରିଡ଼ାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଉନ୍ମୋଚନ ପର୍ବ ଅନୁଷ୍ଠିତ ହୋଇ ଯାଇଛି। ଉତ୍ସବରେ ଆଲୋଚନା ପ୍ରସଙ୍ଗରେ ଅତିଥିମାନେ ସାମ୍ପ୍ରତିକ ସାହିତ୍ୟର ସ୍ଥିତିକୁ ନେଇ ଗଭୀର ଉଦ୍‌ବେଗ ପ୍ରକାଶ କରିଥିଲେ। ବକ୍ତାମାନେ କହିଥିଲେ ଯେ, ଆଜିର ସମୟରେ ସାହିତ୍ୟ କିଛି ଅ-ସାହିତ୍ୟିକ ବ୍ୟକ୍ତିଙ୍କ ହାତରେ ବନ୍ଧା ପଡ଼ିଛି । ସାହିତ୍ୟର ପ୍ରକୃତ ମୂଲ୍ୟବୋଧକୁ ବୁଝି ନଥିବା ଏବଂ କେବଳ ଆତ୍ମପ୍ରଚାରରେ ବ୍ୟସ୍ତ ଥିବା କିଛି ଗୋଷ୍ଠୀ ସାହିତ୍ୟିକ ମର୍ଯ୍ୟାଦାକୁ କ୍ଷୁଣ୍ଣ କରୁଛନ୍ତି। ସାହିତ୍ୟ ଜଗତରେ ଆଜି ‘କୁମ୍ଭୀର-ମାଙ୍କଡ଼’ ଖେଳ ଚାଲିଛି। ଛଳନା ଓ ସ୍ୱାର୍ଥପରତାର ଏହି ଖେଳ ସାହିତ୍ୟର ଶୁଦ୍ଧତାକୁ ନଷ୍ଟ କରୁଛି। ଯେଉଁମାନେ ପ୍ରକୃତ ସାହିତ୍ୟ ସାଧନା କରୁଛନ୍ତି, ସେମାନଙ୍କୁ କୋଣଠେସା କରାଯାଉଥିବା ବେଳେ ଅଯୋଗ୍ୟ ବ୍ୟକ୍ତିମାନେ ନିଜକୁ ପ୍ରତିଷ୍ଠିତ କରିବା ପାଇଁ ଅସାଧୁ ମାର୍ଗ ଆପଣାଉଛନ୍ତି। ଏହି ଧରଣର ଅନୈତିକ ପ୍ରତିଯୋଗିତା ବନ୍ଦ ହେବା ସହ ସାହିତ୍ୟର ସତ୍ ମୂଲ୍ୟାୟନ ହେବା ଉଚିତ ବୋଲି ସଭାରେ ମତ ପ୍ରକାଶ ପାଇଥିଲା। ଅତିଥିମାନେ ଆହୁରି ମଧ୍ୟ କହିଥିଲେ ଯେ ‘ସାଗରିକା’ ସବୁବେଳେ ନବୀନ ଓ ପ୍ରବୀଣଙ୍କ ମଧ୍ୟରେ ସର୍ଜନାର ସେତୁର ଦାୟିତ୍ୱ ନିର୍ବାହ କରିଆସୁଛି ।




◆◆ପୃଷ୍ଠା ୭


## କେରଳ କଂଗ୍ରେସରେ ମୁଖ୍ୟମନ୍ତ୍ରୀ ପଦକୁ ନେଇ ତୀବ୍ର ବିବାଦ: ରାହୁଲ ଗାନ୍ଧୀ କ୍ଷୁବ୍ଧ

ନୂଆଦିଲ୍ଲୀ,୧୦/୫ : କେରଳ ବିଧାନସଭା ନିର୍ବାଚନରେ ବିପୁଳ ବିଜୟ ସତ୍ତ୍ୱେ ମୁଖ୍ୟମନ୍ତ୍ରୀ ଚୟନକୁ ନେଇ କଂଗ୍ରେସ ଦଳରେ ଆଭ୍ୟନ୍ତରୀଣ କନ୍ଦଳ ଚରମ ସୀମାରେ ପହଞ୍ଚିଛି। ଏହି ସଙ୍କଟର ସମାଧାନ ପାଇଁ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼ଗେଙ୍କ ଦିଲ୍ଲୀ ବାସଭବନରେ ଏକ ତିନି ଘଣ୍ଟିଆ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ତେବେ ଏହି ବୈଠକରେ ତିନି ପ୍ରମୁଖ ଦାବିଦାର ଭି.ଡି. ସତୀଶନ, କେ.ସି. ବେଣୁଗୋପାଳ ଏବଂ ରମେଶ ଚେନ୍ନିଥାଲାଙ୍କ ମଧ୍ୟରେ କୌଣସି ସହମତି ହୋଇପାରିନାହିଁ। ବରିଷ୍ଠ ନେତା ରାହୁଲ ଗାନ୍ଧୀ କେରଳ କଂଗ୍ରେସର ଏହି ଗୋଷ୍ଠୀ କନ୍ଦଳକୁ ନେଇ ପ୍ରବଳ ଅସନ୍ତୋଷ ପ୍ରକାଶ କରିଥିବା ଜଣାପଡ଼ିଛି। ସେ ଚେତାଇ ଦେଇଛନ୍ତି ଯେ, ୟୁଡିଏଫ୍‌ର ଏହି ବଡ଼ ବିଜୟକୁ ଆଭ୍ୟନ୍ତରୀଣ କଳହ ଗୌଣ କରିଦେଉଛି। ବିପୁଳ ଜନମତ ପାଇବା ପରେ ମଧ୍ୟ ଏଭଳି ସର୍ବସାଧାରଣରେ ଚାପ ପ୍ରୟୋଗ କରିବା କୌଶଳ ଆଦୌ ଗ୍ରହଣୀୟ ନୁହେଁ ବୋଲି ସେ କହିଥିବା ଜଣାପଡ଼ିଛି। ବୈଠକରେ କେ.ସି. ବେଣୁଗୋପାଳ ନିଜ ପକ୍ଷ ରଖି କହିଥିଲେ ଯେ, କଂଗ୍ରେସ ବିଧାୟକ ଦଳର ୬୩ ଜଣ ବିଧାୟକଙ୍କ ମଧ୍ୟରୁ ୪୦ ଜଣଙ୍କ ସମର୍ଥନ ତାଙ୍କ ସହ ରହିଛି। ଅନ୍ୟପଟେ ରମେଶ ଚେନ୍ନିଥାଲା ନିଜର ବରିଷ୍ଠତାକୁ ଆଧାର କରି ମୁଖ୍ୟମନ୍ତ୍ରୀ ପଦ ପାଇଁ ଦାବି କରିଥିଲେ। ଭି.ଡି. ସତୀଶନ ୟୁଡିଏଫ୍ ସହଯୋଗୀ ଦଳ ଏବଂ ଜନମତ ତାଙ୍କ ସପକ୍ଷରେ ଥିବା ଦର୍ଶାଇଥିଲେ।




◆◆ପୃଷ୍ଠା ୭

# ଡକ୍ଟର ଅଶୋକ କୁମାର ପଣ୍ଡାଙ୍କର ସେଲ୍‌ର ଅଧ୍ୟକ୍ଷ ଏବଂ ପରିଚାଳନା ନିର୍ଦ୍ଦେଶକ ଭାବେ କାର୍ଯ୍ୟଭାର ଗ୍ରହଣ



ରାଉରକେଲା, ୧୦/୦୫ (ନି.ପ୍ର): ଡକ୍ଟର ଅଶୋକ କୁମାର ପଣ୍ଡା ଆଜି ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ୍ (ସେଲ) ର ଅଧ୍ୟକ୍ଷ ଏବଂ ପରିଚାଳନା ନିର୍ଦ୍ଦେଶକ ଭାବେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ସେ କମ୍ପାନୀର ନିର୍ଦ୍ଦେଶକ (ଅର୍ଥ) ଭାବେ କାର୍ଯ୍ୟରତ ଥିଲେ ଏବଂ ଏହି ସମୟ ମଧ୍ୟରେ ପ୍ରାୟ ନଅ ମାସ ପାଇଁ ତାଙ୍କ ପାଖରେ ନିର୍ଦ୍ଦେଶକ (ବାଣିଜ୍ୟିକ) ର ଅତିରିକ୍ତ ଦାୟିତ୍ୱ ମଧ୍ୟ ରହିଥିଲା।

ଡକ୍ଟର ପଣ୍ଡା ଇଲେକ୍ଟ୍ରିକାଲ୍ ଇଞ୍ଜିନିୟରିଂରେ ବି.ଇ. ସମାପ୍ତ କରିବା ପରେ, ୧୯୯୨ ମସିହାରେ ମ୍ୟାନେଜମେଣ୍ଟ ଟ୍ରେନି (ଟେକ୍ନିକାଲ୍) ଭାବରେ ସେଲ୍‌ରେ ନିଜର କ୍ୟାରିୟର ଆରମ୍ଭ କରିଥିଲେ। ବିଗତ ତିନି ଦଶନ୍ଧିରୁ ଅଧିକ ସମୟର ନିଜର ବିଶିଷ୍ଟ ସେବା, ଅଟଳ ନିଷ୍ଠା ଏବଂ ଦୃଢ଼ ସଂକଳ୍ପ ବଳରେ ସେ କମ୍ପାନୀ ମଧ୍ୟରେ ନେତୃତ୍ୱର ସର୍ବୋଚ୍ଚ ସ୍ତରରେ ପହଞ୍ଚିଛନ୍ତି। ସେ ବିଭିନ୍ନ ପ୍ଲାଣ୍ଟ ଏବଂ ୟୁନିଟ୍‌ଗୁଡ଼ିକରେ ବିବିଧ ଦାୟିତ୍ୱ ନିର୍ବାହ କରିଛନ୍ତି, ଯାହାଦ୍ୱାରା ତାଙ୍କୁ ପ୍ରଚାଳନ, ଆର୍ଥିକ ଏବଂ ବାଣିଜ୍ୟିକ କ୍ଷେତ୍ରରେ ବ୍ୟାପକ ଅଭିଜ୍ଞତା ପ୍ରାପ୍ତ ହୋଇଛି। ନିର୍ଦ୍ଦେଶକ (ଅର୍ଥ) ଭାବରେ ନିଜର କାର୍ଯ୍ୟକାଳ ମଧ୍ୟରେ, ଡକ୍ଟର ପଣ୍ଡା ପ୍ରଚାଳନ ଦକ୍ଷତା ଏବଂ ସାମଗ୍ରିକ ଲାଭଜନକତା ବୃଦ୍ଧି କରିବା ଉଦ୍ଦେଶ୍ୟରେ ଅନେକ ରଣନୈତିକ ପଦକ୍ଷେପର ନେତୃତ୍ୱ ନେଇଥିଲେ। ତାଙ୍କର ପ୍ରଚେଷ୍ଟାରେ ବୈଷୟିକ ପଦକ୍ଷେପକୁ ପ୍ରୋତ୍ସାହନ ଦେବା, ଉତ୍ପାଦ ବାସ୍କେଟ୍‌ର ସମ୍ପ୍ରସାରଣ ମାଧ୍ୟମରେ ଉତ୍ପାଦନ ସ୍ତର ବୃଦ୍ଧି କରିବା ଏବଂ ପ୍ରଚାଳନ, ବିକ୍ରୟ ଏବଂ ବିପଣନ, ମାନବ ସମ୍ବଳ ତଥା ଅର୍ଥ ସମ୍ବନ୍ଧୀୟ ପ୍ରମୁଖ ନୀତିଗୁଡ଼ିକର ଉନ୍ନତିକରଣ ଅନ୍ତର୍ଭୁକ୍ତ ଥିଲା।

ନିର୍ଦ୍ଦେଶକ (ବାଣିଜ୍ୟିକ) ଭୂମିକାରେ, ସେ ପ୍ରଚାଳନକୁ ବଜାର ଏବଂ ଆର୍ଥିକ ଲକ୍ଷ୍ୟ ସହିତ ଯୋଡ଼ିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ସେ ବିକ୍ରୟ ପରିମାଣ ବୃଦ୍ଧି କରିବା, ନେଟ୍ ସେଲ୍ସ ରିଅଲାଇଜେସନ୍ ରେ ସୁଧାର ଆଣିବା, ଇନଭେଣ୍ଟୋରୀ ସ୍ତର ହ୍ରାସ କରିବା ଏବଂ ଉତ୍ପାଦର ବ୍ରାଣ୍ଡିଂକୁ ମଜବୁତ କରିବା ଉପରେ ବିଶେଷ ଧ୍ୟାନ ଦେଇଥିଲେ।

ଜଣେ ଜନ-ଉନ୍ମୁଖ ନେତା ଭାବରେ, ଡକ୍ଟର ପଣ୍ଡା ତାଙ୍କର ସମାବେଶୀ ନେତୃତ୍ୱ ଶୈଳୀ ଏବଂ ଦୃଢ଼ କାର୍ଯ୍ୟନିର୍ବାହ ଦକ୍ଷତା ପାଇଁ ବ୍ୟାପକ ଭାବେ ପରିଚିତ। ଟିମ୍ ଗଠନ କରିବା ଏବଂ ପ୍ରଦର୍ଶନକୁ ଗତିଶୀଳ କରିବା ତାଙ୍କ କ୍ୟାରିୟରର ପ୍ରମୁଖ ବୈଶିଷ୍ଟ୍ୟ ରହିଛି। ସେଲ୍‌ର ସିଏମଡି ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଡକ୍ଟର ପଣ୍ଡା କମ୍ପାନୀର ତୁରନ୍ତ ପ୍ରାଥମିକତାଗୁଡ଼ିକୁ ରେଖାଙ୍କିତ କରି କହିଛନ୍ତି:

'ସେଲ୍ ଏହାର କ୍ଷମତାକୁ ବାର୍ଷିକ ୩୫ ମିଲିୟନ ଟନ୍ ପର୍ଯ୍ୟନ୍ତ ବୃଦ୍ଧି କରିବା ପାଇଁ ସମ୍ପ୍ରସାରଣର ପରବର୍ତ୍ତୀ ପର୍ଯ୍ୟାୟ ଆଡ଼କୁ ଅଗ୍ରସର ହେଉଛି। ସମ୍ପ୍ରସାରଣ ସହିତ ଆମର ସର୍ବୋଚ୍ଚ ପ୍ରାଥମିକତା ସମସ୍ତ କାର୍ଯ୍ୟସ୍ଥଳରେ ସୁରକ୍ଷା ନିଶ୍ଚିତ କରିବା ରହିବ। ନିଜର ବିକାଶ ଆକାଂକ୍ଷାକୁ ପୂରଣ କରିବା ପାଇଁ ଘରୋଇ ଖଣି ଖନନକୁ ପ୍ରୋତ୍ସାହନ ଦେବା ଏବଂ ବିଦେଶୀ ସମ୍ପତ୍ତିର ଅନୁସନ୍ଧାନ ଜରିଆରେ କଞ୍ଚାମାଲ ସୁରକ୍ଷାକୁ ମଜବୁତ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହେବ। ଏଥିସହିତ, ଆମେ ଭାଲ୍ୟୁ ଆଡେଡ୍ ଉତ୍ପାଦଗୁଡ଼ିକ ଉପରେ ଅଧିକ ଧ୍ୟାନ କେନ୍ଦ୍ରୀଭୂତ କରି ନିଜର ବଜାର ପହଞ୍ଚ ବଢ଼ାଇବା, ନିଜର ବ୍ରାଣ୍ଡ୍ ସଂଯୋଗକୁ ସୁଦୃଢ଼ କରିବା ଏବଂ ସମସ୍ତ ଅଂଶୀଦାରଙ୍କ ପାଇଁ ନିରନ୍ତର ମୂଲ୍ୟ ସୃଷ୍ଟି ନିଶ୍ଚିତ କରିବା ପାଇଁ ପ୍ରତିବଦ୍ଧ।'

## ବଲାଙ୍ଗୀର ସିଭିଲ୍ କୋର୍ଟଠାରେ ମାଗଣା ସ୍ୱାସ୍ଥ୍ୟ ଶିବିର

ବଲାଙ୍ଗିର, ୧୦/୦୫ (ନି.ପ୍ର): ଆଜି ୦୯.୦୫.୨୦୨୬ ଦିନ ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ର କନ୍ଧପାଲି ପଡା, ବଲାଙ୍ଗୀର ଯାହା ରାଜେନ୍ଦ୍ର ଯୁବକ ସଂଘ ଦ୍ୱାରା ପରିଚାଳିତ ତରଫରୁ ଏକ ଅଣ ସଂକ୍ରାମକ ରୋଗ ଚିହ୍ନଟ ସ୍ୱାସ୍ଥ୍ୟ ଶିବିର ସିଭିଲ କୋର୍ଟ ବଲାଙ୍ଗୀର ଠାରେ ଅନୁଷ୍ଠିତ ହୋଇଥିଲା। ଏହି ସ୍ୱାସ୍ଥ୍ୟ ଶିବିର ର ମୂଳ ଉଦ୍ଦେଶ୍ୟ ଅଣ ସଂକ୍ରାମକ ରୋଗ ର ଚିହ୍ନଟ ସହ, ମାଗଣା ରକ୍ତ ପରୀକ୍ଷା, ମାଗଣା ଔଷଧ, ଜୀବନ ଶୈଳୀ ଓ ଖାଦ୍ୟପେୟ ଉପରେ ପରାମର୍ଶ ଏବଂ ମାଗଣା ଡାକ୍ତର ସେବା ସହ ଡାକ୍ତର ପରାମର୍ଶ ସେବା ଯୋଗାଇ ଦିଆଯାଇଥିଲା । ଏହି ଶିବିର ରେ ସ୍ୱାସ୍ଥ୍ୟ କେନ୍ଦ୍ର ର ସମସ୍ତ ଷ୍ଟାଫ ଯୋଗ ଦେଇଥିଲେ। ଏହି ସ୍ୱାସ୍ଥ୍ୟ ଶିବିର ରେ ଡାକ୍ତର ନନ୍ଦ କିଶୋର ପାଢ଼ୀ ଓ ରାଜେନ୍ଦ୍ର ଯୁବକ ସଂଘ ର ପରିଚାଳକ ରାଜେନ୍ଦ୍ର ପାଣିଗ୍ରାହୀ ଯୋଗ ଦେଇଥିଲେ। ଏହି ସ୍ୱାସ୍ଥ୍ୟ ଶିବିର ଟିକୁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ କାର୍ଯ୍ୟାଳୟ ତରଫରୁ ଏ.ପି.ଏମ ରାମାନୁଜ ପଣ୍ଡା ଓ ୟୁ.ଡି.ଏମ ଅନିଲ କୁମାର ମହାକୁର ତଦାରଖ କରାଯାଇଛି। ଏହି ସ୍ୱାସ୍ଥ୍ୟ ଶିବିର ରେ ୮୦ ରୁ ଉର୍ଦ୍ଧ ସଂଖ୍ୟକ ରୋଗୀ ଚିକିତ୍ସା ଲାଭ କରିଥିଲେ । ଉକ୍ତ ସ୍ୱାସ୍ଥ୍ୟ ଶିବିର ଟି ସୁଚାରୁ ରୂପେ ପରିଚାଳିତ ହେଇଥିଲା।

# କନ୍ଧମାଳ ଜିଲ୍ଲା ବିଜେପି ମହିଳା ମୋର୍ଚ୍ଚା ସଭାନେତ୍ରୀ ହେଲେ ଉର୍ବଶୀ ଦିଗାଲ

କନ୍ଧମାଳ, ୧୦/୦୫ (ନି.ପ୍ର): ଭାରତୀୟ ଜନତା ପାର୍ଟି ତରଫରୁ ଓଡ଼ିଶା ପ୍ରଦେଶ ମହିଳା ମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ଶ୍ରୀମତୀ ଐଶ୍ୱର୍ଯ୍ୟା ବିଶ୍ୱାଳଙ୍କ ଅନୁମୋଦନ କ୍ରମେ କନ୍ଧମାଳ ଜିଲ୍ଲାର ନୂତନ ମହିଳା ମୋର୍ଚ୍ଚା ସଭାନେତ୍ରୀ ଭାବେ ଖଜୁରୀପଡ଼ା ଜିଲ୍ଲା ପରିଷଦ ସଭ୍ୟା ଶ୍ରୀମତୀ ଉର୍ବଶୀ ଦିଗାଲଙ୍କୁ ଚୟନ କରାଯାଇଛି। ଶ୍ରୀମତୀ ଦିଗାଲଙ୍କ ନେତୃତ୍ୱରେ କନ୍ଧମାଳ ଜିଲ୍ଲାରେ ମହିଳା ମୋର୍ଚ୍ଚା ସଂଗଠନ ଆହୁରି ସୁଦୃଢ ଓ ସକ୍ରିୟ ହେବ ବୋଲି ଦଳୀୟ ମହଲରେ ଆଶା ପ୍ରକାଶ ପାଇଛି। ତାଙ୍କର ଏହି ଚୟନ ପରେ ଶ୍ରୀମତୀ ଦିଗାଲ ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲ, ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ, ସାଂସଦଶ୍ରୀ ସୁକାନ୍ତ କୁମାର ପାଣିଗ୍ରାହୀ ଓ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଶ୍ରୀ ଉମା ଚରଣ ମଲ୍ଲିକ, ଜିଲ୍ଲା ସଭାପତି ଶ୍ରୀ ପଣ୍ଡିତ କୁମାର ବିଶିମାଝି, ରାଜ୍ୟ ସମ୍ପାଦକ ଶ୍ରୀ ଭଗବାନ ମହାନ୍ତି, ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଶ୍ରୀ ମାନ ଗୋବିନ୍ଦ ପ୍ରଧାନ, ଉପାଧ୍ୟକ୍ଷା ତଥା ପୂର୍ବତନ ମହିଳା ମୋର୍ଚ୍ଚା ସଭାନେତ୍ରୀ ଶ୍ରୀମତୀ କଳ୍ପନା କହଁର,ରାଜ୍ୟ ଅନୁସୂଚିତ ଜାତି ମୋର୍ଚ୍ଚା ଉପ ସଭାପତି ଶ୍ରୀ ରାମବିଶି ଦିଗାଲ, ଜିଲ୍ଲାର ସମସ୍ତ ନେତୃତ୍ୱ ଓ କର୍ମକର୍ତ୍ତାଙ୍କୁ ସାଧୁବାଦ ଜଣାଇଛନ୍ତି।ଏହି ନିଯୁକ୍ତି ଖବର ପ୍ରକାଶ ପାଇବା ପରେ କନ୍ଧମାଳ ଜିଲ୍ଲାର ଦଳୀୟ ମହଲ ତଥା ବିଭିନ୍ନ ମହଲରୁ ଶ୍ରୀମତୀ ଦିଗାଲଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନର ସୁଅ ଛୁଟିଛି। ନବ ନିଯୁକ୍ତ ଜିଲ୍ଲା ସଭାନେତ୍ରୀ ଶ୍ରମତୀ ଦିଗାଲ ୨୦୨୨ ପଂଚାୟତ ନିର୍ବାଚନ ସମୟରେ ବିରୋଧୀ ଦଳରେ ଥାଇ ଖଜୁରୀପଡା ୪ ନମ୍ବର ଜିଲ୍ଲା ପରିଷଦ ସଦସ୍ୟା ଭାବେ ତିନି ହଜାରରୁ ଅଧିକ ରେକର୍ଡ ସଂଖ୍ୟା ରେ ବିଜୟଲାଭ କରିବା ପରଠାରୁ ସର୍ବଦା ଜଣେ ଶୃଙ୍ଖଳିତ କାର୍ଯ୍ୟକର୍ତ୍ତା ଭାବେ ଜିଲ୍ଲାରେ ସମସ୍ତ ଦଳୀୟ କାର୍ଯ୍ୟକ୍ରମରେ ନିଜର ଉପସ୍ଥିତି ଜାହିର କରିଥିବା ବେଳେ ନିଜ ବ୍ଲକ ତଥା ଅନ୍ୟ ବ୍ଲକର ଅନେକ ସାମାଜିକ କାର୍ଯ୍ୟକ୍ରମ ଏବଂ ଆପଦ ବିପଦ ବେଳେ ପହଂଚି ଜନସାଧାରଣଙ୍କ ମଧ୍ୟରେ ନିଜର ଏକ ସ୍ୱତନ୍ତ୍ର ସ୍ଥାନ ତିଆରି କରିପାରିଛନ୍ତି । ପୂର୍ବରୁ ରାଜ୍ୟ ଅନୁସୂଚିତ ଜାତି ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା, ରାଜ୍ୟ ପରିଷଦ ସଦସ୍ୟା ଭଳି ଦାୟିତ୍ୱ ତୁଲାଇଥିବା ଶ୍ରୀମତୀ ଦିଗାଲ ଭାରତୀୟ ଜନତା ପାର୍ଟି ତୃଣମୂଳ ସ୍ତରର ଜଣେ କାର୍ଯ୍ୟକର୍ତ୍ତାଙ୍କୁ ଯେଉଁ ଗୁରୁଦାୟିତ୍ୱ ପ୍ରଦାନ କରିଛି ତାକୁ ପାଥେୟ କରି ଦଳର ସଂଗଠନ ଏବଂ ମହିଳାଙ୍କ କ୍ଷେତ୍ରରେ ଯେତେବେଳେ ଯାହା ଆବଶ୍ୟକ ହେବ ନିଶ୍ଚିତ ମୁଁ ଜନସାଧାରଣଙ୍କ ସ୍ୱର ହୋଇ କାର୍ଯ୍ୟ କରିବି ବୋଲି ଗଣମାଧ୍ୟମକୁ ସୂଚନା ଦେବା ସହ ଜିଲ୍ଲା ଏବଂ ରାଜ୍ୟର ସମସ୍ତ ନେତୃତ୍ୱଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି ।

# ଘଡ଼ାଇ ଶିକ୍ଷା ସଂସ୍ଥାନରେ ଦଶମ ଶ୍ରେଣୀ କୃତି ଛାତ୍ରଛାତ୍ରୀ ସମ୍ବର୍ଦ୍ଧିତ

ମାଲକାନଗିରି, ୧୦/୦୫ (ନି.ପ୍ର): ଘଡ଼ାଇ ଶିକ୍ଷା ସଂସ୍ଥାନର ସଂସ୍ଥାପକ ତଥା ପରିଚାଳନା ନିର୍ଦ୍ଦେଶକ ଡଃ ସୁରେଶ ଚନ୍ଦ୍ର ଘଡ଼ାଇଙ୍କ ସଭାପତିତ୍ୱରେ ଆଜି ଯୁକ୍ତ ଦୁଇ ବିଜ୍ଞାନ ବିଭାଗର ନୂତନ କ୍ୟାମ୍ପସ୍ ପରିସର ମଧ୍ୟରେ ଦଶମ ଶ୍ରେଣୀ ସି.ବି.ଏସ.ଇ, ଆଇ.ସି.ଏସ.ଇ ଓ ଓଡ଼ିଶା ବୋର୍ଡ଼ ପରୀକ୍ଷାର ଅଶୀପ୍ରତିଶତରୁ ଅଧିକ ନମ୍ବର ହାସଲ କରିଥିବା ୭୦ଜଣ ମେଧାବୀକୃତି ଛାତ୍ର ଛାତୀଙ୍କୁ ଘଡ଼ାଇ ଶିକ୍ଷା ସଂସ୍ଥାନ ତରଫରୁ ସମ୍ବର୍ଦ୍ଧିତ କରାଯାଇଛି। ଏଥିରେ ମାଲକାନଗିରିର ବିଧାୟକ, ନରସିଂହ ମାଡ଼କାମୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଜିଲ୍ଲାର ବିଭିନ୍ନ ବ୍ଲକର ଶିକ୍ଷାନୁଷ୍ଠାନରୁ ନିମନ୍ତ୍ରିତ ହୋଇଥିବା ୭୦ଜଣ ମୋଧାବୀ ଛାତ୍ରଛାତ୍ରୀ ଓ ଉଚ୍ଚବିଦ୍ୟାଳୟ,କୋଚିଂ କେନ୍ଦ୍ରର ୧୦ ଜଣ ଶିକ୍ଷକଶିକ୍ଷୟିତ୍ରୀଙ୍କୁ ସେମାନଙ୍କ ଉତ୍ସର୍ଗୀକୃତ କାର୍ଯ୍ୟପାଇଁ ମାନପତ୍ର, ପୁଷ୍ପଗୁଚ୍ଛ ଓ ଉପହାର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଭାଗିରଥି ବେହେରା, ସମ୍ମାନିତ ଅତିଥିଭାବେ ମାଲକାନଗିରି ମହାବିଦ୍ୟାଳୟର ବାଣିଜ୍ୟ ବିଭାଗ ଅଧ୍ୟାପକ ଡ଼ଃ ରଞ୍ଜନ କୁମାରସ୍ୱାଇଁ ଓ ସରସ୍ୱତୀ ଶିଶୁବିଦ୍ୟାମନ୍ଦିର ମାଲକାନଗିରିର ସଭାପତି ରବୀନ୍ଦ୍ର କୁମାର ମହାରଣା ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ମଂଚାସୀନ ଅତିଥିଗଣ ଜଗନ୍ନାଥଙ୍କ ବିଗ୍ରହରେ ଧୂପଦୀପ ଓ ମାଲ୍ୟାର୍ପଣ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ।ମହାବିଦ୍ୟାଳୟର ଛାତ୍ରୀଗଣ ସ୍ୱାଗତ ସଙ୍ଗୀତ ଗାନ କରିବାପରେ ଯୁକ୍ତ ଦୁଇ ବିଜ୍ଞାନ ମହାବିଦ୍ୟାଳୟର ଅଧ୍ୟକ୍ଷ ସତ୍ୟବ୍ରତ ସାମଲ ଅତିଥି ପରିଚୟ ଓ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ମଂଚାସୀନ ଅତିଥିଗଣ କୃତ ଛାତ୍ରଛାତ୍ରୀଙ୍କ ପରିଶ୍ରମ ଓ ଅଧ୍ୟବସାୟକୁ ପ୍ରଶଂସା କରି ଆଗାମୀଦିନରେ ସେମାନଙ୍କର ଭବିଷ୍ୟତ କିପରି ଉଜ୍ଜ୍ୱଳମୟ ହୋଇ ପାରିବ ସେ ସମ୍ପର୍କରେ ମାର୍ଗଦର୍ଶନ ଦେଇଥିଲେ । ଶିକ୍ଷା ସଂସ୍ଥାନର ପରିଚାଳନା ନିର୍ଦ୍ଦେଶକ ଡ଼ଃ ସୁରେଶ ଚନ୍ଦ୍ର ଘଡ଼ାଇ ଶିକ୍ଷା ସଂସ୍ଥାନରେ ଥିବା ବିଭିନ୍ନ ସୁବିଧାସୁଯୋଗ, ଅତ୍ୟାଧୁନିକ ଶ୍ରେଣୀଗୃହ, ସ୍ମାର୍ଟ କ୍ଲାସ, ଲାଇବ୍ରେରୀ, ବିଜ୍ଞାନାଗାର, ଆଇଟି ଲ୍ୟାବ, ଅନୁଭବ ଅଧ୍ୟାପକ, ଅଧ୍ୟାପିକା, ବିଗତ ବର୍ଷ ଗୁଡ଼ିକରେ ମହାବିଦ୍ୟାଳୟର ପାସହାର, ବିଭିନ୍ନ ସର୍ବ ଭାରତୀୟ ପରୀକ୍ଷାରେ ଛାତ୍ରଛାତ୍ରୀମାନଙ୍କର କୃତିତ୍ୱ ଓ ଗରିବ ମେଧାବୀ ଛାତ୍ରଛାତ୍ରୀଙ୍କୁ ମାଗଣା ଶିକ୍ଷାଦାନ ଭଳି ଅନେକ ଆକର୍ଷଣୀୟ ପ୍ରୋତ୍ସାହନ ଓ ଯୋଜନା ସଂପର୍କରେ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କୁ ଅବଗତ କରାଇଥିଲେ। ଡଃ ଘଡ଼ାଇଙ୍କ ପୂର୍ବ ପ୍ରତିଶ୍ରୁତି ଓ ଘୋଷଣା ଅନୁଯାୟୀ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ମାଲକାନଗିରିର କୃତି ଛାତ୍ରୀ ଆରାଧନ ପଟ୍ଟନାୟକ ଚଳିତ ବର୍ଷ ଦଶମ ବୋର୍ଡ଼ ପରୀକ୍ଷାରେ ବିଦ୍ୟାଳୟ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ସର୍ବୋଚ୍ଚ ନମ୍ବର ୫୪୪ ରଖି ଏ-୧ ପାଇଥିବାରୁ ତାଙ୍କୁ ପାଂଚହଜାର ନଗଦ ଅର୍ଥପ୍ରଦାନ କରି ସମ୍ମାନୀତ କରିଥିଲେ। ପରିଶେଷରେ ଘଡ଼ାଇ ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ସୁଧାକର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।ମହାବିଦ୍ୟାଳୟର ସମସ୍ତ ବିଭାଗର ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀମାନେ କାର୍ଯ୍ୟକ୍ରମରେ ସହଯୋଗ ପ୍ରଦାନ କରିଥିଲେ।

# ନିଖିଳ ଉତ୍କଳ ବିଶ୍ୱକର୍ମା ସମିତି ପକ୍ଷରୁ ରଥ କାରିଗରଙ୍କୁ ସମ୍ମାନ

ପୁରୀ,,୯ ମଇ (ହି.ସ.) ନିଖିଳ ଉତ୍କଳ ବିଶ୍ୱକର୍ମା ସମିତି ପକ୍ଷରୁ ରଥ ଖଳାରେ ରଥ ନିର୍ମାଣକାରୀ ସେବକ ମାନଙ୍କୁ ଉତ୍ତରୀୟ ପ୍ରଦାନ କରି ଶନିବାର ପୁର୍ବାହ୍ନରେ ସମ୍ମାନିତ କରାଯାଇଥିଲା । ସମିତିର ରାଜ୍ୟ ସଭାପତି ସୂର୍ଯ୍ୟନାରାୟଣ ମହାରଣା ଓ ରାଜ୍ୟ ସମ୍ପାଦକ ମନୋରଞ୍ଜନ ମହାରଣାଙ୍କ ଦ୍ୱାରା ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସମିତି ପକ୍ଷରୁ ଭୁବନେଶ୍ୱର ମାଷ୍ଟର କ୍ୟାଂଟିନ ସ୍ଥିତ ବୁଲନଭାଇ ସେବା ଭବନ ଠାରେ ମେ ୩ ତାରିଖରେ ଅନୁଷ୍ଠିତ ହୋଇଥିବା ବାର୍ଷିକ ଅଧିବେଶନର ନିଷ୍ପତ୍ତି ନିଆଯାଇଥିଲା ଯେ ମେ ୯ ତାରିଖ ଭଉଁରୀ ଦିନ ରଥ ଖଳାରେ ନିୟୋଜିତ ସେବକ ମାନଙ୍କୁ ସମ୍ମାନିତ କରାଯିବ । ନିଖିଳ ଉତ୍କଳ ବିଶ୍ୱକର୍ମା ସମିତିର ଉକ୍ତ କାର୍ଯ୍ୟକ୍ରମକୁ ପୁରୀ ନଗର କମିଟି ଦ୍ୱାରା ଆୟୋଜିତ କରା ଯାଇଥିଲା । ଏହି କାର୍ଯ୍ୟକ୍ରମରେ ରାଜ୍ୟ ଉପଦେଷ୍ଟା ଦୟାନିଧି ମହାରଣା, ସହ ସମ୍ପାଦକ ଭାଗିରଥି ମହାରଣା, ସଂଗଠନ ସମ୍ପାଦକ ଗୋବର୍ଦ୍ଧନ ମହାରଣା, ରାଜ୍ୟ କୋଷାଧକ୍ଷ ଗୁରୁଚରଣ ସୁତାର, ଅଖିଳ ଭାରତୀୟ ବିଶ୍ୱକର୍ମା ମହାସଭାର ରାଜ୍ୟ ମହିଳା ଅଧ୍ୟକ୍ଷ ଆଡଭୋକେଟ ସୁମତି ମହାରଣା ଓ କେନ୍ଦ୍ରୀୟ କାର୍ଯ୍ୟକାରି ସଭ୍ୟ ବିଶ୍ୱନାଥ ମହାରଣା, ସୁଦର୍ଶନ ମହାରଣା,ଗଙ୍ଗାଧର ମହାରଣା, ପୁରୀ ଜିଲ୍ଲା କମିଟି ଉପ ସଭାପତି ଦେବରାଜ ମହାରଣା , ସମ୍ପାଦକ ନରହରି ଓଝା, ପ୍ରମୋଦ ମହାରଣା, ନଗର କମିଟି ସଭାପତି ହୃଷୀକେଶ ମହାରଣା, ବିଶ୍ୱନାଥ ମହାରଣା, ନାରାୟଣ ମହାରଣା, ସୁଶାନ୍ତ ମହାରଣା, ଚିତ୍ରସେନ ମହାରଣା, ରମେଶ ମହାରଣା, ଚନ୍ଦନ ମହାରଣା, କାଳୁ ମହାରଣା, କୁମାରୀ ଛବିରାଣି ମହାରଣା, କୁମାରୀ ଶର୍ମିଳା ମହାରଣା, କଟକ ନଗର କମିଟିରୁ ସୁବାସ ମହାରଣା, ଜୟନ୍ତ ମହାରଣା,ନୟାଗଡ ସହ ସମ୍ପାଦକ ବିଜୟ ମହାରଣା, ଭୁବନେଶ୍ୱରରୁ ପ୍ରମୋଦ କୁମାର ଓଝା ପ୍ରମୁଖ ଉପସ୍ଥିତ ରହିଥିଲେ ।

# ଫୁଲବାଣୀରେ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ

କନ୍ଧମାଳ, ୧୦/୦୫ (ନି.ପ୍ର): କନ୍ଧମାଳ ଜିଲ୍ଲା ଆଇନସେବା ପ୍ରାଧିକରଣ ଆନୁକୁଲ୍ୟରେ ଜିଲ୍ଲା କୋର୍ଟ ପରିସରରେ ଏବଂ ତାଲୁକ୍ ସ୍ତରୀୟ ବିଚାର ବିଭାଗୀୟ କୋର୍ଟ ପରିସରରେ ଆଜି ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ-୨୦୨୬ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ରାଷ୍ଟ୍ରୀୟ ଲୋକ ଅଦାଲତରେ ପ୍ରାକ ମକଦ୍ଦମା ମାମଲା ଗୁଡିକ ମଧ୍ୟରୁ ୧୧ ଟି ଅର୍ଥ ଅସୁଲି ମାମଲାର ବିଚାର କରାଯାଇ ୭ ଲକ୍ଷ ୩୫ ହଜାର ୪୬୨ ଟଙ୍କା ଆଦାୟ କରାଯାଇଛି, ୯୯୮ ଟି ଟ୍ରାଫିକ ଚାଲାଣ ସମ୍ବନ୍ଧୀୟ ମାମଲା ବିଚାର କରାଯାଇ ୩୪ ଲକ୍ଷ ୯୪ ହଜାର ୩୭ ଟଙ୍କା, ଗୋଟିଏ ଶ୍ରମ ବିବାଦ ସମ୍ବନ୍ଧୀୟ ମାମଲାର ବିଚାର କରାଯାଇ ୨୧ ଲକ୍ଷ ୮୯ ହଜାର ୪୦୦ ଟଙ୍କା ଆଦାୟ କରାଯାଇଛି, ୬ ଟି ବିଦ୍ୟୁତ ମାମଲା ବିଚାର କରାଯାଇ ୧ ଲକ୍ଷ ୩୭ ହଜାର ୬୫୯ ଟଙ୍କା, ୧୪ ଟି ବି.ଏସ.ଏନ.ଏଲ ମାମଲା ବିଚାର କରାଯାଇ ୨୪ ହଜାର ୬୨୦ ଟଙ୍କା ଆଦାୟ କରାଯାଇଛି ଏବଂ ୫ ଟି ସ୍ଥାୟୀ ଲୋକ ଅଦାଲତର ଲୋକ ଉପଯୋଗୀ ସେବା ସମ୍ବନ୍ଧୀୟ ମାମଲାର ବିଚାର କରାଯାଇଛି ।

ସେହିପରି, ଅଦାଲତରେ ବିଚାରଧିନ ମାମଲା ଗୁଡିକ ମଧ୍ୟରୁ ଗୋଟିଏ ମୋଟରଯାନ ଦୁର୍ଘଟଣା ଜନିତ କ୍ଷତି ପୂରଣ ମାମଲାରେ ୧୦ ଲକ୍ଷ ଟଙ୍କା, ୨ ଟି ଏନ.ଆଇ ଆକ୍ଟ ମାମଲାର ବିଚାର କରାଯାଇ ୧ ଲକ୍ଷ ୬୨ ହଜାର ୬୩୧ ଟଙ୍କା ଆଦାୟ କରାଯାଇଥିବା ବେଳେ ଗୋଟିଏ ଅର୍ଥ ଅସୁଲି ମାମଲାର ବିଚାର କରାଯାଇଛି । ଏତଦସହିତ ୫ ଗୋଟି ବୈବାହିକ ବିବାଦ ଫୈସଲା କରାଯାଇ ୩ ଲକ୍ଷ ୩ ହଜାର ୬୩୦ ଟଙ୍କା, ୨୬୩୪ ଗୋଟି ରାଜସ୍ୱ ମାମଲା ବିଚାର କରାଯାଇ ୪୨ ହଜାର ୨୫୨ ଟଙ୍କା ଆଦାୟ କରାଯାଇଛି, ଗୋଟିଏ ଶ୍ରମ ବିବାଦ ସମ୍ବନ୍ଧୀୟ ମାମଲାର ବିଚାର କରାଯାଇ ୨୯ ହଜାର ୯୦୦ ଟଙ୍କା, ୨ ଟି ଫୌଜଦାରୀ ସାଲିସ ଯୋଗ୍ୟ, ଗୋଟିଏ ଦେୱାନୀ ମାମଲା ଏବଂ ୨୯ ଟି ଫୌଜଦାରୀ ମାମଲା ବିଚାର କରାଯାଇଛି ଏବଂ ୨୨ ଟି ଖାଉଟି ବିବାଦ ସମ୍ବନ୍ଧୀୟ ମାମଲା ବିଚାର କରାଯାଇ ୪୭ ଲକ୍ଷ ୪୨ ହଜାର ୫୯୧ ଟଙ୍କା ଆଦାୟ କରାଯାଇଛି । ଆଜିର ଏହି ଲୋକ ଅଦାଲତରେ ପ୍ରାକ ମକଦ୍ଦମା ମାମଲାଗୁଡିକ ମଧ୍ୟରୁ ୧୦୩୫ ଟି ଓ ଅଦାଲତରେ ବିଚାରାଧିନ ମାମଲାଗୁଡିକ ମଧ୍ୟରୁ ୨୬୯୮ ଟି ମାମଲା ଫୈସଲା କରାଯାଇଛି । ମାନନୀୟ ଜିଲ୍ଲା ଜଜ୍ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣ ର ଅଧ୍ୟକ୍ଷ ରାମ ଶଙ୍କର ହୋତା, ପରିବାର ଅଦାଲତ ବିଚାରପତି ଶ୍ରୀମତୀ ରୂପଶ୍ରୀ ଚୌଧୁରୀ, ସ୍ଥାୟୀ ଲୋକ ଅଦାଲତ ଅଧ୍ୟକ୍ଷ ଦୋଳଗୋବିନ୍ଦ ବାରିକ, ମୁଖ୍ୟ ବିଚାର ବିଭାଗୀୟ ବିଚାରପତି ଶ୍ରୀମତୀ ବନାଲି ତ୍ରିପାଠୀ, ମହିଳା ଅଦାଲତ ବିଚାରପତି ଶ୍ରୀମତୀ ସ୍ୱପ୍ନା ସାଗରିକା ମିଶ୍ର, ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ରମାକାନ୍ତ ମହାନ୍ତି , ଏସ.ଡି.ଯେ.ଏମ. ଶ୍ରୀମତୀ ସୌମ୍ୟା ସୋନାଲିକା, ଜେ.ଏମ୍.ଏଫ.ସି, (ଏଲ.ଆର ଆଣ୍ଡ ଏଲ.ଟି.ଭି) ଶ୍ରୀ ବଦ୍ରିନାରାୟଣ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି ମାମଲା ଗୁଡିକର ବିଚାର କରିଥିଲେ ।

## ବରଯାତ୍ରୀ ଗାଡ଼ି ଓଲଟି ୮ ଆହତ

ବାରିପଦା, ୧୦/୦୫ (ନି.ପ୍ର): ବରଯାତ୍ରୀଙ୍କୁ ନେଇ ଫେରୁଥିବା ବୋଲେରୋ ଗାଡ଼ିକୁ ଧକ୍କା ଦେଲା କଂଟେନର । ମୟୂରଭଞ୍ଜ ଜିଲ୍ଲା ବେତନଟୀ ଥାନା ଅନ୍ତର୍ଗତ ନଣ୍ଡାଶୋଳ ନିକଟରେ ଗତକାଲି ବିଳମ୍ବିତ ରାତିରେ ଘଟିଛି ଏହି ଦୁର୍ଘଟଣା । ଫଳରେ ବରଯାତ୍ରୀ ଗାଡ଼ି ଓଲଟି ୮ ଜଣ ଆହତ ହୋଇଛନ୍ତି । ସମସ୍ତ ଆହତଙ୍କୁ ବାରିପଦା ମେଡିକାଲରେ ଭର୍ତ୍ତି କରାଯାଇଛି । ସୂଚନା ଅନୁଯାୟୀ, ବରଯାତ୍ରୀ ମାନେ ବୋଲେରୋ ଗାଡ଼ିରେ ଫେରୁଥିବା ବେଳେ, ଏକ କଂଟେନର ପଛପଟୁ ଧକ୍କା ଦେଇଥିଲା । ଯାହାଦ୍ୱାରା ଭାରସାମ୍ୟ ହରାଇ ବୋଲେରୋଟି ରାସ୍ତା କଡ଼କୁ ଓଲଟି ପଡିଥିଲା । ଖବର ପାଇ ଘଟଣାସ୍ଥଳରେ ବେତନଟୀ ପୋଲିସ ପହଁଚି ସମସ୍ତ ଆହତଙ୍କୁ ଉଦ୍ଧାର କରି ମେଡିକାଲ ପଠାଇଛି । ଦୁର୍ଘଟଣାଗ୍ରସ୍ତ ଗାଡି ଦୁଇଟିକୁ ଜବତ କରି ତଦନ୍ତ ଜାରି ରଖିଛି ।

# ଝାରସୁଗୁଡା ଜିଲ୍ଲା ପ୍ରଶାସନ ପକ୍ଷରୁ ଆନ୍ତର୍ଜାତୀୟ ରେଡକ୍ରସ ଦିବସ ପାଳିତ

ଝାରସୁଗୁଡା , ୧୦/୦୫ (ନି.ପ୍ର): ଜିଲ୍ଲା ପ୍ରଶାସନ ତଥା ଜିଲ୍ଲା ରେଡକ୍ରସ ପକ୍ଷରୁ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଜିଲ୍ଲା ଖଣିଜ ପାଣ୍ଠି ପ୍ରେକ୍ଷାଗୃହରେ ଆନ୍ତର୍ଜାତୀୟ ରେଡକ୍ରସ ଦିବସ ଉଦଯାପିତ ହୋଇଯାଇଛି। ଚଳିତ ବର୍ଷର ମୂଳ ବିଷୟବସ୍ତୁ ଥିଲା — "ମାନବତାରେ ଏକତା"।

କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ ) ବ୍ରଜବନ୍ଧୁ ଭୋଇ ଯୋଗଦେଇ ରେଡକ୍ରସର ସେବାମୂଳକ କାର୍ଯ୍ୟ, ତ୍ୟାଗ ଓ କରୁଣାର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ମାନସିକତାରେ ପରିବର୍ତ୍ତନ ଆଣି ନିସ୍ୱାର୍ଥପର ସେବା ମନୋଭାବ ଗଢ଼ି ତୋଳିବା ସହ ସମାଜର ପ୍ରତ୍ୟେକ ଲୋକଙ୍କ ପ୍ରତି ସହାୟତାର ହାତ ବଢ଼ାଇବା ଆବଶ୍ୟକ ବୋଲି ସେ ମତବ୍ୟକ୍ତ କରିଥିଲେ କ୍ଷଏହି ଅବସରରେ ସେ ରେଡକ୍ରସର ଇତିହାସ, ମାନବ ସେବା ଓ ସମାଜ ପ୍ରତି ଏହାର ଅବଦାନ ସମ୍ପର୍କରେ ମଧ୍ୟ ଆଲୋଚନା କରି ଉଦାହରଣ ମାଧ୍ୟମ ରେ ସମସ୍ତଙ୍କୁ ସେବାମୂଳକ କାର୍ଯ୍ୟରେ ସାମିଲ ହେବା ପାଇଁ ଆହ୍ୱାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପ୍ରଦୀପ କୁମାର ନନ୍ଦ ଯୋଗଦେଇ ନିସ୍ୱାର୍ଥପର ସେବାଭାବ ଗଢ଼ି ତୋଳିବା ସହ ମନରେ ଦୟା ଓ କରୁଣା ଜାଗୃତ କରି ସମସ୍ତଙ୍କୁ ସହଯୋଗ କରିବାକୁ ଆହ୍ୱାନ ଜଣାଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁନନ୍ଦ ମହାରଣା ଯୋଗଦେଇ ନିଜ ସ୍ତରରେ ସମାଜସେବା କାର୍ଯ୍ୟ କରିବା ସହ ସାଧାରଣ ଲୋକଙ୍କ ଅଭିଯୋଗ ଓ ସମସ୍ୟାର ସମାଧାନରେ ସହଯୋଗୀ ହେବା ପାଇଁ ଆହ୍ୱାନ କରିଥିଲେ। ସହକାରୀ ଜିଲ୍ଲାପାଳ, (ରେଡକ୍ରସ ଶାଖା ) ମୃତ୍ୟୁଞ୍ଜୟ ଶବର ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ଦିବସର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରିତାକାନ୍ତି ବଳିୟାର ସିଂହ ଧନ୍ୟବାଦ ଜ୍ଞାପନ କରିଥିଲେ। ଏହି ଅବସରରେ ରେଡକ୍ରସ ସଂଗଠନର ଇତିହାସ ଓ କାର୍ଯ୍ୟଧାରା ସମ୍ପର୍କରେ ମଧ୍ୟ ଆଲୋଚନା କରାଯାଇଥିଲା। ୧୮୬୩ ମସିହାରେ ସ୍ଥାପିତ ଏହି ସଂଗଠନ ବିପଦ ସମୟରେ ମାନବ ସେବା, ରକ୍ତଦାନ, ସ୍ୱାସ୍ଥ୍ୟ ସଚେତନତା ଓ ଦୁର୍ବଳ ଲୋକଙ୍କ ସହାୟତାରେ ସଦାସର୍ବଦା ଅଗ୍ରଣୀ ଭୂମିକା ଗ୍ରହଣ କରିଆସୁଛି ବୋଲି ଉପସ୍ଥିତ ସଦସ୍ୟ ଓ ସଦସ୍ୟାମାନେ ମତବ୍ୟକ୍ତ କରିଥିଲେ। ରେଡକ୍ରସର ମୂଳ ଲକ୍ଷ୍ୟ ହେଉଛି ମାନବତାର ସେବା ଓ ଦୁଃଖିତ ଲୋକଙ୍କୁ ସହାୟତା ପ୍ରଦାନ କରିବା। ଏହାର ମୂଳ ନୀତି — ମାନବତା, ନିଷ୍ପକ୍ଷତା, ନିରପେକ୍ଷତା, ସ୍ୱାଧୀନତା, ସ୍ୱେଚ୍ଛାସେବା, ଏକତା ଓ ସାର୍ବଭୌମତା ବିଷୟରେ ସମସ୍ତଙ୍କୁ ଅବଗତ କରାଯାଇଥିଲା। ଏଥିସହ ସମସ୍ତଙ୍କୁ ସମାଜସେବା ଓ ରକ୍ତଦାନ ପ୍ରତି ଆଗ୍ରହୀ ହେବା ପାଇଁ ଆହ୍ୱାନ କରାଯାଇଥିଲା।

# ସହୀଦ ଲକ୍ଷ୍ମଣ ନାୟକଙ୍କ ସ୍ମୃତି ମନ୍ଦିର ଉଦ୍‌ଘାଟିତ

ମାଲକାନଗିରି , ୧୦/୦୫ (ନି.ପ୍ର): ଆଜି ମାଲକାନଗିରି ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ମାଥିଲି ସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ, ଓଡ଼ିଶାର ବିଖ୍ୟାତ ସମାଜ ସଂସ୍କାରକ,ବିଶ୍ୱ ପ୍ରେମୀ ପଦ୍ମଶ୍ରୀ ବଳିଆ ବାବାଙ୍କ ମାର୍ଗ ଦର୍ଶନରେ ମାଲକାନଗିରି ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ସାଧାରଣ ସୋମନାଥ ପ୍ରଧାନଙ୍କ କରକମଳରେ, ମାଲକାନଗିରି ମାଟିର ଅମର ସନ୍ତାନ ସହୀଦ ଲକ୍ଷ୍ମଣ ନାୟକଙ୍କ ସ୍ମୃତି ମନ୍ଦିର ଉଦଘାଟିତ ହୋଇଯାଇଛି। ଏହି ଅନୁଷ୍ଠାନରେ ବାବା ବଳିଆ ଆଭାସୀ ମାଧ୍ୟମରେ ଓଡ଼ିଶା ବାସୀଙ୍କୁ ସହୀଦ ଲକ୍ଷ୍ମଣ ନାୟକଙ୍କ ସାହସିକତା, ଦେଶପ୍ରେମ, ତ୍ୟାଗ ଓ ସମର୍ପଣ ମନୋଭାବ ଠାରୁ ପ୍ରେରଣା ଲାଭ କରି, ଓଡ଼ିଶା ତଥା ଭାରତର ଉନ୍ନତି ନିମନ୍ତେ ନିଜକୁ ସମର୍ପିତ କରିବା ପାଇଁ ଉଦବୋଧନ ଦେଇଥିଲେ। ସେ ଆହୁରି କହିଥିଲେ ଯେ ଦେଶମାତୃକା ପାଇଁ ପ୍ରାଣବଳୀ ଦେଇଥିବା ଏହି ପରି ଅମର ସନ୍ତାନ ମାନଙ୍କ ପାଇଁ ମନ୍ଦିର ତୋଳି, ନିୟମିତ ପୂଜାର୍ଚ୍ଚନା କରିବା ସହିତ,ଦେଶ ପାଇଁ ସେମାନଙ୍କ ଅବଦାନ ଗୁଡ଼ିକ ମନେ ରଖି ସେଥିରେ ସମସ୍ତଙ୍କୁ ଉଦବୁଦ୍ଧ କରିବା ହିଁ ସେମାନଙ୍କ ପାଇଁ ପ୍ରକୃତ ସମ୍ମାନ ପ୍ରଦର୍ଶନ କୁହାଯାଇପାରିବ। ଅତିରିକ୍ତ ଜିଲ୍ଲାପାଳ ସୋମନାଥ ପ୍ରଧାନ ସହୀଦ ଲକ୍ଷ୍ମଣ ନାୟକଙ୍କ ଜୀବନୀ ଓ କର୍ମକାଣ୍ଡ ଉପରେ ଆଲୋକପାତ କରିଥିଲେ ଓ ମାଲକାନଗିରି ପରି ଦୁର୍ଗମ ଅଂଚଳରେ ଏମିତି ଜଣେ ମହାପୁରୁଷ ଜନ୍ମ ଗ୍ରହଣ କରିଥିବା କୌଣସି ଆଶ୍ଚର୍ଯ୍ୟ ଘଟଣା ଠାରୁ କମ୍ ନୁହେଁ ବୋଲି ମତବ୍ୟକ୍ତ କରିଥିଲେ ! ଓଡ଼ିଶା ୟୁନିୟନ ଅଫ୍ ଜର୍ଣଲିଷ୍ଟସର ର ରାଜ୍ୟ ସମ୍ପାଦକ ଦେବ ପ୍ରସାଦ ଦାସ ମଧ୍ୟ ସହୀଦ ଲକ୍ଷ୍ମଣ ନାୟକଙ୍କ ମାଥିଲି ଥାନା ଅବରୋଧ ଓ ଗୁଳିକାଣ୍ଡ ବିଷୟରେ ଆଲୋକପାତ କରିଥିଲେ ଓ ତାଙ୍କ ପାଇଁ ଆମେ ଓଡ଼ିଶା ବାସୀ ଧନ୍ୟ ବୋଲି କହିଥିଲେ।

# ୨ୟ ରାଷ୍ଟ୍ରୀୟ ଲୋକ ଅଦାଲତ ୮୨୬୯ ମାମଲାର ଫୈସଲା

ଜୟପୁର, ୧୦/୦୫ (ନି.ପ୍ର): ଜାତୀୟ ଆଇନ ସେବା ପ୍ରାଧିକରଣ ଓ ରାଜ୍ୟ ଆଇନ ସେବା ପ୍ରାଧିକରଣ ନିର୍ଦ୍ଦେଶକ୍ରମେ ଶନିବାର ଜିଲ୍ଲା ଆଇନ ସେବା ପ୍ରାଧିକରଣ, କୋରାପୁଟ-ଜୟପୁର ଜିଲ୍ଲା ଦୌରା ଜଜ୍ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣ ଅଧକ୍ଷ ଶ୍ରୀ ପ୍ରଦୀପ କୁମାର ମହନ୍ତଙ୍କ ତତ୍ତ୍ୱାବଧାନରେ ୨ୟ ରାଷ୍ଟ୍ରୀୟ ଲୋକ ଅଦାଲତ ଜୟପୁର ସମେତ କୋରାପୁଟ, କୋଟପାଡ, ବୋରିଗୁମ୍ମା, ସେମିଳିଗୁଡା, ଦଶମନ୍ତପୁର, ଲମତାପୁଟ ଏବଂ ଲକ୍ଷ୍ମୀପୁରରେ ଥିବା ସମସ୍ତ କୋର୍ଟ ପରିସରରେ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଛି । ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ସମସ୍ତ ପ୍ରକାରର ବିଚାରାଧିନ ମକଦ୍ଦମା ଯଥା ଦେୱାନୀ, ଫୌଜଦାରୀ (ସାଲିସ ଯୋଗ୍ୟ ) ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ , ବ୍ୟାଙ୍କ ଋଣ , ବିଦ୍ୟୁତ ଓ ଜଳ ଯୋଗାଣ , ପାରିବାରିକ, ଜମି ଅଧିଗ୍ରହଣ, ଶ୍ରମ ଓ ନିଯୁକ୍ତି ବିବାଦ, ଟ୍ରାଫିକ୍ ଚାଲାଣ, ଚେକ ବାଉନ୍ସ, ରାଜସ୍ୱ, ଖାଉଟି ବିବାଦ,ଜମି ଅଧିଗ୍ରହଣ, ବିସନଲ , ଚାକିରି ସମନ୍ଧୀୟ ମାମଲା ଇତ୍ୟାଦିର ଆପୋଷ ସହମତିରେ ସମାଧାନ କରାଯାଇଥିଲା। କେବଳ ବିଚାରାଧିନ ମକଦ୍ଦମା ବ୍ୟତୀତ , ପ୍ରାକ-ମକଦ୍ଦମା ସ୍ତରୀୟ ବିବାଦର ମଧ୍ୟ ଲୋକ ଅଦାଲତରେ ସମାଧାନ କରାଯାଇଥିଲା । ଉକ୍ତ ଅଦାଲତରେ ଜିଲ୍ଲା ଦୌରା ଜଜ କୋରାପୁଟ ଶ୍ରୀ ପ୍ରଦୀପ କୁମାର ମହନ୍ତ, ପରିବାର ଅଦାଲତ ବିଚାରପତି ଶ୍ରୀ ନିଶିଥ୍ ନିଶାଙ୍କ, ବରିଷ୍ଠ ଦେବାନି ବିଚାରପତି ଶ୍ରୀ ସ୍ୱୟଂ ପ୍ରକାଶ ଦାସ, ମହିଳା ଅଦାଲତ ବିଚାରପତି ତଥା ଭାରପ୍ରାପ୍ତ ସଚିବ ସ୍ଥାୟୀ ଓ ନିରନ୍ତର ଲୋକ ଅଦାଲତ ବିଚାରପତି ଶ୍ରୀମତୀ ଅଳକନନ୍ଦା ମହାନ୍ତି, ରେଜିଷ୍ଟ୍ରାର ସିଭିଲ୍ କୋର୍ଟ ଜୟପୁର, ଶ୍ରୀ ମତୀ ମଧୁସ୍ମିତା ଜେନା, ଉପଖଣ୍ଡ ବିଚାର ବିଭାଗୀୟ ଦଣ୍ଡାଧିକରି ଶ୍ରୀମତୀ ସୁମିତ୍ରା କୁମାରୀ ଦାସ, ପ୍ରଥମ ଶ୍ରେଣୀ ବିଚାର ବିଭାଗ ଦଣ୍ଡାଧିକାରି ଶ୍ରୀ ହରମୋହନ ଦାସ ଓ ଜିଲ୍ଲାର ବିଭିନ୍ନ ରାଜସ୍ୱ ଅଧିକାରୀ, ବ୍ୟାଙ୍କ ବି.ଏସ.ଏନ.ଏଲ, ପରିବହନ ଅଧିକାରୀ, ବିଦ୍ୟୁତ ବିଭାଗ, ବୀମା କମ୍ପାନୀ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ପୃଥକ ପୃଥକ ଭାବେ କୋର୍ଟ କରି ବିଭିନ୍ନ ବିଚାରଧିନ ମାମଲା ଓ ପ୍ରାକ୍ ମୋକଦ୍ଦମା ଗୁଡିକର ଫୈଇସଲା କରିଥିଲେ। ଆଇନଜୀବି ଶ୍ରୀ ଶଶାନନ୍ଦ ମିଶ୍ର, ସୁଶ୍ରୀ ମନଜମାଳା ଦିନବନ୍ଧୁ, ଶ୍ରୀ ଆନନ୍ଦ ରଥ, ଶ୍ରୀ, ନବୀନ ଚନ୍ଦ୍ର ସାହୁ, ଶ୍ରୀମତୀ ମାୟା ବାଲିରାମ ଜଗଦଲେ, ଶ୍ରୀ ବୋଳାନାଥ ପଟ୍ଟନାୟକ, ଶ୍ରୀ ରାଜେନ୍ଦ୍ର କୁମାର ଗୌଡ, ଶ୍ରୀମତୀ ନଳୀନି କୁମାରୀ ପଟ୍ଟନାୟକ ପ୍ରମୁଖ ଲୋକଅଦାଲତ ବେଂଚ୍ ମାନଙ୍କରେ ସହଯୋଗ କରିଥିଲେ। ଏଥିରେ ସର୍ବ ମୋଟ ବିଚାରଧିନ ମକଦ୍ଦମା ମାମଲା ୮୪୭୯ ମଧ୍ୟରୁ ୭୯୩୪ ଟି ମାମଲା ଫୈସଲା କରାଯାଇ ୨୯୧୪୬୦୧୦ ଟଙ୍କା ସମାଧାନ ରାଶି ଧାର୍ଯ୍ୟ କରାଯାଇଥିଲା ସେହିପରି ୩୫୩୪ ପ୍ରାକ୍ ମକଦ୍ଦମା ମାମଲା ମଧ୍ୟରୁ ୩୩୫ ମାମଲା ଫୈସଲା କରାଯାଇ ୧୫୨୬୮୧୨୧ ଟଙ୍କା ସମାଧାନ ରାଶି ଧାର୍ଯ୍ୟ କରାଯାଇଥିଲା।

ଚିକିତ୍ସା

ଧ୍ୱନି ପ୍ରତିଧ୍ୱନି

୩ ♣ ବାଲେଶ୍ୱର ♣ ୧୧ ମଇ ୨୦୨୬, ସୋମବାର



# ରକ୍ତଚାପରୁ ଦୂର କରେ ସୂର୍ଯ୍ୟଭେଦ ପ୍ରାଣାୟମ୍

**ସୂର୍ଯ୍ୟଭେଦ ପ୍ରାଣାୟମ୍ ଦ୍ୱାରା ଶରୀରର ଉତ୍ତାପ ବଢ଼ିଯାଏ, ବାତ ଦୋଷରୁ ହେଉଥିବା ଅସମତା ଦୂର ହୁଏ। ପିଙ୍ଗଳା ନାଡ଼ୀକୁ କ୍ରିୟାଶୀଳ କରି ପ୍ରାଣିକ ଶକ୍ତି ଉତ୍ତେଜିତ ହୁଏ ଏବଂ ଜାଗ୍ରତ ହୁଏ। ମନକୁ ବର୍ହିମୁଖୀ ଓ ଗତିଶୀଳ କରି ଦୈହିକ କ୍ରିୟାଗୁଡ଼ିକ ନିଖୁଣ ଭାବରେ କାର୍ଯ୍ୟକାରୀ ହୁଏ ଏବଂ ଅବସାଦ ଦୂର କରେ। ମନ ଅତ୍ୟଧିକ ସଜାଗ ହୁଏ ଏବଂ ଅନୁଭବ ଶକ୍ତି ବଢ଼ିଯାଏ। ଧ୍ୟାନର ପ୍ରସ୍ତୁତି ପାଇଁ ଏହା ଏକ ଉତ୍ତମ ପ୍ରାଣାୟମ। ନିମ୍ନ ରକ୍ତଚାପ, ବନ୍ଧ୍ୟାତ୍ୱ ଏବଂ କୃମି ଚିକିତ୍ସାରେ ସାହାଯ୍ୟ କରେ ବୋଲି କହନ୍ତି ଯୋଗଗୁରୁ ଗଣେଶ୍ୱର ଗୋଚ୍ଛିକାର।**

## ଏହି ପ୍ରାଣାୟମ୍ କରିବା ପାଇଁ ପ୍ରଥମେ :

ଏକ ଆରାମଦାୟକ ଧ୍ୟାନସନରେ ବସନ୍ତୁ, ମୁଣ୍ଡ ଓ ମେରୁଦଣ୍ଡ ସିଧା ରହିବ। ହାତ ଆଣ୍ଠୁ ଉପରେ ଚିନ୍ ବା ଜ୍ଞାନ ମୁଦ୍ରାରେ ରଖନ୍ତୁ।

ଆଖି ବନ୍ଦ କରନ୍ତୁ ଏବଂ ପୂରା ଦେହ ଢ଼ିଲା କରନ୍ତୁ।

ଏକ ଆରାମଦାୟକ ସ୍ଥିତିରେ ସ୍ଥିର ଏବଂ ଶିଥିଳ ହୋଇଗଲେ ନିଶ୍ୱାସକୁ କିଛି ସମୟ ଲକ୍ଷ୍ୟ କରନ୍ତୁ।

ଡାହାଣ ହାତର ଅନାମିକା ଆଙ୍ଗୁଳିରେ ବାମ ନାସାରନ୍ଧ୍ରକୁ ବନ୍ଦ କରନ୍ତୁ ଏବଂ ଡାହାଣ ନାସାରନ୍ଧ୍ରରେ ଧୀର ଗଭୀର ନିଶ୍ୱାସ ନିଅନ୍ତୁ।

ନିଶ୍ୱାସ ନେବା ସରିଲେ ଦୁଇ ନାସା ରନ୍ଧ୍ର ବନ୍ଦ କରନ୍ତୁ, ନିଶ୍ୱାସ ଧରି ରଖନ୍ତୁ ଏବଂ ଜଳନ୍ଧର ଓ ମୂଳବନ୍ଧ କରନ୍ତୁ।

ପ୍ରଥମେ ଅଭ୍ୟାସ ଆରମ୍ଭ କରୁଥିଲେ କିଛି ସେକେଣ୍ଡ ପାଇଁ ଏହି ସ୍ଥିତିରେ ରୁହନ୍ତୁ

ମୂଳବନ୍ଧ ଛାଡ଼ିଦିଅନ୍ତୁ, ତାପରେ ଜଳନ୍ଧର ବନ୍ଧ ଛାଡ଼ିବେ

ମୁଣ୍ଡ ସିଧା କରନ୍ତୁ, ଧୀରେ ଡାହାଣ ନାସାରନ୍ଧ୍ରରେ ନିଶ୍ୱାସ ଛାଡ଼ନ୍ତୁ

## ଅବଧି

ସୂର୍ଯ୍ୟଭେଦ ପ୍ରାଣାୟମ ପ୍ରଥମେ ଅଭ୍ୟାସ କରୁଥିଲେ ୧୦ ଚକ୍ର ଅଭ୍ୟାସ ଯଥେଷ୍ଟ। ଅଭ୍ୟାସ ସହଜ ଓ ଆରାମଦାୟକ ହୋଇଗଲେ ୧୦ରୁ ୧୫ ମିନିଟ୍ ବଢ଼ାଇ ପାରିବେ।

## ସାବଧାନତା

ଖାଇବା ପରେ ଏହି ଅଭ୍ୟାସ କରିବେ ନାହିଁ କାରଣ ପାଚନ କ୍ରିୟାରୁ ସୃଷ୍ଟି ହେଉଥିବା ଶକ୍ତିର ପ୍ରବାହ ବାଧା ପାଇବ

୩୦ ମିନିଟ୍‌ରୁ ବେଶୀ ସମୟ ଏହି ପ୍ରାଣାୟମ୍ କଲେ ଶ୍ୱସନ ଚକ୍ରରେ ଥିବା ସନ୍ତୁଳନ ଭାଙ୍ଗିଯାଏ

ହୃଦ୍‌ରୋଗ, ରକ୍ତଚାପ ଓ ଅପସ୍ମାର ଥିବା ବ୍ୟକ୍ତି ଏହି ଅଭ୍ୟାସ କରିବେ ନାହିଁ।

# ରାତିକ ନିଦରୁ ରୋଗ ନିରୂପଣ କରିବ ଏଆଇ ମଡେଲ୍



ରୋଗ ଯୋଗୁଁ ରୋଗୀ କି ପ୍ରକାର ବିପଦରେ ପଡ଼ିପାରନ୍ତି ତାହା ଆକଳନ କରିବା ଲାଗି ଦୀର୍ଘବର୍ଷ ଧରି ଡାକ୍ତରମାନେ ଲକ୍ଷଣ, ସ୍ୱାସ୍ଥ୍ୟ ପରୀକ୍ଷା ଏବଂ ଅତୀତ ଅସୁସ୍ଥତା ଓ ଚିକିତ୍ସାର ତଥ୍ୟ ଉପରେ ନିର୍ଭର କରିଆସୁଛନ୍ତି। ଏତେ କଥା ଯଦି ରାତିକ ନିଦ୍ରାରୁ ଜାଣିହୁଏ, କ୍ଷତି କ'ଣ ? ଯୁକ୍ତରାଷ୍ଟ୍ର ଆମେରିକାସ୍ଥିତ ଷ୍ଟାନ୍‌ଫୋର୍ଡ ମେଡିସିନ୍‌ରେ ଥିବା ଗବେଷକମାନେ ନିଦ୍ରା ସଙ୍କେତ ବାରିବା ଲାଗି ଗୋଟାଏ ନୂତନ ଏଆଇ ମଡେଲ୍ ପ୍ରସ୍ତୁତ କରିଛନ୍ତି। ଉକ୍ତ ମଡେଲ୍ କେବଳ ଗୋଟିଏ ରାତ୍ରିର ନିଦ୍ରାରୁ ନିଃସୃତ ମାନସିକ ସଙ୍କେତ ରେକର୍ଡ କରି ଶତାଧିକ ଶାରୀରିକ ଅସୁସ୍ଥତା ସମ୍ବନ୍ଧୀୟ ପୂର୍ବାଭାସ ଦେବାକୁ ସମର୍ଥ। 'ସ୍ଲିପ୍ ଏଫ୍‌ଏମ୍' ନାମରେ ପରିଚିତ 'ଦି ଫାଉଣ୍ଡେସ୍‌ନାଲ୍ ଏଆଇ ମଡେଲ୍'କୁ ୬୫ ହଜାର ଲୋକଙ୍କଠାରୁ ସଂଗୃହୀତ ପ୍ରାୟ ୬ ଲକ୍ଷ ଘଣ୍ଟା ଶୟନ ତଥ୍ୟାବଳି ଦ୍ୱାରା ତାଲିମ ଦିଆଯାଇଛି। ଏଥିରେ ରହିଛି ମସ୍ତିଷ୍କ କାର୍ଯ୍ୟକଳାପ, ହୃତ୍‌ପିଣ୍ଡ କାର୍ଯ୍ୟକଳାପ, ଶ୍ୱାସକ୍ରିୟା ସଙ୍କେତ, ଗୋଡ଼ ଚଳାଚଳ, ଚକ୍ଷୁ ଚଳାଚଳ ଓ ଅନ୍ୟାନ୍ୟ ମାନସିକ ତଥ୍ୟାବଳି। ବିଭିନ୍ନ ପ୍ରକାର ସେନ୍‌ସର ଦ୍ୱାରା ଏସବୁ ତଥ୍ୟ ସଂଗ୍ରହ କରାଯାଇଥିଲା। ଏ ଗବେଷଣା ପତ୍ରର ଅନ୍ୟତମ ସହ-ଲେଖକ ଡାକ୍ତର ଜେମ୍‌ସ ଜେ କହିଛନ୍ତି, ''ଏଆଇ ଟୁଲ୍ ଦୃଷ୍ଟିରୁ ବିଚାର କଲେ, ନିଦ୍ରା ଉପରେ ବିଶେଷ ଗବେଷଣା ହୋଇ ନ ଥିଲା। ପାଥୋଲୋଜି ଅଥବା କାର୍ଡିଓଲୋଜି ସଂକ୍ରାନ୍ତ ରୋଗ ନିଦାନ ନିମନ୍ତେ ଅନେକ ଏଆଇ କାର୍ଯ୍ୟ କରୁଛନ୍ତି, କିନ୍ତୁ ନିଦ୍ରା ଜୀବନର ଗୁରୁତ୍ୱପୂର୍ଣ୍ଣ ଅଂଶ ହୋଇଥିଲେ ବି ତା' ଉପରେ ସେମାନେ ଆଦୌ ଦୃଷ୍ଟି ଦେଉନାହାନ୍ତି।'' ଉକ୍ତ ଏଆଇ ମଡେଲ୍‌କୁ ତାଲିମ ଦେବା ଲାଗି ଷ୍ଟାନ୍‌ଫୋର୍ଡ ମେଡିସିନ୍ ଗବେଷକମାନେ ୨ରୁ ନେଇ ୯୬ ବର୍ଷ ବୟସ ପର୍ଯ୍ୟନ୍ତ ୩୫,୦୦୦ ନିଦ୍ରିତ ରୋଗୀଙ୍କଠାରୁ ତଥ୍ୟ ସଂଗ୍ରହ କରିଥିଲେ। ୧୯୯୯ରୁ ୨୦୨୪ ମଧ୍ୟରେ ଷ୍ଟାନ୍‌ଫୋର୍ଡର ସ୍ଲିପ୍ କ୍ଲିନିକ୍‌ରେ ସେମାନେ ରୋଗୀମାନଙ୍କର ପଲିସମ୍‌ନୋଗ୍ରାଫି ଡେଟା ରେକର୍ଡ କରାଇଥିଲେ। ତା'ପରେ ଉକ୍ତ ଡେଟାକୁ କ୍ଷୁଦ୍ର କ୍ଷୁଦ୍ର ଭାଗକରି ତାହା ଦ୍ୱାରା ଏଆଇ ମଡେଲ୍‌କୁ ତାଲିମ ଦିଆଯାଇଥିଲା। ଏଥର ସେମାନେ 'ସ୍ଲିପ୍ ଏଫ୍‌ଏମ୍'କୁ ରୋଗ ନିରୂପଣ କ୍ଷେତ୍ରରେ ପରୀକ୍ଷାମୂଳକ ଭାବେ ପ୍ରୟୋଗ କଲେ। ଫଳାଫଳରୁ ଜଣାପଡ଼ିଲା, ଭବିଷ୍ୟତରେ ସମ୍ପୃକ୍ତ ରୋଗୀମାନଙ୍କୁ ଆକ୍ରାନ୍ତ କରିବାର ସମ୍ଭାବନା ଥିବା ପ୍ରାୟ ୧୩୦ ପ୍ରକାର ରୋଗ ସମ୍ବନ୍ଧରେ ଏହା ଅପେକ୍ଷାକୃତ ସଠିକ୍ ସୂଚନା ପ୍ରଦାନ କରିଛି। ବିଭିନ୍ନ ପ୍ରକାର କର୍କଟରୋଗ, ଗର୍ଭଧାରଣ ଜଟିଳତା, ରକ୍ତ ସଞ୍ଚାଳନ ଅବସ୍ଥା ଓ ମସ୍ତିଷ୍କ ବିକୃତି ଆଦି ରୋଗ ସଂକ୍ରାନ୍ତୀୟ ଭବିଷ୍ୟବାଣୀ କରିବା ଲାଗି ଭାଷା ପରିବର୍ତ୍ତେ ଏବେ 'ସ୍ଲିପ୍ ଏଫ୍‌ଏମ୍' 'କନ୍‌କର୍ଡାନ୍‌ସ ଇଣ୍ଡେକ୍ସ' ବା ସଂକ୍ଷେପରେ 'ସି-ଇଣ୍ଡେକ୍ସ' ଯୋଗେ ସୂଚନା ଦେଉଛି। ଏହା ଗୋଟାଏ ଗାଣିତକ ପଦ୍ଧତି। ଉଦାହରଣ ସ୍ୱରୂପ ହୃଦ୍‌ଘାତ ଆଶଙ୍କା ସଙ୍କେତ ୦.୮୧, ପ୍ରୋଷ୍ଟେଟ୍ କ୍ୟାନ୍‌ର ସଙ୍କେତ ୦.୮୯, ସ୍ତନ କର୍କଟରୋଗ ୦.୮୭ ଓ ମୃତ୍ୟୁ ୦.୮୪ ଇତ୍ୟାଦି। କିନ୍ତୁ, ଏଥିରୁ ସଠିକ୍ ଅର୍ଥ ବାହାର କରିବା ସମସ୍ତଙ୍କ ପକ୍ଷେ ସହଜ ନୁହେଁ। 'ସ୍ଲିପ୍ ଏଫ୍‌ଏମ୍' କିପରି ଭାଷା, ବିଶେଷକରି ଇଂରେଜୀ ଭାଷାରେ ରୋଗ ସଂକ୍ରାନ୍ତ ପୂର୍ବାଭାସ ସୂଚାଇବ ତା'ଉପରେ ଗବେଷଣା ଚାଲିଛି ବୋଲି ଡାକ୍ତର ଜେ କହିଛନ୍ତି।

# ଏହି ଦେଶକୁ ଯାଆନ୍ତୁ: ସାମାନ୍ୟ କାମ କରି ୫ ବର୍ଷରେ ହୋଇଯିବେ କୋଟିପତି



ଭାରତରେ ବହୁ ସଂଖ୍ୟକ ଲୋକ ବିଦେଶ ଯିବାର ସ୍ୱପ୍ନ ଦେଖନ୍ତି। ଅଧିକାଂଶ ଲୋକ ଆମେରିକା, କାନାଡା କିମ୍ବା ଉପସାଗରୀୟ ଦେଶଗୁଡ଼ିକୁ ଯିବାକୁ ସ୍ୱପ୍ନ ଦେଖୁଥିବା ବେଳେ, ୟୁରୋପ ନିକଟରେ ଏକ ଛୋଟ ଦେଶ ରହିଛି ଯାହାକି ଭାରତୀୟମାନଙ୍କ ପାଇଁ ଏକ ନୂତନ ଏବଂ ଆଶ୍ଚର୍ଯ୍ୟଜନକ ବିକଳ୍ପ ହେବାକୁ ଯାଉଛି।ଏହି ଦେଶ ହେଉଛି ଜିବ୍ରାଲ୍ଟର । ଯାହା ୟୁରୋପର ଦକ୍ଷିଣ ପାର୍ଶ୍ୱରେ ସ୍ପେନ ସୀମାକୁ ଲାଗିକି ରହିଛି। ଆକାରରେ ଛୋଟ ହେଲେ ମଧ୍ୟ, ଏହାର ଅର୍ଥନୀତି ବହୁତ ଶକ୍ତିଶାଳୀ ବୋଲି ବିବେଚନା କରାଯାଏ। ଏହାର ଆୟର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ପର୍ଯ୍ୟଟନ, ବ୍ୟାଙ୍କିଂ, ପରିବହନ ଏବଂ ଅନଲାଇନ୍ ଗେମିଂ ଭଳି କ୍ଷେତ୍ରରୁ ଆସିଥାଏ।

ଜିବ୍ରାଲ୍ଟରରେ ଜିବ୍ରାଲ୍ଟର ପାଉଣ୍ଡ ବ୍ୟବହାର କରାଯାଏ, ଯାହାକୁ ଏଓଟ ବୋଲି କୁହାଯାଏ। ଏହାର ମୂଲ୍ୟ ଭାରତୀୟ ଟଙ୍କା ତୁଳନାରେ ଯଥେଷ୍ଟ ଅଧିକ। ଏକ ରିପୋର୍ଟ ଅନୁଯାୟୀ, ଗୋଟିଏ ଜିବ୍ରାଲ୍ଟର ପାଉଣ୍ଡର ମୂଲ୍ୟ ପ୍ରାୟ ୧୨୦ ଟଙ୍କା। ଏହାର ଅର୍ଥ ହେଉଛି ଏଠାରେ ଟଙ୍କା ଭାରତ ତୁଳନାରେ ବହୁତ ଅଧିକ ମୂଲ୍ୟ ରଖେ। ଯଦି ଆପଣଙ୍କର ୨୦୦୦ ଜିବ୍ରାଲ୍ଟର ପାଉଣ୍ଡ ଅଛି, ତେବେ ଏହି ପରିମାଣ ୨୪୧୦୦୦ ଭାରତୀୟ ଟଙ୍କାରୁ ଅଧିକ ହେବ। ବର୍ତ୍ତମାନ, ଯଦି ଏହି ଦରମାକୁ ଦୀର୍ଘ ସମୟ ଧରି ବିଚାର କରାଯାଏ, ତେବେ ସଂଖ୍ୟାଗୁଡ଼ିକ ଆହୁରି ଆଶ୍ଚର୍ଯ୍ୟଜନକ। ୨୦୦୦ ପାଉଣ୍ଡର ମାସିକ ଆୟ ପ୍ରତି ବର୍ଷ ୨୪୦୦୦ ପାଉଣ୍ଡରେ ପହଞ୍ଚିଯାଏ । ଏହି ପରିମାଣ ୫ ବର୍ଷରେ ୨୪୦୦୦୦ ପାଉଣ୍ଡରେ ପହଞ୍ଚିଯାଏ। ଭାରତୀୟ ଟଙ୍କାରେ ପରିଣତ ହେଲେ, ମୋଟ ରୋଜଗାର ପ୍ରାୟ ୧୪.୪ ନିୟୁତ ଟଙ୍କା (୧ କୋଟି ୪୪ ଲକ୍ଷ ୯୨ ହଜାର ଟଙ୍କା) ରେ ପହଞ୍ଚିଥାଏ। ଏହି ହିସାବ କେବଳ ଦରମାକୁ ବିଚାର କରେ; ଯଦି ସଠିକ୍ ଭାବରେ ନିବେଶ କରାଯାଏ, ତେବେ ମୋଟ ସମ୍ପତ୍ତି ବହୁତ ଅଧିକ ହୋଇପାରେ। ଜିବ୍ରାଲ୍ଟରର ଅର୍ଥନୀତି ସେବା କ୍ଷେତ୍ର ଉପରେ ଆଧାରିତ, ତେଣୁ ବୃତ୍ତିଗତ ଦକ୍ଷତାର ଚାହିଦା ଅଧିକ। ବ୍ୟାଙ୍କିଂ, ଆର୍ଥିକ, ବୀମା, ଆଇଟି, ପ୍ରଯୁକ୍ତିବିଦ୍ୟା, ଅନଲାଇନ୍ କାସିନୋ, ହୋଟେଲ ଏବଂ ପର୍ଯ୍ୟଟନ ଭଳି କ୍ଷେତ୍ର ଭାରତୀୟମାନଙ୍କ ପାଇଁ ଉତ୍କୃଷ୍ଟ ସୁଯୋଗ ପ୍ରଦାନ କରେ। କାରଣ ଏଠାରେ ଇଂରାଜୀ ବହୁଳ ଭାବରେ ବ୍ୟବହୃତ ହୁଏ, ତେଣୁ ଭାରତୀୟମାନଙ୍କ ପାଇଁ କାମ ଖୋଜିବା ଅପେକ୍ଷାକୃତ ସହଜ ବୋଲି ବିବେଚନା କରାଯାଏ।

# ଚା'ରେ ଚିନି କମାଇବାର ଲାଭ

ଦୈନନ୍ଦିନ ଚା'ରେ ଚିନିର ପରିମାଣ ହ୍ରାସ କରିବା ଏକ ବଡ଼ କଥା ନ ଲାଗିପାରେ, କିନ୍ତୁ ଏହାଦ୍ୱାରା ଆମ ଶରୀରକୁ ଆଶାତୀତ ଲାଭ ମିଳିଥାଏ। ଚିନି ଛାଡ଼ିବାର ପ୍ରାରମ୍ଭିକ ଦିନଗୁଡ଼ିକ ଆହ୍ୱାନପୂର୍ଣ୍ଣ ହୋଇପାରେ, କାରଣ ଆମର ଜିହ୍ୱା ଓ ମସ୍ତିଷ୍କ ଚିନି ଦ୍ୱାରା ଶୀଘ୍ର ସନ୍ତୋଷରେ ଅଭ୍ୟସ୍ତ। ଚିନି ଛାଡ଼ିବା ପରେ ଆମେ ଚିନି ପାଇଁ ବ୍ୟାକୁଳ ହୋଇପାରନ୍ତି, ଶକ୍ତି ହ୍ରାସ ଅନୁଭବ କରିପାରନ୍ତି, କିମ୍ବା ସାମାନ୍ୟ ମୁଣ୍ଡବିନ୍ଧା ମଧ୍ୟ ଅନୁଭବ କରିପାରନ୍ତି। କାରଣ ଆମ ଶରୀର ପୂର୍ବରୁ ଅଭ୍ୟସ୍ତ ହୋଇପଡ଼ିଥିବା ଦ୍ରୁତ ଗ୍ଲୁକୋଜ୍ ବୃଦ୍ଧିର ଅନୁପସ୍ଥିତି ସହ ଖାପ ଖୁଆଇବା ଆରମ୍ଭ କରିଥାଏ। ବିଶିଷ୍ଟ ଏଣ୍ଡୋକ୍ରାଇନୋଲୋଜିଷ୍ଟମାନଙ୍କ କହିବାନୁସାରେ, ବିନା ଚିନିରେ ଚା' ଅଭ୍ୟାସ କରିବାର ପ୍ରଥମ ସପ୍ତାହ ପରେ ଶରୀରର ରକ୍ତ ଶର୍କରା ସ୍ତର ସ୍ଥିର ହେବା ଆରମ୍ଭ କରେ। ବାରମ୍ବାର ଚିନି ମାତ୍ରାରେ ତୀବ୍ର ବୃଦ୍ଧି ବିହୁନେ ଆମର ଇନସୁଲିନ୍ ସମ୍ବେଦନଶୀଳତା ଉନ୍ନତ ହୋଇଥାଏ, ଯାହା ଶରୀରକୁ ଅଧିକ ଦକ୍ଷତାର ସହ ଶକ୍ତି ବ୍ୟବହାର କରିବାକୁ ଅନୁମତି ଦିଏ। ଖାଇବା ପରେ କମ୍ ଆବେଗିକ ପରିବର୍ତ୍ତନ ଏବଂ କମ୍ ଥକାପଣ ଲକ୍ଷ୍ୟ କରାଯାଇପାରେ। ପ୍ରାୟ ଦୁଇ ସପ୍ତାହ ପରେ ସ୍ୱାଦର ଭାବନା ପୁନଃସ୍ଥାପିତ ହେବା ଆରମ୍ଭ କରେ। ଚା', କ୍ଷୀର କିମ୍ବା ଫଳର ପ୍ରାକୃତିକ ମିଠା ଯଥେଷ୍ଟ ଶକ୍ତିଶାଳୀ ଅନୁଭବ ହେବା ଆରମ୍ଭ ହୁଏ। ମାସର ଶେଷ ସୁଦ୍ଧା ତଜ୍ଜନିତ ଲାଭଗୁଡ଼ିକ ଅଧିକ ଦୃଶ୍ୟମାନ ହୁଏ। ଚିନି ବିନା କ୍ୟାଲୋରି ଗ୍ରହଣ କମିଯିବାରୁ ବିଶେଷ କରି ଅଣ୍ଟା ପାଖରେ ଟିକିଏ ଓଜନ ହ୍ରାସ ମନେହେବ।

# ବ୍ରାଇଡାଲ୍ ସ୍କିନ୍ କେୟାର



ବିବାହ ସମୟରେ ସମସ୍ତେ ସୁନ୍ଦର ଲାଗିବାକୁ ଚେଷ୍ଟା କରିଥାଆନ୍ତି । ବିଶେଷ କରି ମହିଳାମାନେ ବ୍ରାଇଡାଲ୍ ଲୁକ୍ ପାଇଁ ଅଧିକ ଚିନ୍ତିତ ଥାଆନ୍ତି । ସମସ୍ତେ ସେମାନଙ୍କ ବିବାହ ଦିନ କ୍ୟାମେରା ଆଗରେ ସୁନ୍ଦର ଦେଖାଯିବାକୁ ଚାହାଁନ୍ତି।

ନିଜକୁ ସୁନ୍ଦର କରିବା ପାଇଁ ଯେତେବେଳେ ବିୟୁଟି ପାର୍ଲରକୁ ଯାଇଥାଉ ସେତେବେଳେ ଆମକୁ ଅନେକ ଟଙ୍କା ଖର୍ଚ୍ଚ କରିବାକୁ ପଡିଥାଏ। କିନ୍ତୁ ଆମେ ଆପଣଙ୍କ ପାଇଁ କିଛି ବ୍ରାଇଡାଲ୍ କିମ୍ବା ତ୍ୱଚା ଯତ୍ନ ଟିପ୍ସ ଆଣିଛୁ। ଯାହାକୁ ଆପଣ ଆପଣଙ୍କ ବିବାହ ପୂର୍ବରୁ ଅନୁସରଣ କଲେ ଏହା ଭଲ ଫଳ ଦେଇଥାଏ।

## ବିବାହ ପୂର୍ବରୁ କିପରି ନେବେ ନିଜ ତ୍ୱଚା ଯତ୍ନ:

### ସବୁଦିନ ମୁହଁ ଧୁଅନ୍ତୁ

ପ୍ରତିଦିନ ତ୍ୱଚାକୁ ଧୁଅନ୍ତୁ । ତ୍ୱଚାକୁ ଧୋଇବା ପାଇଁ କୌଣସି ଭଲ କମ୍ପାନିର ଫେସ୍ ୱାଶ୍ ବ୍ୟବହାର କରନ୍ତୁ । ଦିନକୁ ଥରେ ଆପଣଙ୍କ ତ୍ୱଚାକୁ ହାଲୁକା ଭାବରେ ଧୁଅନ୍ତୁ। ଏହା ଆପଣଙ୍କ ଚର୍ମରୁ ମଇଳା ଏବଂ ତେଲ ବାହାର କରିବା ସହ ଆପଣଙ୍କ ଛିଦ୍ରଗୁଡ଼ିକୁ ସଫା କରିବ। ତା'ପରେ, ଉଷୁମ ପାଣିରେ ବାଷ୍ପ ନିଅନ୍ତୁ। ଆପଣଙ୍କ ଛିଦ୍ରଗୁଡ଼ିକୁ ଖୋଲିବା ଏବଂ ରକ୍ତ ସଞ୍ଚାଳନ ବୃଦ୍ଧି କରିବାରେ ସହାୟକ ହେବ। କିନ୍ତୁ ଏହି ବାଷ୍ପ କେବଳ ୫ ମିନିଟ୍ ପାଇଁ ନିଅନ୍ତୁ।

### ହାଲୁକା ସ୍କ୍ରବ କିମ୍ବା ଫେସ ପ୍ୟାକ୍ ଲଗାନ୍ତୁ

ତ୍ୱଚା ଭଲଭାବରେ ପରିଷ୍କାର ହେବା ହାଲୁକା ସ୍କ୍ରବ କିମ୍ବା ଫେସ୍ ପ୍ୟାକ୍ ଲଗାନ୍ତୁ। ମନେ ରଖିବେ ସ୍କ୍ରବକୁ ବେଶୀ ମୁହଁରେ ଘଷିବେ ନାହିଁ। ଏହାପରେ ମୁହଁକୁ ଭଲଭାବରେ ଧୋଇଦେଲା ପରେ ଫେସିଆଲ ମାସ୍କ ଲଗାନ୍ତୁ। ଫେସିଆଲ ମାସ୍କ ଭାବରେ ଆପଣ ଦହି ,ମହୁ କିମ୍ବା ଆଲୋଭେରାକୁ ବ୍ୟବହାର କରିପାରିବେ । ଏହାକୁ ପନ୍ଦର ମିନିଟ ଲଗାଇବା ପରେ ଥଣ୍ଡା ପାଣିରେ ମୁହଁକୁ ଧୋଇ ଦିଅନ୍ତୁ । ଏହା ଆପଣଙ୍କ ତ୍ୱଚାକୁ ନରମ ଏବଂ ହାଇଡ୍ରେଟେଡ୍ ରଖିବ।

### ଥଣ୍ଡା ଟୋନର ଏବଂ ମସାଜ

ଫେସ୍ ମାସ୍କକୁ ଧୋଇବା ପରେ ଏକ କୁଲିଂ ଟୋନର କିମ୍ବା ଗୋଲାପ ଜଳ କୁ ଆପଣଙ୍କ ତ୍ୱଚାରେ ଆପନ୍ତୁ। ଏହା ଆପଣଙ୍କ ତ୍ୱଚାକୁ ନରମ କରିବା ସହ ରକ୍ତ ସଞ୍ଚାଳନ ବୃଦ୍ଧି କରିଥାଏ।

### ମଇଷ୍ଟରାଇଜିଂ କରନ୍ତୁ

ଆପଣଙ୍କ ତ୍ୱଚାକୁ ମଇଷ୍ଟରାଇଜ କରନ୍ତୁ। ଏହାକୁ ନରମ ଏବଂ ଉଜ୍ଜ୍ୱଳ ରଖିବା ପାଇଁ ଏକ ହାଲୁକା ଅଣ-ତୈଳଯୁକ୍ତ ମଇଷ୍ଟରାଇଜର ଲଗାନ୍ତୁ। ମାର୍କେଟରେ ଆପଣଙ୍କୁ ସହଜରେ ଭଲ କମ୍ପାନୀର ମଇଷ୍ଟରାଇଜ ମିଳିଯିବ। ଯଦି ଆପଣଙ୍କର ତ୍ୱଚାରେ ବ୍ରଣ ଅଛି, ତେବେ ସକାଳୁ ମୁହଁ ଧୋଇବା ପୂର୍ବରୁ ବାସି ଛେପ ବ୍ରଣ ହେଉଥିବା ସ୍ଥାନରେ ଲଗାନ୍ତୁ।

### ପ୍ରଚୁର ପାଣି ପିଅନ୍ତୁ

ବିବାହ ଦିନ ବା ଏହାର କିଛି ଦିନ ପୂର୍ବରୁ ଦିନସାରା ପ୍ରଚୁର ପାଣି ପିଅନ୍ତୁ। ଏହା ଆପଣଙ୍କ ତ୍ୱଚାକୁ ହାଇଡ୍ରେଟ ରଖିଥାଏ। ଏହା ସହିତ ଭଲ ନିଦ ବା ବିଶ୍ରାମ ଅତ୍ୟନ୍ତ ଜରୁରୀ। ଯଦି ଆପଣ ରାତିରେ ଭଲ ନିଦରେ ଶୋଇବେ ତେବେ ସକାଳେ ଆପଣଙ୍କୁ ସତେଜ ଏବଂ ଉଜ୍ଜ୍ୱଳ ଅନୁଭବ ହୋଇଥାଏ । ଏହି ସରଳ ପଦକ୍ଷେପଗୁଡ଼ିକୁ ଅନୁସରଣ କଲେ ଆପଣ ଆପଣଙ୍କ ବିବାହ ଦିନ ଉଜ୍ଜ୍ୱଳ ଏବଂ ସୁନ୍ଦର ଦେଖାଯାଇପାରିବେ। ଏହା କେବଳ ଆପଣଙ୍କୁ ଉଜ୍ଜ୍ୱଳ କରିବ ନାହିଁ , ଏହି ଛୋଟ ଛୋଟ ଟିପ୍ସର ଅନୁସରଣ ଫଳରେ ଆପଣଙ୍କ ଆତ୍ମବିଶ୍ୱାସ ମଧ୍ୟ ବଢିଥାଏ।



# ଆଳୁ ଉତ୍ତପମ୍

ସକାଳ ହେଉ ଅବା ସନ୍ଧ୍ୟା ଜଳଖିଆରେ କମ ସମୟରେ କିଛି ଗରମାଗରମ ଖାଦ୍ୟ ଖାଇବାକୁ ନଚେତ ଖୁଆଇବାକୁ ଚାହୁଁଥିଲେ ପ୍ରସ୍ତୁତ କରନ୍ତୁ ଆଳୁ ଉତ୍ତପମ। ଆଳୁ ଉତ୍ତପମ ତିଆରି କରିବା ପଦ୍ଧତି ଖୁବ ସହଜ ।

### *ଆଳୁ ଉତ୍ତପମ୍ ତିଆରି କରିବା ପାଇଁ ଆବଶ୍ୟକ ସାମଗ୍ରୀ*

ସିଝା ଆଳୁ - ୪-୫ଟି

ପିଆଜ - ୧

କୋରା ହୋଇଥିବା ପନିର – ୨ରୁ ୩ ଚାମଚ

ମଇଦା - ୧ ଚାମଚ

ଚୁଡ଼ା - ୧ ଚାମଚ

ଅଦା-ରସୁଣ ପେଷ୍ଟ - ୧ ଚାମଚ

ସୋରିଷ - ୧/୨ ଚାମଚ

ଲାଲ ଲଙ୍କା ଗୁଣ୍ଡ - ୧ ଚାମଚ

କଟା ଧନିଆ ପତ୍ର - ୨ ଚାମଚ

ତେଲ - ୨ ଚାମଚ

ଲୁଣ - ସ୍ୱାଦ ଅନୁସାରେ

### *ଆଳୁ ଉତ୍ତପମ୍ ତିଆରି କରିବାର ପଦ୍ଧତି*

ଆଳୁ ଉତ୍ତପମ୍ ତିଆରି କରିବା ପାଇଁ ପ୍ରଥମେ ଆଳୁକୁ ଭଲ ଭାବରେ ସିଝାଇ ଚକଟି ଦିଅନ୍ତୁ। ପୂର୍ବରୁ ପାଣିରେ ଭିଜାଇ ରଖିଥିବା ଚୁଡ଼ାକୁ ଚିପୁଡ଼ି ସେଥିରେ ମିଶାଇ ଦିଅନ୍ତୁ। କଟା ପିଆଜ, ଅଦା-ରସୁଣ ପେଷ୍ଟ, କଟା ଧନିଆ ପତ୍ର, ସୋରିଷ, କର୍ଣ୍ଣଫ୍ଲୋର ଏବଂ ଅନ୍ୟାନ୍ୟ ମସଲା ପକାଇ ଭଲ ଭାବରେ ମିଶାନ୍ତୁ। ତାୱା ଗରମ କରି ତେଲ ପକାଇ ସେଥିରେ ଉକ୍ତ ପୋଷ୍ଟକୁ ଛୋଟଛୋଟ ଚକୁଳି ଆକୃତିରେ କରନ୍ତୁ। ଗୋଟିଏ ପରେ ଏପରି କରି ଗରମାଗରମ ପ୍ରସ୍ତୁତ କରନ୍ତୁ ଆଳୁ ଉତ୍ତପମ୍।

# ଶକ୍ତି ସୁରକ୍ଷା ବନାମ ସ୍ୱାସ୍ଥ୍ୟ ସଙ୍କଟ: ତାପଜ ବିଦ୍ୟୁତ୍ କେନ୍ଦ୍ରରେ ପ୍ରଦୂଷଣ ନିୟନ୍ତ୍ରଣ କେତେ ଜରୁରୀ ?

ଭାରତ ଭଳି ଏକ ବିକାଶଶୀଳ ରାଷ୍ଟ୍ରରେ ଅର୍ଥନୈତିକ ପ୍ରଗତି ତଥା ଦ୍ରୁତ ଶିଳ୍ପାୟନ ପାଇଁ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ନିତାନ୍ତ ଆବଶ୍ୟକ । ଦେଶର ସମୁଦାୟ ବିଦ୍ୟୁତ୍ ଚାହିଦାର ପ୍ରାୟ ସତୁରୀ ପ୍ରତିଶତ କେବଳ କୋଇଲା ଚାଳିତ ତାପଜ ବିଦ୍ୟୁତ୍ କେନ୍ଦ୍ରଗୁଡ଼ିକ ଦ୍ୱାରା ହିଁ ପୂରଣ ହୋଇଥାଏ । । ମାତ୍ର ଏହି ବିଦ୍ୟୁତ୍ ଉତ୍ପାଦନ ପ୍ରକ୍ରିୟା ପରିବେଶ ଏବଂ ମାନବ ସ୍ୱାସ୍ଥ୍ୟ ପାଇଁ କେତେ ଭୟଙ୍କର ସାବ୍ୟସ୍ତ ହୋଇପାରେ, ତାହା ନିକଟରେ ପ୍ରକାଶିତ ଏକ ଗବେଷଣାତ୍ମକ ରିପୋର୍ଟରୁ ସ୍ପଷ୍ଟ ହୋଇଛି । ଆଇଆଇଟି ଦିଲ୍ଲୀର ବାୟୁମଣ୍ଡଳୀୟ ବିଜ୍ଞାନ କେନ୍ଦ୍ର ଦ୍ୱାରା ପରିଚାଳିତ ଏବଂ ପ୍ରସିଦ୍ଧ ବିଜ୍ଞାନ ପତ୍ରିକା 'ନେଚର'ରେ ପ୍ରକାଶିତ ଏହି ଅଧ୍ୟୟନ ଅନୁଯାୟୀ, ଯଦି ଭାରତର କୋଇଲା ଚାଳିତ ବିଦ୍ୟୁତ୍ କେନ୍ଦ୍ରଗୁଡ଼ିକରୁ ସଲଫର୍ ଡାଇଅକ୍ସାଇଡ୍ (SO2) ନିର୍ଗମନକୁ ସମ୍ପୂର୍ଣ୍ଣ ରୂପେ ନିୟନ୍ତ୍ରଣ କରାଯାଇପାରନ୍ତା, ତେବେ ପ୍ରତିବର୍ଷ ଦେଶରେ ପ୍ରାୟ ୧ ଲକ୍ଷ ୨୪ ହଜାର ୫୬୪ ଜଣ ଲୋକଙ୍କୁ ଅକାଳ ମୃତ୍ୟୁମୁଖରୁ ବଞ୍ଚାଯାଇପାରନ୍ତା । ସାମ୍ନାକୁ ଆସିଥିବା ଏହି ହୃଦୟବିଦାରକ ତଥ୍ୟ କେବଳ ଏକ ସାଧାରଣ ପରିସଂଖ୍ୟାନ ନୁହେଁ, ବରଂ ଏହା ସରକାରଙ୍କ ପରିବେଶ ନୀତି ଏବଂ ଶିଳ୍ପପତିମାନଙ୍କୁ ଦିଆଯାଉଥିବା ଅହେତୁକ ଅନୁକମ୍ପା ପ୍ରତି ଏକ ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରିଛି । ବିଶେଷ କରି ଗତ ବର୍ଷ ଅର୍ଥାତ୍ ଜୁଲାଇ ୨୦୨୫ ମସିହାରେ କେନ୍ଦ୍ର ସରକାର ଯେଉଁଭଳି ଭାବରେ ପ୍ରାୟ ଅଶୀ ପ୍ରତିଶତ କୋଇଲା ଚାଳିତ ତାପଜ ବିଦ୍ୟୁତ୍ କେନ୍ଦ୍ରକୁ ସଲଫର୍ ନିର୍ଗମନ ନିୟନ୍ତ୍ରଣକାରୀ ଜ୍ଞାନକୌଶଳ ଲଗାଇବାରୁ ରିହାତି ପ୍ରଦାନ କଲେ, ତାହା ଦେଶର ଲକ୍ଷ ଲକ୍ଷ ନିରୀହ ନାଗରିକଙ୍କ ଜୀବନ ପ୍ରତି ଏକ ଚରମ ବିପଦ ଡାକି ଆଣିଛି । କ୍ଲିନ୍ ଏୟାର୍ ଆଣ୍ଡ୍ ଏନର୍ଜି ରିସର୍ଚ୍ଚ ସେଣ୍ଟର୍ (CREA) ର ବିଶେଷଜ୍ଞମାନଙ୍କ ମତରେ ଏହି ମୃତ୍ୟୁ ଆକଳନରେ ମାତ୍ର ପାଞ୍ଚ ପ୍ରତିଶତ ତ୍ରୁଟି ହେବାର ସମ୍ଭାବନା ରହିଛି, ଅର୍ଥାତ୍ ସରକାରୀ ନିଷ୍ପତ୍ତିର ପରିଣାମ ସ୍ୱରୂପ ଲକ୍ଷାଧିକ ଲୋକଙ୍କ ମୃତ୍ୟୁ ଅବଶ୍ୟମ୍ଭାବୀ ହୋଇପଡ଼ିଛି ।

କୋଇଲା ଚାଳିତ ବିଦ୍ୟୁତ୍ କେନ୍ଦ୍ରଗୁଡ଼ିକରୁ ନିର୍ଗତ ହେଉଥିବା ପ୍ରଦୂଷଣକୁ ନିୟନ୍ତ୍ରଣ କରିବା ପାଇଁ ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ୨୦୧୫ ମସିହା ଡିସେମ୍ବର ମାସରେ ଏକ କଠୋର ନିୟମାବଳୀ ଲାଗୁ କରିଥିଲେ । ସେହି ନିୟମ ଅନୁଯାୟୀ, ଦେଶର ସମସ୍ତ ତାପଜ ବିଦ୍ୟୁତ୍ କେନ୍ଦ୍ର ନିଜ ନିଜ ୟୁନିଟ୍‌ରେ 'ଫ୍ଲୁ ଗ୍ୟାସ୍ ଡିସଲଫରାଇଜେସନ୍' (FGD) ବା ସଲଫର୍ ହ୍ରାସକାରୀ ଅତ୍ୟାଧୁନିକ ପ୍ରଦୂଷଣ ନିୟନ୍ତ୍ରଣ ବ୍ୟବସ୍ଥା ଲଗାଇବା ବାଧ୍ୟତାମୂଳକ ଥିଲା । ଏହାର ମୂଳ ଉଦ୍ଦେଶ୍ୟ ଥିଲା ବିଦ୍ୟୁତ୍ କେନ୍ଦ୍ରରୁ ବାହାରୁଥିବା ସଲଫର୍ ଡାଇଅକ୍ସାଇଡ୍, ନାଇଟ୍ରୋଜେନ୍ ଅକ୍ସାଇଡ୍, ପାରଦ ଏବଂ ଅନ୍ୟାନ୍ୟ କ୍ଷତିକାରକ ବସ୍ତୁକଣିକାର ପରିମାଣକୁ ବିପଦମୁକ୍ତ ସ୍ତର ପର୍ଯ୍ୟନ୍ତ ହ୍ରାସ କରିବା । ମାତ୍ର ବିଡ଼ମ୍ବନାର ବିଷୟ ହେଉଛି, ଏହି ନିୟମକୁ କାର୍ଯ୍ୟକାରୀ କରିବା ପାଇଁ ଶିଳ୍ପପତିଙ୍କ ଚାପରେ ବାରମ୍ବାର ସମୟସୀମା ବୃଦ୍ଧି କରାଗଲା । ପରିଶେଷରେ ୨୦୨୫ ଜୁଲାଇ ମାସରେ ସରକାର ଏକ ବିଜ୍ଞପ୍ତି ଜାରି କରି ଅଧିକାଂଶ ପୁରୁଣା ଏବଂ ନିର୍ଦ୍ଦିଷ୍ଟ କ୍ଷମତା ବିଶିଷ୍ଟ ବିଦ୍ୟୁତ୍ କେନ୍ଦ୍ରଗୁଡ଼ିକୁ ଏହି ଏଫଜିଡି ଲଗାଇବା କଟକଣାରୁ ମୁକ୍ତ କରିଦେଲେ । ସରକାରଙ୍କ ଯୁକ୍ତି ଥିଲା ଯେ ଏହାଦ୍ୱାରା ଦେଶର ଶକ୍ତି ଉତ୍ପାଦନ ବାଧାପ୍ରାପ୍ତ ହେବ ନାହିଁ ଏବଂ ଶିଳ୍ପଗୁଡ଼ିକ ଉପରେ ଆର୍ଥିକ ବୋଝ ପଡ଼ିବ ନାହିଁ । କିନ୍ତୁ ବିଶ୍ୱ ସ୍ତରରେ ଦେଖିଲେ ୨୦୦୫ରୁ ୨୦୨୧ ମଧ୍ୟରେ ଚୀନ୍ ସମେତ ଅନ୍ୟ ସମସ୍ତ ପ୍ରମୁଖ ଦେଶ ନିଜର ସଲଫର୍ ନିର୍ଗମନ ହ୍ରାସ କରିବାରେ ସଫଳ ହୋଇଥିବା ବେଳେ ଭାରତ ସମ୍ପୂର୍ଣ୍ଣ ବିପରୀତ ଦିଗରେ ଗତି କରି ନିଜର ପ୍ରଦୂଷଣ ହାରକୁ ଦ୍ୱିଗୁଣିତ କରିଛି। ଉପଗ୍ରହ ଚିତ୍ର ଏବଂ ତଥ୍ୟରୁ ଜଣାପଡ଼ିଛି ଯେ ଭାରତରେ ସଲଫର୍ ଡାଇଅକ୍ସାଇଡ୍ ନିର୍ଗମନ ୨୦୦୫ ମସିହାରେ ବାର୍ଷିକ ୨.୩୬ ହଜାର କିଲୋଟନ୍ ଥିବା ବେଳେ ୨୦୨୧ ସୁଦ୍ଧା ତାହା ୫.୦୫ ହଜାର କିଲୋଟନ୍‌ରେ ପହଞ୍ଚିଥିଲା ଏବଂ ୨୦୨୩ ସୁଦ୍ଧା ଏଥିରେ ଆହୁରି ୩୦ ପ୍ରତିଶତ ବୃଦ୍ଧି ଘଟିଛି । ଏଭଳି ଦ୍ରୁତ ଗତିରେ ପ୍ରଦୂଷଣ ବଢୁଥିବା ବେଳେ ପ୍ରଦୂଷଣ ନିୟନ୍ତ୍ରଣ ନିୟମକୁ କୋହଳ କରିବା ସରକାରଙ୍କର ଏକ ଅଦୂରଦର୍ଶୀ ଏବଂ ଜନମାରଣ ନୀତି ବ୍ୟତୀତ ଅନ୍ୟ କିଛି ନୁହେଁ ।

ସଲଫର୍ ଡାଇଅକ୍ସାଇଡ୍ ବା ଗନ୍ଧକାମ୍ଳ ଗ୍ୟାସ୍ ମାନବ ସ୍ୱାସ୍ଥ୍ୟ ଉପରେ କିଭଳି ଭୟଙ୍କର କୁପ୍ରଭାବ ପକାଏ, ତାହାର ବୈଜ୍ଞାନିକ ବିଶ୍ଳେଷଣ କଲେ ସ୍ଥିତିର ଭୟାବହତା ଅଧିକ ସ୍ପଷ୍ଟ ହୋଇଯାଏ । ତାପଜ ବିଦ୍ୟୁତ୍ କେନ୍ଦ୍ରରୁ ବାହାରୁଥିବା ସଲଫର୍ ଡାଇଅକ୍ସାଇଡ୍ କେବଳ ବାୟୁମଣ୍ଡଳରେ ସେହି ମୌଳିକ ଗ୍ୟାସୀୟ ଆକାରରେ ରହିନଥାଏ; ବରଂ ବାୟୁମଣ୍ଡଳରେ ଥିବା ଅନ୍ୟ ରାସାୟନିକ ପଦାର୍ଥ ସହିତ ଜଟିଳ ପ୍ରତିକ୍ରିୟା କରି ଏହା 'ସେକେଣ୍ଡାରୀ ଇନଅର୍ଗାନିକ୍ ଏରୋସଲ୍' ଅର୍ଥାତ୍ ଦ୍ୱିତୀୟକ ଅଜୈବ କଣିକା ଯଥା ସଲଫେଟ୍, ନାଇଟ୍ରେଟ୍ ଏବଂ ଆମୋନିୟମ୍ କଣିକାରେ ପରିଣତ ହୁଏ । ଏହି କଣିକାଗୁଡ଼ିକ ଅତି ସୂକ୍ଷ୍ମ ବସ୍ତୁକଣିକା ବା 'ପିଏମ୍ ୨.୫' ଶ୍ରେଣୀଭୁକ୍ତ ହୋଇଥାନ୍ତି । ଆକାରରେ ଅତ୍ୟନ୍ତ କ୍ଷୁଦ୍ର ଅର୍ଥାତ୍ ଏକ ମଣିଷ ଚୁଟିର ବ୍ୟାସ ଠାରୁ ପ୍ରାୟ ତିରିଶ ଗୁଣ ସାନ ହୋଇଥିବାରୁ, ଶ୍ୱାସକ୍ରିୟା ସମୟରେ ଏଗୁଡ଼ିକ ନାକର ପ୍ରାକୃତିକ ଛାଣିବା ବ୍ୟବସ୍ଥାକୁ ଭେଦ କରି ସହଜରେ ଫୁସଫୁସ୍ ଏବଂ ଶେଷରେ ରକ୍ତ ପ୍ରବାହରେ ସିଧାସଳଖ ପ୍ରବେଶ କରିଯାଆନ୍ତି । ଫଳସ୍ୱରୂପ, ମଣିଷ ଶରୀରରେ ହୃଦରୋଗ, ଷ୍ଟ୍ରୋକ୍ ଏବଂ ଗୁରୁତର ଶ୍ୱାସଜନିତ ରୋଗର ଆଶଙ୍କା ବହୁଗୁଣିତ ହୋଇଯାଏ । ଆଇଆଇଟି ଦିଲ୍ଲୀର ଉକ୍ତ ବିସ୍ତୃତ ଅଧ୍ୟୟନ ଅନୁଯାୟୀ, ବାର୍ଷିକ ଯେଉଁ ୧.୨୪ ଲକ୍ଷ ଅକାଳ ମୃତ୍ୟୁ ହେବାର ଆଶଙ୍କା ରହିଛି, ସେଥିମଧ୍ୟରୁ ପ୍ରାୟ ୧୪,୭୭୭ ଜଣଙ୍କର କେବଳ ହୃଦରୋଗ କାରଣରୁ ଏବଂ ୮,୪୭୬ ଜଣଙ୍କର ଶ୍ୱାସଜନିତ ସମସ୍ୟା ଯୋଗୁଁ ମୃତ୍ୟୁ ଘଟୁଛି । ଏହି ସଂଖ୍ୟା ଭାରତର ବାୟୁ ଗୁଣବତ୍ତା ସଙ୍କଟର ସବୁଠାରୁ ଭୟାନକ ଚିତ୍ର ପ୍ରଦାନ କରୁଛି । ଯଦି ସରକାର ବିନା କୌଣସି ରିହାତିରେ ଏଫଜିଡି ଲଗାଇବା କାର୍ଯ୍ୟକୁ ତ୍ୱରାନ୍ୱିତ କରିଥାନ୍ତେ, ତେବେ ଦେଶବ୍ୟାପୀ ବାୟୁମଣ୍ଡଳରେ ପିଏମ୍ ୨.୫ ର ବାର୍ଷିକ ହାରାହାରି ମାତ୍ରା ଘନମିଟର ପିଛା ୦.୩ ରୁ ୧୨ ମାଇକ୍ରୋଗ୍ରାମ୍ ଏବଂ ଆମ୍ବିଏଣ୍ଟ୍ ସଲଫର୍ ସ୍ତର ୦.୧ ରୁ ୧୩.୬ ପାର୍ଟସ୍ ପର୍ ବିଲିୟନ୍ ପର୍ଯ୍ୟନ୍ତ ହ୍ରାସ ପାଇଥାନ୍ତା, ଯାହା ଅଗଣିତ ପରିବାରକୁ ଉଜୁଡ଼ିଯିବାରୁ ରକ୍ଷା କରିପାରିଥାନ୍ତା ।

ଏହି ଶିଳ୍ପ ଜନିତ ପ୍ରଦୂଷଣର ପ୍ରଭାବ କେବଳ ଗୋଟିଏ ନିର୍ଦ୍ଦିଷ୍ଟ ଅଞ୍ଚଳରେ ସୀମିତ ନାହିଁ, ବରଂ ଏହାର ପରିଧି ବହୁ ବ୍ୟାପକ । ଭୌଗୋଳିକ ଦୃଷ୍ଟିକୋଣରୁ ବିଚାର କଲେ, ଓଡ଼ିଶା ଏବଂ ଛତିଶଗଡ଼ ଭଳି ରାଜ୍ୟଗୁଡ଼ିକରେ ସର୍ବାଧିକ କୋଇଲା ଖଣି ଏବଂ ତାପଜ ବିଦ୍ୟୁତ୍ କେନ୍ଦ୍ର ରହିଛି । ଆମ ରାଜ୍ୟ ଓଡ଼ିଶାର ସୁନ୍ଦରଗଡ଼ ଜିଲ୍ଲାରେ ଅବସ୍ଥିତ ଦର୍ଲିପାଲି ପ୍ରକଳ୍ପ ହେଉ ବା ଝାରସୁଗୁଡ଼ା ଓ ତାଳଚେର ଅଞ୍ଚଳରେ ଥିବା ଏନଟିପିସି ଏବଂ ଅନ୍ୟ ବେସରକାରୀ ବିଦ୍ୟୁତ୍ କେନ୍ଦ୍ର, ଏସବୁ ସ୍ଥାନରୁ ନିର୍ଗତ ହେଉଥିବା ଅତ୍ୟଧିକ ପ୍ରଦୂଷଣ ସ୍ଥାନୀୟ ବାୟୁମଣ୍ଡଳକୁ ସମ୍ପୂର୍ଣ୍ଣ ରୂପେ ବିଷାକ୍ତ କରିଦେଇଛି । ତେଣୁ ସଲଫର୍ ନିର୍ଗମନ ଉପରେ କଟକଣା ଲଗାଗଲେ ସିଧାସଳଖ ଭାବରେ ଏହି ଦୁଇ ରାଜ୍ୟର ବାୟୁ ଗୁଣବତ୍ତାରେ ସର୍ବାଧିକ ସୁଧାର ଆସିପାରନ୍ତା । କିନ୍ତୁ ପ୍ରକୃତିର ନିୟମ ଅନୁସାରେ ଏହି ସୂକ୍ଷ୍ମ ବସ୍ତୁକଣିକାଗୁଡ଼ିକ ପବନର ଗତିପଥ ଅନୁସରଣ କରି ବହୁ ଦୂରଦୂରାନ୍ତକୁ ବ୍ୟାପିଥାଏ । ଫଳରେ ଯେଉଁ ରାଜ୍ୟଗୁଡ଼ିକରେ ବିଦ୍ୟୁତ୍ କେନ୍ଦ୍ର ନାହିଁ କିମ୍ବା କମ୍ ଅଛି, ସେଠାରେ ମଧ୍ୟ ଏହାର କୁପ୍ରଭାବ ପଡୁଛି । ଅଧ୍ୟୟନରୁ ଏକ ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି ଯେ, ମହାରାଷ୍ଟ୍ର, ତାମିଲନାଡୁ ଏବଂ କର୍ଣ୍ଣାଟକ ଭଳି ଅଧିକ ଜନଘନତ୍ୱ ବିଶିଷ୍ଟ ଦକ୍ଷିଣ ଏବଂ ପଶ୍ଚିମ ଭାରତୀୟ ରାଜ୍ୟଗୁଡ଼ିକରେ ଏହି ସଲଫର୍ ପ୍ରଦୂଷଣ ଯୋଗୁଁ ସର୍ବାଧିକ ସଂଖ୍ୟକ ଲୋକ ଅକାଳ ମୃତ୍ୟୁର ଶିକାର ହେଉଛନ୍ତି । ଏହା ସହିତ ସାମାଜିକ ନ୍ୟାୟ ଦୃଷ୍ଟିକୋଣରୁ ଦେଖିଲେ, ଶିଳ୍ପାଞ୍ଚଳ ଆଖପାଖରେ ବାସ କରୁଥିବା ଗରିବ ନାଗରିକ, ଶ୍ରମିକମାନେ ଏହି ବିଷାକ୍ତ ବାୟୁର ପ୍ରଥମ ଏବଂ ମୁଖ୍ୟ ଶିକାର ହେଉଛନ୍ତି । ଏହି ନିଷ୍ପେସିତ ବର୍ଗର ଲୋକମାନଙ୍କ ନିକଟରେ ଉନ୍ନତ ଚିକିତ୍ସା ସୁବିଧା ନଥିବାରୁ ପ୍ରଦୂଷଣ ଜନିତ ରୋଗ ସେମାନଙ୍କ ପାଇଁ ଏକ ଅଘୋଷିତ ମୃତ୍ୟୁଦଣ୍ଡ ସାଜୁଛି । ଗୋଟିଏ ପଟେ ସରକାର ସାମାଜିକ ଉନ୍ନତିର ପ୍ରତିଶ୍ରୁତି ଦେଉଥିବା ବେଳେ, ଅନ୍ୟ ପଟେ ନିଜର ଶିଳ୍ପ ସପକ୍ଷବାଦୀ ଏବଂ ଦୁର୍ବଳ ପରିବେଶ ନୀତି ମାଧ୍ୟମରେ ସେହି ସାଧାରଣ ଖଟିଖିଆ ଲୋକଙ୍କ ଆୟୁଷ କମାଇବାରେ ସହାୟକ ହେଉଛନ୍ତି ବୋଲି ପରିବେଶ କର୍ମୀମାନେ ଅଭିଯୋଗ କରିବା ସମ୍ପୂର୍ଣ୍ଣ ଯୁକ୍ତିଯୁକ୍ତ ମନେହୁଏ ।

ଅର୍ଥନୈତିକ ଏବଂ ଆର୍ଥିକ ଲାଭ-କ୍ଷତିର ଗଭୀର ବିଶ୍ଳେଷଣ କଲେ ସରକାର ନେଇଥିବା ନିଷ୍ପତ୍ତିର ଦୂରଦୃଷ୍ଟିହୀନତା ପଦାରେ ପଡ଼ିଯାଏ । ତାପଜ ବିଦ୍ୟୁତ୍ କେନ୍ଦ୍ରଗୁଡ଼ିକରେ ଏଫଜିଡି (FGD) ଭଳି ପ୍ରଦୂଷଣ ନିୟନ୍ତ୍ରଣ ବ୍ୟବସ୍ଥା ଲଗାଇବା ପାଇଁ ଶିଳ୍ପ ସଂସ୍ଥାଗୁଡ଼ିକୁ ଯେଉଁ ପୁଞ୍ଜି ନିବେଶର ଆବଶ୍ୟକତା ରହିଛି, ତାହାକୁ ଆଳ କରି ସରକାର ନିୟମ କୋହଳ କରିଥିଲେ । ମାତ୍ର ବାସ୍ତବରେ ପ୍ରଦୂଷଣ ଜନିତ ରୋଗର ଚିକିତ୍ସା ପାଇଁ ଦେଶର ଯେଉଁ ବିପୁଳ ସ୍ୱାସ୍ଥ୍ୟସେବା ଖର୍ଚ୍ଚ ହେଉଛି ତାହା ତୁଳନାରେ ଏହି ପୁଞ୍ଜି ନିବେଶ ଅତ୍ୟନ୍ତ ନଗଣ୍ୟ ଅଟେ । ଗବେଷଣା ସଂସ୍ଥାର ବିଶେଷଜ୍ଞମାନଙ୍କ ସ୍ପଷ୍ଟ ମତରେ, ୧ ଲକ୍ଷ ୨୪ ହଜାରରୁ ଊର୍ଦ୍ଧ୍ୱ ମୂଲ୍ୟବାନ ଜୀବନ ବଞ୍ଚାଇବା ଏବଂ ଲକ୍ଷ ଲକ୍ଷ ଲୋକଙ୍କୁ ରୋଗମୁକ୍ତ ରଖିବା ଦ୍ୱାରା ଦେଶର ଯେଉଁ ବିଶାଳ ଶ୍ରମ ଶକ୍ତି ବଞ୍ଚିବ ଏବଂ ଚିକିତ୍ସା ବାବଦ ଆର୍ଥିକ ବୋଝ ହ୍ରାସ ପାଇବ, ତାହାର ମୂଲ୍ୟ ଏଫଜିଡି ସ୍ଥାପନର ସମୁଦାୟ ଖର୍ଚ୍ଚ ଠାରୁ ଯଥେଷ୍ଟ ଅଧିକ ହେବ । ପ୍ରଦୂଷଣ କାରଣରୁ ଲୋକମାନେ ବାରମ୍ବାର ଅସୁସ୍ଥ ହେବା ଦ୍ୱାରା ସେମାନଙ୍କର କାର୍ଯ୍ୟକ୍ଷମତା ହ୍ରାସ ପାଉଛି, କର୍ମଦିବସ ନଷ୍ଟ ହେଉଛି ଯାହାକି ପରୋକ୍ଷରେ ଦେଶର ସମୁଦାୟ ଉତ୍ପାଦକତା ଏବଂ ଜିଡିପି ଉପରେ ଏକ ଗଭୀର ନକାରାତ୍ମକ ଆଘାତ ପକାଉଛି । କେନ୍ଦ୍ର ସରକାରଙ୍କ ପରିବେଶ ମନ୍ତ୍ରଣାଳୟ ଗତ ବର୍ଷ ଦୃଢ଼ୋକ୍ତି ପ୍ରକାଶ କରିଥିଲେ ଯେ ବିସ୍ତୃତ ବୈଜ୍ଞାନିକ ଅଧ୍ୟୟନ, ବିଭିନ୍ନ ହିତାଧିକାରୀ ତଥା ଗବେଷଣା ଅନୁଷ୍ଠାନମାନଙ୍କ ସହ ବ୍ୟାପକ ଆଲୋଚନା ପରେ ହିଁ ଏହି ନିୟମକୁ କୋହଳ କରାଯାଇଛି । କିନ୍ତୁ ଆଇଆଇଟି ଦିଲ୍ଲୀ ଭଳି ଦେଶର ଏକ ସର୍ବୋଚ୍ଚ ବୈଷୟିକ ଅନୁଷ୍ଠାନର ସାମ୍ପ୍ରତିକ ପ୍ରମାଣଭିତ୍ତିକ ତଥ୍ୟ ସରକାରଙ୍କ ସେହି ଦାବିକୁ ସମ୍ପୂର୍ଣ୍ଣ ରୂପେ ଭିତ୍ତିହୀନ ପ୍ରମାଣିତ କରୁଛି । ଯଦି ପ୍ରକୃତରେ ସରକାର ବୈଜ୍ଞାନିକ ତଥ୍ୟ ଉପରେ ନିର୍ଭର କରି ନିଷ୍ପତ୍ତି ନେଉଥାନ୍ତେ, ତେବେ ଦେଶର ବିଶାଳ ଜନସାଧାରଣଙ୍କ ସ୍ୱାସ୍ଥ୍ୟକୁ ଚରମ ବିପଦକୁ ଠେଲିଦେଇ କେବଳ କିଛି ହାତଗଣତି ଶିଳ୍ପପତିଙ୍କ ସ୍ୱାର୍ଥ ରକ୍ଷା ପାଇଁ ଏଭଳି ପକ୍ଷପାତପୂର୍ଣ୍ଣ ଆଭିମୁଖ୍ୟ ଗ୍ରହଣ କରିନଥାନ୍ତେ । ଅଳ୍ପ କିଛି ବିଦ୍ୟୁତ୍ ଉତ୍ପାଦନକାରୀ କମ୍ପାନୀର ଲାଭ ପାଇଁ ସାଧାରଣ ଜନତାଙ୍କୁ ଦୈନନ୍ଦିନ ବିଷାକ୍ତ ବାୟୁ ସେବନ କରିବାକୁ ବାଧ୍ୟ କରିବା କଦାପି ଏକ ସୁସ୍ଥ ଗଣତନ୍ତ୍ର କିମ୍ବା ଏକ କଲ୍ୟାଣକାରୀ ରାଷ୍ଟ୍ରର ଲକ୍ଷଣ ହୋଇନପାରେ ।

ଏହି ସମସ୍ୟାର ସମାଧାନ ପାଇଁ ଆମକୁ କେବଳ ନୀତିଗତ ପରିବର୍ତ୍ତନ ନୁହେଁ, ବରଂ ନିୟମର କଠୋର ଅନୁପାଳନ ଉପରେ ଗୁରୁତ୍ୱ ଦେବାକୁ ପଡ଼ିବ । ସାମ୍ବିଧାନିକ ଦୃଷ୍ଟିକୋଣରୁ ବିଚାର କଲେ, ଭାରତୀୟ ସମ୍ବିଧାନର ଧାରା ୪୮(କ) ଅନୁଯାୟୀ ପରିବେଶର ସୁରକ୍ଷା ଓ ସଂରକ୍ଷଣ କରିବା ରାଷ୍ଟ୍ରର ଏକ ଅପରିହାର୍ଯ୍ୟ କର୍ତ୍ତବ୍ୟ ଅଟେ । ଏହାଛଡ଼ା ଧାରା ୨୧ ଅନୁଯାୟୀ ପ୍ରଦତ୍ତ 'ଜୀବନ ଧାରଣର ଅଧିକାର' ମଧ୍ୟରେ ଏକ ସ୍ୱଚ୍ଛ ଓ ପ୍ରଦୂଷଣମୁକ୍ତ ପରିବେଶରେ ବଞ୍ଚିବା ପ୍ରତ୍ୟେକ ନାଗରିକର ଏକ ମୌଳିକ ଅଧିକାର ଭାବେ ସର୍ବୋଚ୍ଚ ନ୍ୟାୟାଳୟ ବହୁବାର ସ୍ପଷ୍ଟ କରିଛନ୍ତି । ସରକାରଙ୍କ ଗତ ବର୍ଷର ନିଷ୍ପତ୍ତି ସିଧାସଳଖ ଭାବେ ଏହି ଉଚ୍ଚତର ସାମ୍ବିଧାନିକ ମୂଲ୍ୟବୋଧର ଏକ ଖୋଲା ଉଲ୍ଲଂଘନ କରୁଛି ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ । ବର୍ତ୍ତମାନ ଏକ ନିର୍ଣ୍ଣାୟକ ସମୟ ଆସିପହଞ୍ଚିଛି ଯେଉଁଠି କେନ୍ଦ୍ର ପରିବେଶ ମନ୍ତ୍ରଣାଳୟ ତୁରନ୍ତ ନିଜର ତ୍ରୁଟିପୂର୍ଣ୍ଣ ନୀତିକୁ ସୁଧାରିବା ଆବଶ୍ୟକ । ଜୁଲାଇ ୨୦୨୫ ରେ ଜାରି କରାଯାଇଥିବା ରିହାତି ବିଜ୍ଞପ୍ତିକୁ ସରକାର ଅବିଳମ୍ବେ ପ୍ରତ୍ୟାହାର କରିଦେବା ଉଚିତ୍ ଏବଂ ଦେଶର ସମସ୍ତ କୋଇଲା ଚାଳିତ ତାପଜ ବିଦ୍ୟୁତ୍ କେନ୍ଦ୍ରରେ ସଲଫର୍ ନିର୍ଗମନ ନିୟନ୍ତ୍ରଣ ବ୍ୟବସ୍ଥା (ଋଏଉ) କୁ ବିନା କୌଣସି ଆଳରେ ଏବଂ କଡ଼ାକଡ଼ି ଭାବେ ଲାଗୁ କରିବା ଅତ୍ୟନ୍ତ ଜରୁରୀ । ଦେଶର ବିକାଶ ଏବଂ ପରିବେଶ ସୁରକ୍ଷା ମଧ୍ୟରେ ଯଦି ଏକ ସୁଦୃଢ଼ ଓ ନିରନ୍ତର ସନ୍ତୁଳନ ରକ୍ଷା ନହୁଏ, ତେବେ ସମଗ୍ର ଦେଶର ଭବିଷ୍ୟତ ଅନ୍ଧକାରମୟ ହୋଇଯିବ । କୌଣସି ପ୍ରକାରର କାଳ୍ପନିକ ଅର୍ଥନୈତିକ ସଫଳତା କିମ୍ବା ଶିଳ୍ପ ଅଭିବୃଦ୍ଧିର ପରିସଂଖ୍ୟାନ ପ୍ରତିବର୍ଷ ଅକାଳରେ ବଳି ପଡୁଥିବା ଲକ୍ଷ ଲକ୍ଷ ନିରୀହ ଜୀବନର ବିକଳ୍ପ ହୋଇପାରିବ ନାହିଁ । ଆମକୁ ଶିଳ୍ପାୟନ ଏବଂ ଶକ୍ତି ସୁରକ୍ଷା ନିଶ୍ଚିତ ଭାବରେ ଦରକାର, କିନ୍ତୁ ତାହା ଦେଶର ନାଗରିକମାନଙ୍କ ଶବ ଉପରେ ଛିଡ଼ା ହୋଇ ନହେବା ବାଞ୍ଛନୀୟ ।

# ଆମ ଅସ୍ମିତା ଆମ ସ୍ୱାଭିମାନ



## ଶ୍ରୀ ଭୋଳାନାଥ ସାହୁ

ଉଠରେ ଉଠରେ ଉତ୍କଳ ସନ୍ତାନ ଉଠିବୁ ତୁ କେତେ ଦିନେ

ପୁରୁବ ଗୌରବ ପୁରୁବ ମହିମା ପଡୁ ନାହିଁକିରେ ତୋର ମନେ ।

ଉତ୍କଳ ଗୌରବ ମଧୁସୂଦନ ଦାସ ଓଡ଼ିଆ ଅସ୍ମିତାକୁ ସୁଦୃଢ଼ କରିବା ପାଇଁ ଊନବିଂଶ ଶତାବ୍ଦୀର ଶେଷ ପର୍ଯ୍ୟାୟରେ ଉତ୍କଳବାସୀଙ୍କୁ ଆହ୍ୱାନ ଜଣାଇ ଏହା କହିଥିଲେ । 'ଅସ୍ମିତା' ଶବ୍ଦର ଅର୍ଥ ସୁଦୂର ପ୍ରସାରୀ । ଅଭିଧାନର ପୃଷ୍ଠା ଉନ୍ମୋଚନ କଲେ ଅସ୍ମିତାର ଅର୍ଥ - ଅହଂଜ୍ଞାନ, ମୁଁ ପଣ, ମୁଁ ଭାବ, ମୁଁତ୍ୱ ବା ମୋର ଅସ୍ତିତ୍ୱ । ଅର୍ଥାତ ନିଜକୁ ପରିଚିତ କରିବା ବା ପ୍ରକାଶ କରିବାର ଭାବ ହିଁ ଅସ୍ମିତା ଯାହା ଜଣେ ମଣିଷର ଗର୍ବ ପ୍ରକାଶ କରିବାର ମାଧ୍ୟମ । ଏହି ଗର୍ବ ପ୍ରକାଶ କରିବାର ଦୁଇଟି ମାଧ୍ୟମ ରହିଛି । ଯଥା- ନକରାତ୍ମକ ଓ ସକରାତ୍ମକ । ଜଣେ ମଣିଷ ଯଦି କହେ ମୁଁ ଏହା କରିଛି, ତାହା କରିଛି, ଏସବୁକୁ କରିଛି କିନ୍ତୁ ଲୋକ ମୁଖରେ ତାହା ପ୍ରକାଶିତ ନୁହେଁ । ତେବେ ତାହା ନକରାତ୍ମକ ଭାବ । ଅର୍ଥାତ ସର୍ବମୁଖରେ ଏହିଭାବ ପ୍ରକାଶିତ ହୁଏ - 'ତାର ବହୁତ ଗର୍ବ ହୋଇଗଲାଣି ।' ଯଦି ଜଣେ ମଣିଷ ସବୁ କରିଛି, କିନ୍ତୁ ସେ କିଛି କହେନାହିଁ, କିନ୍ତୁ ଲୋକ ମୁଖରେ ତାହା ପ୍ରକାଶିତ । ଏହି ଭାବହିଁ ସକରାତ୍ମକ ଭାବ । ଏହି ସକରାତ୍ମକ ଭାବ ହିଁ ଜଣେ ବ୍ୟକ୍ତି ବିଶେଷର ଅସ୍ମିତା । ତେବେ ଆମ ଅସ୍ମିତା ବା ଓଡ଼ିଆ ଅସ୍ମିତା କଣ ? ଯେଉଁ ଭାବ, ଜ୍ଞାନ, କୀର୍ତ୍ତି, ଗର୍ବ ବା ଗୌରବ ମାଧ୍ୟମରେ ଓଡ଼ିଆର ପରିଚୟ ପ୍ରକାଶିତ ତାହା ହିଁ ଓଡ଼ିଆ ଅସ୍ମିତା । ଯାହା ଓଡ଼ିଆ ବା ଓଡ଼ିଶାର କଳା, ସାହିତ୍ୟ, ସଂସ୍କୃତି, ଐତିହ୍ୟ, ମୂଲ୍ୟବୋଧ, ଆଦର୍ଶ ତଥା ଓଡ଼ିଆଙ୍କର ଜୀବନଧନ ଶ୍ରୀ ଜଗନ୍ନାଥଙ୍କ ପୂଜା ବିଧିକୁ ସୂଚାଇଥାଏ । ଯାହାଦ୍ୱାରା ଓଡ଼ିଶାର ଗର୍ବ, ଗୌରବ ଓ ମାନସମ୍ମାନ ପ୍ରକାଶିତ । ଉଦାହରଣ ସ୍ୱରୂପ- "କୋଣାର୍କ ଓଡ଼ିଶାର ଗର୍ବ ଓ ଗୌରବ ।" ଏଠାରେ କୋଣାର୍କର ସେହି ଅହଂଭାବ ପ୍ରକାଶିତ । ଏହିଭାବ ବିଶୁ ମହାରଣାର ନୁହେଁ, ବାରଶହ ବଢ଼େଇର ନୁହେଁ କିମ୍ବା ଧର୍ମପଦର ନୁହେଁ । ଯାହା ଓଡ଼ିଆ ଜାତିର ଏକ ସକରାତ୍ମକ ଭାବ । ଯାହାକୁ ଓଡ଼ିଆ ଅସ୍ମିତା ଭାବରେ ଗ୍ରହଣ କରିପାରିବା । କୋଣାର୍କ ପ୍ରସଙ୍ଗରେ କବି ସଚିରାଉତରାୟଙ୍କ ବକ୍ତବ୍ୟ ଓଡ଼ିଆ ଜାତିର ଅସ୍ମିତାକୁ ଆହୁରି ସୁଦୃଢ଼ କରିଛି । ଯଥା - "ତୁମେ ଦେଖୁଅଛ ଶିଳାରେ ତାରତ ରମ୍ୟ କଳାର ରୂପ, ମୁଁଦେଖୁଛି ତହିଁ କୋଟି କଙ୍କାଳ ଭଗ୍ନ ବୁକୁର ସ୍ତୂପ ।" ଅର୍ଥାତ ରାଜାଙ୍କ ନିର୍ଦ୍ଦେଶରେ ଘରସଂସାର ଠାରୁ ଦୂରରେ ରହି ମନ୍ଦିର ନିର୍ମାଣର ମାର୍ମିକ ସମାଜ ଚିତ୍ର ଉତ୍କଳର ଗୌରବକୁ ପ୍ରତିପାଦନ କରିଛି । ଏହା ମଧ୍ୟ ଓଡ଼ିଶାର ଅସ୍ମିତା । ଯେଉଁ ଓଡ଼ିଆ ଅସ୍ମିତା ପ୍ରାୟତଃ ଊନବିଂଶ ଶତାବ୍ଦୀର ଶେଷ ଭାଗରେ ଓଡ଼ିଆ ଭାଷା ସୁରକ୍ଷା ଓ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ଦାବିରୁ ଜନ୍ମ ହୋଇଥିଲା । ଏହା କେବଳ ଭାଷା ଭିତ୍ତିକ ନଥିଲା ବରଂ ଓଡ଼ିଆଙ୍କ ଆତ୍ମ ସମ୍ମାନ ଓ ଆତ୍ମ ପରିଚୟର ପ୍ରତୀକ ଥିଲା । ମଧୁବାବୁ 'ଉତ୍କଳ ସମ୍ମିଳନୀ' ଗଠନ ମାଧ୍ୟମରେ ୧୯୩୬ ମସିହା ଏପ୍ରିଲ ମାସ ୧ ତାରିଖରେ ଭାଷା ଭିତ୍ତିକ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ କରିଥିଲେ । ଏହାଥିଲା ଓଡ଼ିଆ ଅସ୍ମିତାର ଶ୍ରେଷ୍ଠତମ ବିଜୟ । ମୁଁ ଓଡ଼ିଶାର କଳା ସଂସ୍କୃତିକୁ ଭଲପାଏ । ଏହା ଜଣେ ବ୍ୟକ୍ତିର ଆତ୍ମ ସମ୍ମାନର ପ୍ରଶ୍ନ । ଏହାହିଁ ତାର ସ୍ୱାଭିମାନ । ସମ୍ପ୍ରତି ଓଡ଼ିଆ ଅସ୍ମିତା ଓଡ଼ିଶାର କଳା, ସାହିତ୍ୟ, ସଂସ୍କୃତି, ଐତିହ୍ୟ, ମୂଲ୍ୟବୋଧ, ଆଦର୍ଶ, ଶ୍ରୀଜଗନ୍ନାଥ ସଂସ୍କୃତିର ସଂରକ୍ଷଣ ଓ ପ୍ରସାର ସାମଗ୍ରିକ ଆନ୍ଦୋଳନ ଭାବରେ ଉଭା ହୋଇଛି । ଆଜି ଓଡ଼ିଆ ଅସ୍ମିତା ହୋଇଛି ଆମ ଭାଷା, କଳା, ସାହିତ୍ୟ, ସଂସ୍କୃତି, ଐତିହ୍ୟ, ମୂଲ୍ୟବୋଧ ଓ ଆଦର୍ଶର ସମ୍ମିଶ୍ରଣ । ଏ ସମସ୍ତର ସୁରକ୍ଷା କରିବା ଆମ ସ୍ୱାଭିମାନ । ତେଣୁ ମୁକ୍ତ କଣ୍ଠରେ କହିପାରିବା - "ଆମ ଅସ୍ମିତା ଆମ ସ୍ୱାଭିମାନ ।" ଓଡ଼ିଆ ଅସ୍ମିତା ଭୂଲୁଣ୍ଠିତ ହେଲେ ଓଡ଼ିଆ ସ୍ୱାଭିମାନ ନଷ୍ଟ ହେବ ହିଁ ହେବ । ତେଣୁ ଓଡ଼ିଆ ଅସ୍ମିତାର ସୁରକ୍ଷା ପ୍ରତ୍ୟେକ ଓଡ଼ିଆଙ୍କର ସ୍ୱାଭିମାନ ହେବ ଆବଶ୍ୟକ ।

ଓଡ଼ିଆ ଅସ୍ମିତାର କ୍ଷୁର୍ଣ୍ଣତା ଆମ ସ୍ୱାଭିମାନ ବିନଷ୍ଟର କାରକ । ଏଥିନିମନ୍ତେ ଆମ ଅସ୍ମିତାର ସୁରକ୍ଷା ପାଇଁ କେତେଗୁଡ଼ିଏ ଦିଗ ପ୍ରତି ଯତ୍ନବାନ ହେବା ଉଚିତ । ଯଥା -

୧) ଈଶ୍ୱର ବିଶ୍ୱାସ ଭାବ ବୃଦ୍ଧି - ଈଶ୍ୱର ବିଶ୍ୱାସ ମଣିଷକୁ ନୈତିକ, ଆଧ୍ୟାତ୍ମିକ, ସତ୍ୟବାଦୀ, ସ୍ପଷ୍ଟବାଦୀ, ସାଧୁ, ସଚ୍ଚୋଟ, ସମୟାନୁବର୍ତ୍ତି, ସରଳ, ଅହିଂସା, ନିଷ୍କପଟ ଜୀବନ ଗଠନରେ ସହାୟକ ହୁଏ । ଓଡ଼ିଆ ଜାତିର ମଉଡ଼ମଣି ମହାପ୍ରଭୁ ଶ୍ରୀଜଗନ୍ନାଥ ଏହାର ସାର୍ଥକ ଦୃଷ୍ଟାନ୍ତ । ବିଶ୍ୱର ସମସ୍ତ ଠାକୁର କହନ୍ତି - 'ମୋତେ ମୁଣ୍ଡିଆ ପକା ।' କିନ୍ତୁ ଓଡ଼ିଆ ଜାତିର ବଡ଼ଠାକୁର କହନ୍ତି - 'ମୋତେ କୁଣ୍ଢେଇପକା ।' ଯିଏ ଅଶରଣର ଶରଣ, କୋଟି କୈବଲ୍ୟନାଥ, କୋଟି କୋଟି ଓଡ଼ିଆଙ୍କ ଜୀବନଧନ । ରତ୍ନ ସିଂହାସନରେ ଥାଇ ଶ୍ରଦ୍ଧାଳୁଙ୍କୁ ଆଲିଙ୍ଗନ କରିବା ପାଇଁ ବଢ଼ାଇ ଦିଅନ୍ତି ନିଜର ଦୁଇ ସମାନ୍ତରାଳ ହାତ । ଯେଉଁ ଭାବନାରେ ନଥାଏ ଧନୀ-ଗରିବ, ମୁଲିଆ-ମାଲିକ, ଉଚ୍ଚ-ନୀଚ, ପାପୀ-ତପିର ପ୍ରଭେଦ । ସେହି ମହାପ୍ରଭୁଙ୍କ ଭାବ ବନ୍ଧନରେ ବାନ୍ଧି ହେବାକୁ ହେଲେ ନିଜକୁ ତାଙ୍କ ନିକଟରେ ସମର୍ପଣ କରିଦେବା ଉଚିତ । ଯେଉଁ ସମର୍ପଣରେ ଥାଏ ତାଙ୍କର ସାନିଧ । କୁରୁସଭାସ୍ଥଳେ ଦ୍ରୌପଦୀ, ଘୋର ବନସ୍ତରେ ମୃଗୁଣୀ, ମହାସମୁଦ୍ରରେ ଗଜରାଜଙ୍କ ସମର୍ପଣ ଭାବହିଁ ଏହାର ଦୃଷ୍ଟାନ୍ତ ।

୨) ସଂସ୍କୃତିର ସୁରକ୍ଷା ଓ ସଂକ୍ରମଣ ପ୍ରତି ଗୁରୁତ୍ୱ - ସଂସ୍କୃତି କହିଲେ ଗୋଟିଏ ଜାତିର ରୀତି-ନୀତି, ଚାଲି-ଚଳଣ, ଆଚାର-ବ୍ୟବହାର, କଥା-ଭାଷା, ଖାଦ୍ୟ-ପେୟ, ପୋଷାକ-ପରିଛଦ, ପ୍ରଥା- ପରମ୍ପରା, ଐତିହ୍ୟ-ମୂଲ୍ୟବୋଧ ଓ ଆଦର୍ଶକୁ ବୁଝାଏ । ଓଡ଼ିଶାର ସଂସ୍କୃତି ଏକ ଗୌରବଜ୍ଜ୍ୱଳ ସଂସ୍କୃତି । ଯେଉଁ ମହାନ ସଂସ୍କୃତିକୁ ପ୍ରତ୍ୟେକ ନିଜ ପରିବାର ଓ ବିଦ୍ୟାଳୟରୁ ଶିକ୍ଷା କରିଥାନ୍ତି । ଯଥା- 'ଅତିଥି ଦେବ ଭବଃ ।' ଘରକୁ ଅତିଥି ଆସିଲେ ତାଙ୍କର ପାଦ ଧୋଇଦେବା, ଗାମୁଛାରେ ପାଦ ପୋଛିଦେବା, ପରେ ପରେ ଅନ୍ୟାନ୍ୟ ସମସ୍ତ ସତ୍କାର କରିବା ହିଁ ଆମ ଅସ୍ମିତା । ସେହିପରି ଜୀବ ହତ୍ୟା ନୁହେଁ, ବରଂ ଜୀବେ ଦୟା ଆମ ସଂସ୍କୃତିର ମୂଳ ମନ୍ତ୍ର । ମାତ୍ର ଏସବୁ ହଜି ହଜି ଗଲାଣି । ପୂଜାପାଠ, ପର୍ବପର୍ବାଣୀ, ପିଠାପଣା ପ୍ରଭୃତି ଆଜିର ପିଲାଙ୍କୁ ନୂଆ ନୂଆ ଲାଗୁଛି । ଏସବୁରେ ବ୍ୟବହୃତ ମଣ୍ଡା, ଆରିଶା, କାକରା ଓ ଚକୁଳିର ସ୍ଥାନ ପିଜା, ବର୍ଗର, ଦୋଷା ଓ ଚାଉମିନ ପ୍ରଭୃତି ନେଇଛି । ଆଜିର ୨୧ ବର୍ଷର ଝିଅ ଏକୋଇଶା ପୋଷାକ ପିନ୍ଧି ବାହାରେ ବୁଲୁଛି । ଢ଼େଙ୍କି, ଲଙ୍ଗଳ, ଜୁଆଳି, ପାଣ୍ଠି, ପହ୍ଲାଣ, ପେଶା, ପଟି, ତାଟି ପ୍ରଭୃତି ଶବ୍ଦ କହିଲେ ପିଲାଏ ଆଁକରି ଚାହିଁଲେଣି । ସଞ୍ଜମତା ହଜିଯାଇ ଉଗ୍ରତା ବଢ଼ିବାରେ ଲାଗିଛି । ଯୌଥ ପରିବାରର ବିଲୋପ ଏହାର ମୁଖ୍ୟ କାରକ । ସ୍ନେହ, ପ୍ରେମ, ସଞ୍ଜମ, ସମ୍ଭ୍ରମ, ଶାଳିନତା, ଆନ୍ତରିକତା, ଏକତା, ନୈତିକତା, ମାନବିକତା ପ୍ରଭୃତି ଲିଭି ଲିଭି ଗଲାଣି । ଏସବୁ ଭିତରେ ସ୍ୱାଭିମାନର ମାନ ନଷ୍ଟ ହେବାରେ ଲାଗିଛି । ସଂସ୍କୃତି ବଂଚିଲେ ଅସ୍ମିତା ବଂଚିବ ଓ ସ୍ୱାଭିମାନ ସୁରକ୍ଷିତ ହେବ । ଏଥିପାଇଁ ପ୍ରତ୍ୟେକ ନିଜ ସଂସ୍କୃତିର ସୁରକ୍ଷା ପ୍ରତି ଯତ୍ନବାନ ହେବା ଉଚିତ ।

୩) କର୍ମ ଓ କର୍ମଫଳ ପ୍ରତି ସଚେତନତା ବୃଦ୍ଧି - ପ୍ରତ୍ୟେକ ମଣିଷ ଜାଣିବା ଦରକାର - 'ଅନେକ ଜନ୍ମ ପୁଣ୍ୟବଳେ, ମଣିଷ ଜନ୍ମ ମହୀତଳେ ।' ଏହି ଶ୍ରେଷ୍ଠ ଜନ୍ମର ସଦ୍‌ବ୍ୟବହାର ହିଁ ସୁକର୍ମ । କର୍ମରେ ଭୁଲକଲେ କର୍ମଫଳ ଭୋଗ ଅନିବାର୍ଯ୍ୟ । ସେଥିରୁ କେହି କେବେ ତ୍ରାହି ପାଇ ପାରି ନାହିଁ କିମ୍ବା ପାଇପାରିବ ନାହିଁ । ପିତାମହ ଭୀଷ୍ମଙ୍କ ଶରଶଯ୍ୟା ଏହାର ପ୍ରତ୍ୟକ୍ଷ ନିର୍ଦ୍ଦର୍ଶନ । ପିତାମହ କହୁଛନ୍ତି- ମୁଁ ଭୁଲ କରିନି ମୁଁ କାହିଁକି ଏଫଳ ଭୋଗୁଛି ? ଭଗବାନ ଶ୍ରୀକୃଷ୍ଣ ୪୩ଜନ୍ମ ପରେ ୪୪ ଜନ୍ମରେ ସାପଟିଏକୁ ରକ୍ଷା କରିବାକୁ ଯାଇ ଶର ଅଗ୍ରଭାଗରେ ରାସ୍ତାରୁ ଟେକି ଫୋପାଡ଼ି ଦେବା ଓ ସାପ ଯାଇ କେତକୀ ବନର କଂଟାରେ ପଡ଼ି ମୃତ୍ୟୁବରଣ କରିଥିବାରୁ ଏହା ତାର ପରିଣତି । କୈକେୟୀ ଓ ଦଶରଥ ମନ୍ତ୍ରଣାରୁ ରାମଚନ୍ଦ୍ରଙ୍କୁ ରାଜା କରିବା ପରିବର୍ତ୍ତେ ୧୪ବର୍ଷ ବନବାସ ପଠାଇଥିବାରୁ ଦେବକୀ ଓ ବସୁଦେବଙ୍କୁ ୧୪ ବର୍ଷ କାରାବରଣ କରିବାକୁ ପଡ଼ିଥିଲା । ଆଲେକଜାଣ୍ଡାର ଗୋପ୍‌ଙ୍କ ମତରେ - 'ଭୁଲ କରିବା ମଣିଷର ପ୍ରକୃତି, ଭୁଲକୁ ମାନିନେବା ମଣିଷର ସଂସ୍କୃତି ଓ ଭୁଲକୁ ସଂଶୋଧନ କରିବା ମଣିଷର ପ୍ରଗତି ।' ନିଜର କର୍ମଯଦି ଅନ୍ୟାୟ ଭାବରେ ଅନ୍ୟର ଆଖିରୁ ଟୋପାଏ ଲୁହ ଗଡ଼ାଏ, ଯେଉଁ ଲୁହରେ ଥାଏ ୯୯ଭାଗ ଆବେଗ ଓ ୧ଭାଗ ଜଳ, ତେବେ ସେଥିପାଇଁ ପ୍ରତ୍ୟେକ ମଣିଷକୁ କର୍ମଫଳ ଭୋଗ କରିବାକୁ ପଡ଼ିଥାଏ । ମାତ୍ର ଦୁଃଖ ଏବଂ ବିଡ଼ମ୍ବନାର ବିଷୟଯେ ବହୁ ଆତ୍ମସ୍ୱାର୍ଥୀ ବ୍ୟକ୍ତି ନିଜ ସ୍ୱାର୍ଥ ପୂରଣ ନିମନ୍ତେ ଜଗନ୍ନାଥଙ୍କୁ ସଭା ସମିତି ଶେଷରେ ଅପନ୍ତରାରେ ପକାଇ ଚାଲିଯିବା କିମ୍ବା ଗାଡ଼ି ଘୋଡ଼ାର ପଛରେ ବାନ୍ଧି ପ୍ରଚାର ପ୍ରସାର କରିବା ପ୍ରଭୃତି କର୍ମ କେବଳ ଜଗନ୍ନାଥଙ୍କ ପ୍ରତି ଅସମ୍ମାନ ନୁହେଁ ବରଂ ଓଡ଼ିଆ ଅସ୍ମିତା ବ୍ୟାହତର କାରଣ । ଅବତାରୀ ଯେଉଁଠାରେ ଯୁଗଯୁଗାନ୍ତରରେ ନିଜର ଭୁଲ କର୍ମ ପାଇଁ ହାତ, ଗୋଡ଼, ପଲକ ହରାଇ ବଡ଼ଦେଉଳରେ ଆସୀନ- ଏଥିରୁ ପ୍ରତ୍ୟେକ ସାଧାରଣ ମଣିଷ ନିଜର କର୍ମ ଓ କର୍ମଫଳ ପ୍ରତି ସଚେତନ ହେବା ହିଁ ଓଡ଼ିଆ ଅସ୍ମିତା । ଆମେ କାଦୁଅକୁ ଓହ୍ଲାଇବା କାହିଁକି, ଗୋଡ଼ ଧୋଇବା କାହିଁକି ? କର୍ମ କରିବା ପୂର୍ବରୁ ଥରୁଟିଏ ନୁହେଁ ଶହେଥର ଭାବନ୍ତୁ ଓ କର୍ମ କରନ୍ତୁ ତେବେ ଯାଇ ଆମ ସାମାଜିକ ଜୀବନଚର୍ଯ୍ୟା ବଦଳିଯିବ ଓ ସୁସ୍ଥ ସମାଜ ଗଠନ ସହିତ ଆମ ଅସ୍ମିତାର ସୁରକ୍ଷା ହୋଇ ପାରିବ ।

୪) ଦୋଷାରୋପ ନୁହେଁ ଆତ୍ମସମୀକ୍ଷା ଆମ ଅସ୍ମିତା ସୁରକ୍ଷାର କବଚ । କଥାରେ ଅଛି - 'କହି ଦେଉଥାଇ ପରକୁ, ବୁଦ୍ଧି ନଦିଶଇ ଘରକୁ ।' ଚାଲୁଣି ହୋଇ ଛୁଂଚିକୁ କହିବା ନୀତି ଏଠି ଚାଲିଛି । ପ୍ରତ୍ୟେକ ହୃଦୟଙ୍ଗମ କରିବା ଉଚିତ ଭଗବାନ ଆମକୁ ସବୁ ଦେଇଛନ୍ତି । ସବୁ ହାତ ପାହନ୍ତାରେ । ହାତ ବଢ଼େଇଲେ ସବୁକିଛି ମିଳିଯିବ । ମାତ୍ର ହାତନବଢ଼ାଇ ଲୁଣ୍ଠନ, ଶୋଷଣ, ଅନ୍ୟାୟ, ଅତ୍ୟାଚାର ନୀତିରେ କେତେଦିନ ଚାଲିବ ? ଆପଣମାନେ ଜାଣିଛନ୍ତି ତ୍ରେତୟା ଯୁଗରେ ରାମ ରାବଣ ଯୁଦ୍ଧ ଶେଷରେ ଆରୋପ ପ୍ରତ୍ୟାରପ ଚାଲିଲା । ରାବଣ ମନ୍ତବ୍ୟ ଦେଇ କହିଲା - 'ରାମ କଣ ଭୁଲ କରିନି ? ଶ୍ରୀରାମ କହିଲେ - ତେବେ ମୋର ଭୁଲ କଣ କୁହ । ରାବଣ କହିଲା- ତୁ ମୁନୀ ପତ୍ନୀକୁ ପାଦରେ ଗୋଇଠା ମାରିଛୁ । ଏହା କଣ ଅନ୍ୟାୟ ନୁହେଁ ? ଶ୍ରୀରାମ ଉତ୍ତରରେ କହିଲେ - ରାବଣ ! ତମେ ଅହଲ୍ୟାର ଇତିବୃତ କଥା ଜାଣିନାହଁ । ଏହାଥିଲା ସତ୍ୟଯୁଗର ଘଟଣା । ତ୍ରେତୟାରେ ରାମପାଦ ସ୍ପର୍ଶରେ ସେ ମୁକ୍ତି ପାଇବାର ଆଶୀର୍ବାଦ ପାଇଥିଲା । ମୁଁ କେବଳ ପାଦ ସ୍ପର୍ଶ ଦେଇ ତାଙ୍କୁ ଉଦ୍ଧାର କରିଛି । ଗୋଇଠା ମାରିବି କାହିଁକି ? ସତ ସବୁବେଳେ ସତ । ଗୋଦରୀଲୋ ନିଜ ଗୋଡ଼କୁ ଦେଖ । ନହେଲେ ଗୋଦରୀ ମାଡ଼େ ଯେତେ କୁଡ଼େ ସେତେ ନ୍ୟାୟରେ ଆମେ ଅପନ୍ତରା ଭିତରକୁ ଠେଲିହୋଇ ଯିବା । ମୁହଁରେ ସ୍ୱାର୍ଥର ତୋବଡ଼ା ବନ୍ଧା ଥିଲେ ଜାତି ସ୍ୱାର୍ଥ ପାଇଁ ଆମେ ଆଗେଇ ଆସିପାରିବା ନାହିଁ । ଏହାକୁ ଦୁରେଇଦେଲେ ଆମ ଅସ୍ମିତାର ଦୃଢ଼ତା ସହିତ ଆମ ସ୍ୱାଭିମାନକୁ ଅକ୍ଷୂର୍ଣ୍ଣ ରଖିପାରିବା - ଏହା ନିଃସନ୍ଦେହ ।


ପ୍ରାକ୍ତନ ପ୍ରାଧାପକ ଓ ମୁଖ୍ୟ ଶିକ୍ଷା ବିଭାଗ,
ଉଦଳା ମହାବିଦ୍ୟାଳୟ,
ଉଦଳା, ମୟୂରଭଞ୍ଜ
ମୋ: ୯୯୩୭୧୫୧୩୧୦


# ଏବେ ଛୋଟ ପରିବାର ଦୁଃଖ ପରିବାର



## ସୁବ୍ରତ କର

ଆମେ ସଦାବେଳେ କହି ଆସୁଛୁ ଯେ ଛୋଟ ପରିବାର ସୁଖୀ ପରିବାର । କିନ୍ତୁ ଏବେ ସମସ୍ତେ ସ୍ୱୀକାର କରିବେ ଛୋଟ ପରିବାର ଦୁଃଖୀ ପରିବାର । ଛୋଟ ପରିବାରର ସଂଜ୍ଞା ହେଉଛି ଯେଉଁ ମା ବାପାଙ୍କର ଗୋଟାଏ ବା ଖୁବ୍ ବେଶୀ ହେଲେ ଦୁଇଟି ପିଲା ଥିଲେ ଆମେ ଛୋଟ ପରିବାର ହିସାବରେ ଗ୍ରହଣ କରିଥାଉ । ଯେ ଝିଅ ହେଉ ବା ପୁଅ । ଆଗ କାଳରେ ଅଧିକାଂଶ ପରିବାରରେ ଗୋଡ଼ାଏ ଲୋକ ରହୁଥିଲେ ଏବଂ ସମସ୍ତେ ମିଳିମିଶି ଚଳୁଥିଲେ । ଗୋଟାଏ ଗୋଟାଏ ପରିବାରରେ ୧୦ ଜଣରୁ ୨୦ ପର୍ଯ୍ୟନ୍ତ ରହୁଥିଲେ । ଭାଇ ଭଉଣୀ, ଦାଦା, ଖୁଡ଼ି, ଜେଜେ ଏବଂ ଆଈ ମା ପର୍ଯ୍ୟନ୍ତ ଏହିଭଳି ପରିବାରକୁ ଆମେ ଏକାନ୍ତବର୍ତ୍ତୀ ପରିବାର ବୋଲି କହୁଥିଲୁ । ନିଜ ନିଜ ଭିତରେ କାମ ବଣ୍ଟା ହୋଇଥାଏ । ରାତିରେ କିଏ ବହୁ ରୋଷେଇ କରିବ ବା ଦିନରେ କିଏ କରିବ । ପରିବାର କିଏ କାଟିବ, ଶଶୁର ଶାଶୁଙ୍କ ସେବା କଣ କରିବ ଏବଂ ଘରକୁ କିଏ କେଉଁଦିନ ପରିଷ୍କାର ପରିଚ୍ଛନ୍ନ ରଖିବ ଇତ୍ୟାଦି ଇତ୍ୟାଦି । ଏପରିକି ଯେଉଁ ଖାଦ୍ୟ ପ୍ରସ୍ତୁତ ହୋଇଥିବ ସମସ୍ତଙ୍କ ଭାଗରେ କେମିତି ପଡ଼ିବ ସେ ବିଷୟରେ ମଧ୍ୟ ଘରର ମୁରବି ଦୃଷ୍ଟି ରଖୁଥିଲେ । କାହାରି କିଛି ଅସୁବିଧା ହେଲେ ବା ବିଫଳ ଆସିଲେ ସମସ୍ତେ ଅଣ୍ଟା ଭିଡ଼ି ଏକାଠି ହେଉଥିଲେ । ବାହାଘର ବା ବ୍ରତଘରରେ ବାହାର ଲୋକଙ୍କ ଉପରେ ନିର୍ଭର କରିବାକୁ ପଡୁନଥିଲା । ଏମାନଙ୍କ ମା ବାପାଙ୍କ ଅବସ୍ଥା କଣ ହେଉଥିବ ଏବଂ ଭବିଷ୍ୟତରେ ଏମାନେ କଣ କରିବେ ? ଚାଲନ୍ତୁ ଆମେ ଧିରେ ଧିରେ ଏକାନ୍ତବର୍ତ୍ତୀ ପରିବାର ଆଡ଼କୁ ମୁହାଁଇବା । ଏ ପରିକି ଘରର କେହି ସ୍ୱର୍ଗପ୍ରାପ୍ତ ହେଲେ ସମସ୍ତେ ମିଳିମିଶି କାନ୍ଧାଇବାଠୁ ଆରମ୍ଭ କରି ଦଶାହ ପର୍ଯ୍ୟନ୍ତ ଏକାଠି ହେଉଥିଲା । କଷ୍ଟ ମଧ୍ୟରେ ମଜା ମଧ୍ୟ ଥିଲା । କିନ୍ତୁ ଏବେ ଠିକ୍ ଓଲଟା । ଛୋଟ ପରିବାରରେ ମା, ବାପା ଛଡ଼ା ଗୋଟାଏ କି ଖୁବ୍ ବେଶି ହେଲେ ଦୁଇଟି ପିଲା, ଆଜିକାଲି ଖୁବ୍ କମ ମିଳିମିଶି ରହୁଛନ୍ତି । ଏମିତି କି ମା ବାପାଙ୍କୁ ମଧ ଅଲଗା ରହିବାକୁ ପଡୁଛି ଏବଂ ରୋଷେଇ ମଧ । କେହି ଅସୁବିଧାରେ ପଡ଼ିଲେ ସାହାଯ୍ୟ କରିବା ପାଇଁ କେହି ଅସୁବିଧାରେ ପଡ଼ିଲେ ସାହାଯ୍ୟ କରିବା ପାଇଁ କେହି ଆଗେଇ ଆସନ୍ତ ନାହିଁ । ଏଭଳି ପରିବେଶରେ ଯେଉଁ ପିଲା ବଢ଼ନ୍ତି ସେମାନେ ହିଁସା ପରାୟଣ ଏବଂ ସ୍ୱାର୍ଥପରତାକୁ ଆଦୋରି ନେଇ ଥାଆନ୍ତି । ଏମିତି ବି ଦେଖା ଦେଲାଣି ଯେଉଁ ସ୍ୱାମୀ, ସ୍ତ୍ରୀ କାର୍ଯ୍ୟରତ ସେମାନଙ୍କ ରୋଜଗାରର ହିସାବ୍ କିତାବ ନିଜେ ନିଜେ ରଖନ୍ତି । ସ୍ୱାମୀ କେତେ ଟଙ୍କା ଘରକୁ ଆଣିଲା କେତେ କେଉଁ ବାବଦକୁ ଖର୍ଚ୍ଚ କରିଲା ସ୍ତ୍ରୀ ଜାଣିବାରର ଅଧିକାର ନାହିଁ ସେହିପରି ସ୍ତ୍ରୀର ରୋଜଗାର ଖର୍ଚ୍ଚ ବାବଦକୁ ସ୍ୱାମୀ ପାଖରେ ହିସାବ ରହୁନାହିଁ । କେହି କାହା ପାଖରେ ଉତ୍ତରଦାୟୀ ନୁହଁନ୍ତି । ପିଲାଙ୍କର ଖର୍ଚ୍ଚ ବାବଦକୁ ସମୟ ସମୟରେ ଅସୁବିଧା ଉପୁଜିଥାଏ । ବାପା କହନ୍ତି ମୋ ବାପାଙ୍କୁ ନେଇ ଯା । ଟଣା ଉଟରା ବା ଠେଲା ପେଲା ସବୁ ବିଷୟରେ ଲାଗି ରହିଥାଏ ଏହାଛଡ଼ା ଗୋଟାଏ ପୁଅ ବା ଦେହ ଖରାପ ହେଲେ ମା ବାପାଙ୍କ ଅସ୍ଥିତତା ବଢ଼ିଯାଏ । ସଦାବେଳେ ଚିନ୍ତା ଘାରୁଥାଏ ପିଲା ଘରକୁ ନ ଫେରିବା ପର୍ଯ୍ୟନ୍ତ । ଏବେ ଏବେ ତିନୋଟି ଉଦାହରଣ ଆପଣ ମାନଙ୍କ ପାଖରେ ରଖୁଛି । ଗୋଟାଏ ହେଲା କଲିକତା ଘଟଣା, ଦ୍ୱିତୀୟ ହେଲା ଗୋଟାଏ ଇଂଜିନିୟରିଂ କଲେଜର ପିଲା ମାରିବା, ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀଙ୍କ ସ୍ତ୍ରୀ ଏବଂ ଛୁଆ ଇତ୍ୟାଦି ଇତ୍ୟାଦି ।




## ତୁମେ ଓ ମୁଁ...
### ରୋହିତ ସେଠୀ

ତୁମେ...
ବିଶାଳ ଆକାଶ ବକ୍ଷ ହେଇଯାଅ
ମୁଁ, କୁନି ତାରାଟିଏ ହେବି
ସଞ୍ଜରୁ ସକାଳ ମିଞ୍ଜିମିଞ୍ଜି ହୋଇ
ଆଲୋକ ବିତରୁ ଥିବି ।
ତୁମେ...
ଫୁଲ ବଗିଚାଟେ
ହୁଅ ହେ ମୋ ପାଇଁ
ମୁଁ, ପ୍ରଜାପତିଟିଏ ହେବି
ମନ ଆନନ୍ଦରେ ତୁମ ଚାରିପାଖେ
ଡେଣା ମେଲି ଉଡୁଥିବି ।
ତୁମେ...
ଗହନ ବନଟେ ହେଇ ଯାଅ ଥରେ
ମୁଁ, ଚଗଲି ଝରଣା ହେବି
କୁଳୁକୁଳୁ ହେଇ ତୁମ ପାଇଁ ସଦା
ପ୍ରେମ ଗୀତ ଗାଉଥିବି ।
ତୁମେ...
ନିଦାଘର ଖରା ହେଲେ ହୁଅ ପଛେ
ମୁଁ, କୃଷ୍ଣଚୂଡ଼ା ଫୁଲ ହେବି
ଝାଞ୍ଜି ପବନରେ ତୁମ ନାଆଁ ନେଇ
ମନ ଖୋଲି ହସୁଥିବି ।
ତୁମେ...
ସାଦା କାଗଜଟେ ହେଇ ଯାଅ ବାରେ
ଲେଖନୀଟିଏ ମୁଁ ହେବି
ଭାବନାରୁ ମୋର ମିଠା ବୋଳା ଶବ୍ଦେ
କବିତାଟେ ଲେଖିଦେବି ।


+ଖଜୁରୀପଡ଼ା,କନ୍ଧମାଳ
ମୋ:୭୭୩୫୨୧୪୩୭୯


## କହିବୁକି ଥରେ
### ଦୀପକ କୁମାର ନାୟକ



କେତେ ସରିହେଲେ ବୁଝିବୁରେ ଜଗା
ଏ ଦୁଃଖିର ଦୁଃଖ ତୁହି
ଡାକି ଡାକି ତୋତେ ହାରିଗଲି ପଛେ
ମୋ ଡାକ ଶୁଣିଲୁ ନାହିଁ ।।

ପାଷାଣ କି ହେଲୁ ସେଥିପାଇଁ ଯମା
ଉତ୍ତର ଦେଉନୁ ତୁହି
ତୋତେ ଡାକି ଡାକି ବେଳ ସରିଗଲା
ନିଦ ତୋ ଭାଙ୍ଗିଲା ନାହିଁ ।।

ଦୀନ ଦୁଃଖିଙ୍କର ସାଥି ତୁ କୁଆଡେ
ଶୁଣିଥିଲି ମୋର କାନେ
କୁଆଡେ ଗଲାରେ ତୋସାଥି ପଣିଆ
ମନେ ପଡିଲିନି ଦିନେ ।।

ଦୟାର ଠାକୁର କହେ ଏ ଜଗତ
ତୋତେ କେତେ ସରଧାରେ
ବାସ୍ତବରେ କିନ୍ତୁ ନାହିଁ ତୋର ଦୟା
ବୁଝି ଆଜି ପାରୁଛିରେ ।।

ଥିଲେ ତୋର ଦୟା ଦେଖେଇ ଥାଆନ୍ତୁ
ଦେଖି ଦୁଃଖ ଦୁଃଖିନିର
ତେବେ ଯାଇ
ଶୋଭା ପାଇଥାଆନ୍ତାରେ
ନାଁ ଟା ଦୟାର ଠାକୁର ।।

କେଉଁ ଜନମର କିପାପ ପାଇଁ ମୁଁ
ଭୋଗୁଅଛି ଏତେ ଶାସ୍ତି
କହିବୁକି ଥରେ କେଉଁ କାର୍ଯ୍ୟ କଲେ
ମିଳିବକି ମୋତେ ମୁକ୍ତି
ମିଳିବକି ମୋତେ ମୁକ୍ତି ।।


+ଗଣ୍ଡାନାଳୀ,
ହିନ୍ଦୋଳ, ଢ଼େଙ୍କାନାଳ
ମୋ: ୮୬୩୭୨୬୧୮୨୮

# ମୋଟା ଫାଇଲ



ଘନଶ୍ୟାମ ପଲେଇ



ଅନିଲବାବୁ ଚାକିରୀ ଜଏନ୍ କରିବାର କିଛି ନ ହେଲେ ବି ଆଠ-ଦଶ ଦିନ ହେଲାଣି। ଗୋଟିଏ କଥା ଲକ୍ଷ୍ୟ ସେ ସଦାବେଳେ କରୁଥିଲେ- ଏତେ ବଡ ଅଫିସରେ ଠିକ୍ ସେ କାମ କରିବା ବାଲା ଜଣେ ମାତ୍ର। ଧଇଁସଇଁ ହେଇ ଧାଇଁଚନ୍ତି ଏ ଚାମ୍ବରରୁ ସେ ଚାମ୍ବର। ପରେ ପରେ ଜାଣାଗଲା ଯେ ସେ ତାଙ୍କରି ବିଭାଗର ହିଁ... ଜେନାବାବୁ ବୋଲି। ସେ ଭାରି ବ୍ୟସ୍ତ ମଣିଷ। ସବୁ ବେଳେ କାଖରେ ଜାକି ଥିବେ ମୋଟା ଫାଇଲଟାଏ। ତାଙ୍କୁ କେହି – ଗୁଡ ମର୍ଣ୍ଣିଙ୍ଗ କିମ୍ବା ନମସ୍କାର କଲେ।

ଟିକିଏ ବି ନ ଅଟକି ଧଇଁସଇଁ ହେଇ ଯାଉଯାଉ ସେ କହିବେ- ଗୁଡ଼ ମର୍ଣ୍ଣିଂ ଗୁଡ଼ ମର୍ଣ୍ଣିଂ କିମ୍ବା ହଁ ହଁ ନମସ୍କାର।

ଚାକିରି ମାନେ ମଜାମସ୍ତି ବିଲକୁଲ ବି ନୁହେଁ...ଏହା ତ ଦେଶସେବାର ଏକ ଅବସର। ଲୋକଙ୍କ ସୁଖଦୁଃଖରେ ସାଥୀ ହେବା। ଅନିଲ ବାବୁଙ୍କୁ ଲାଗିଲା ଜେନାବାବୁ ହିଁ ତାଙ୍କର ଆଦର୍ଶ।

ମୁଁ ଚାକିରି କରିବି ତ ଠିକ୍ ଜେନାବାବୁ ପରି- ମନେମନେ ନିଷ୍ପତ୍ତି ନେଲେ ଅନିଲବାବୁ।

ଗୋଟିଏ ଦିନ ଫୁରୁସତରେ ବସିଥିବା ବେଳେ, ଅଫିସ'ର ପିଅନ ଆକୁଳି ମଉସା ଚା' ଦେଇଗଲେ। ଅନିଲବାବୁ ପଚାରିଲେ- ମଉସା ! ଆପଣ ତ ପୁରୁଣା ଲୋକ। ସବୁ ଜାଣିଥିବେ। ଜେନାବାବୁ ପରି ଏତେ କାମକୁ ନେଇ ସିରିଅସ୍ ଥିବା ଲୋକ ଆଉ କେହି ଅଛନ୍ତି ନା... ଗୋଟା ଅଫିସରେ ସେଇ ଏକା.. ?

ମୁଁ ବେଶି ପାଠ ପଢିନି ବାବୁ ! ଫାଇଲ୍ କଥା ମୁଣ୍ଡରେ ମୋର ଜମାରୁ ବି ପଶିବନି। ମୋ କାମ ଠିକ୍ ତ ମୁଁ ଠିକ୍। କାହା ବିଷୟ କ'ଣ କହିବି ବାବୁ... ଏହା ମୋ ନୀତି ବିରୋଧ- କହି ଆକୁଳି ମଉସା ଚୁପଚାପ୍ ଚାଲିଗଲେ ସେଠାରୁ।

ପୁଣି ଦିନେ ଅନିଲବାବୁ ଉତ୍ସୁକତାର ସହ ସେଇ କଥା ପଚାରିଲେ ଆକୁଳିକୁ। ସେ କହିଲେ—ବାବୁ ! ଏତେଥର ପଚାରିବା ଅପେକ୍ଷା ଥରେ ଯାଇ ଦେଖିଦେଉ ନାହାଁନ୍ତି। ଜେନାବାବୁ ଏଇନେ ତାଙ୍କ ଚାମ୍ବରେ ନାହାଁନ୍ତି। କିଛି କାମରେ ଘରକୁ ଯାଇଛନ୍ତି। ଆସିଲେ ଘଣ୍ଟାଏ ଲାଗିବ। ଭଲ ହେବ ଆପଣ ଥରେ ସେଇ ମୋଟା ଫାଇଲଗୁଡ଼ିକୁ ନିଜେ ଆଡେଇ ଦେଖୁ ନାହାଁନ୍ତି।

ଅନିଲବାବୁଙ୍କ ମନ ହେଉନଥିଲା... ତାଙ୍କ ଅନୁପସ୍ଥିତିରେ ଚାମ୍ବରକୁ ପଶିବାକୁ। ହେଲେ ଉତ୍ସୁକତା ଆଗରେ ସଂକୋଚ ବି ହାରି ମାନିଥାଏ। ଆକୁଳି ମଉସା ସହ ଯାଇ ଫାଇଲଗୁଡ଼ିକୁ ଆଡେଇଲେ।

ହେଲେ ଏ କ'ଣ !... ଭିତରେ ତ ଜରୁରୀ କାଗଜପତ୍ର ନୁହେଁ- ଭରିରହିଛି ମାଗାଜିନ୍ ଆଉ ଖବରକାଗଜ।

ଆକୁଳି ମଉସା କିଛି ନ କହି ଚୁପ୍ ଚାପ୍ ଛିଡା ହୋଇଥିଲେ। ଅନିଲବାବୁ ଆକୁଳି ମଉସା ଆଡକୁ ଆଶ୍ଚର୍ଯ୍ୟ ହେଇ କିଛି କ୍ଷଣ ଚାହିଁ ରହିଲେ। ତାଙ୍କୁ ଲାଗୁଥିଲା ପ୍ରକୃତ ଆଦର୍ଶ ତ ଏଇ ଆକୁଳି ମଉସା।

ସତରେ ଫାଇଲର ଓଜନରେ ନୁହେଁ, କାମର ସତ୍ୟତାରେ ଜଣାପଡ଼େ ଜଣେ କର୍ମଚାରୀର ପ୍ରକୃତ ମୂଲ୍ୟ।


+ ଟେନସା,
ସୁନ୍ଦରଗଡ-୪୨,
ମୋ-୯୪୩୭୭୧୮୫୦୦


# ଶେଷ ଆଲିଙ୍ଗନ

ବିକାଶୀ ପ୍ରିୟଦର୍ଶିନୀ ରାଉତ



ସେଦିନ ଆକାଶ ଫାଟି ପଡିଥିଲା। କେନ୍ଦ୍ରାପଡ଼ା ପାଖ ଗୋବରୀ ନଦୀଟା ହଠାତ୍ ଦାନବ ହୋଇଗଲା। ଗାଁ ଗଣ୍ଡା, ବିଲ ବାଡି, ଘର ଦୁଆର – ସବୁକୁ ଗିଳିଦେଲା ସେଇ ପ୍ରଳୟଙ୍କରୀ ବନ୍ୟା।

ଶାନ୍ତିର କୋଳରେ ପାଞ୍ଚ ବର୍ଷର କାହ୍ନା। ଛପର ଉପରୁ ଡଙ୍ଗାଟିକୁ ଓହ୍ଲେଇଲା ବେଳେ ସେ କେବଳ ଗୋଟିଏ କଥା ଭାବୁଥିଲା – "ଯେମିତି ହେଲେ ମୋ ପୁଅକୁ ବଞ୍ଚେଇବାର ଅଛି"।

ହେଲେ ନିୟତି ଆଗରେ କାହାର ଚାଲେ ? ମଝି ନଈରେ ଡଙ୍ଗା ଓଲଟିପଡିଲା। ଥଣ୍ଡା କଳା ପାଣି ସେମାନଙ୍କୁ ଭିତରକୁ ଟାଣିନେଲା। ଶାନ୍ତି ପହଁରା ଜାଣିନଥିଲା, ହେଲେ ମା' ଜାଣିଥିଲା – ମରିବାକୁ ହେଲେ ବି ଆଗେ ପିଲାକୁ ବଞ୍ଚେଇବାକୁ ପଡିବ।

ଭାସି ଆସୁଥିବା ଗୋଟେ ଲାଲ୍ ରଙ୍ଗର ଜୀବନରକ୍ଷା ପୋଷାକକୁ ସେ ଯେମିତି ସେମିତି ଦେହରେ ପୁରେଇଦେଲା। ତା'ପରେ କାହ୍ନାକୁ ଛାତିରେ ଏମିତି ଜାବୁଡି ଧରିଲା, ଯେମିତି ତା' ଦେହର ପ୍ରତି ଶିରା ପ୍ରଶିରା କହୁଥିଲା – "ମୋ ଦେହରୁ ଆତ୍ମା ଚାଲିଯାଇପାରେ, ହେଲେ ତୋତେ ଛାଡିବିନିରେ ଧନ"।



ପାଣିର ସୁଅ ମାଡରେ ଶାନ୍ତିର ନିଶ୍ୱାସ ଅଟକି ଆସୁଥିଲା। କାହ୍ନା ଡରି କାନ୍ଦି ଉଠୁଥିଲା – "ମା, ମୁଁ ବଞ୍ଚିବି ନା ?"

ଶାନ୍ତି ତା' ଓଦା ମୁଣ୍ଡରେ ଓଠ ଲଗେଇ ଫୁସ୍‌ଫୁସ୍ ହୋଇ କହିଲା, "ଡରନିରେ ସୁନା... ଆଖି ବନ୍ଦ କରି ଟିକେ ଶୋଇପଡ଼। ମା ତୋତେ ଗୋଟେ ନୂଆ ଦୁନିଆକୁ ନେଇଯିବ। ସେଠି ପାଣି ନାହିଁ, ଡର ନାହିଁ, କେବଳ ମା'ର ଗୀତ ଅଛି। ତୁ ଆଖି ଖୋଲିଲା ବେଳକୁ ଦେଖିବୁ, ଆମେ ଦୁହେଁ ଫୁଲ ବଗିଚାରେ ଖେଳୁଥିବା"।

ମା'ର କୋଳ ହିଁ କାହ୍ନା ପାଇଁ ସବୁଠାରୁ ବଡ଼ ସତ୍ୟ। ସେଇ ଛାତିର ଧଡକନ ଶୁଣି ଶୁଣି ସେ ଧୀରେ ଧୀରେ ଶାନ୍ତ ହୋଇଗଲା। ତା' ଛୋଟ ହାତ ଦୁଇଟା ମା'ର ବେକକୁ ଧରି ନିଘୋଡ ନିଦରେ ଶୋଇପଡିଲା।

ଶାନ୍ତି ଜାଣିଥିଲା, ତା' ସମୟ ସରି ଆସୁଛି। ଥଣ୍ଡା ତା' ଅସ୍ଥି ଭିତରକୁ ପଶିଗଲାଣି। ଆଖି ଆପେ ଆପେ ବୁଜି ହୋଇ ଆସୁଛି। ହେଲେ ଆଶ୍ଚର୍ଯ୍ୟ ! ତା' ହାତର ମୁଠା ଟିକେ ବି କୋହଳ ହେଉନଥିଲା। ଶେଷ ନିଶ୍ୱାସରେ ବି ସେ କାହ୍ନାକୁ ଆହୁରି ଜୋରରେ ଛାତିରେ ଚାପି ଧରିଲା – ଯେମିତି କହୁଥିଲା, "ମୃତ୍ୟୁ, ତୁ ମୋତେ ନେଇଯା, ହେଲେ ମୋ ପୁଅକୁ ଛୁଇଁବୁନି"।

ରାତି ପାହିଲା। ଉଦ୍ଧାରକାରୀ ଦଳ ଯେତେବେଳେ ସେମାନଙ୍କୁ ପାଇଲେ, ସମସ୍ତଙ୍କ ଆଖିରେ ଲୁହ ଆସିଗଲା। ଶାନ୍ତିର ପ୍ରାଣ ନଥିଲା, ହେଲେ ତା' ଆଲିଙ୍ଗନ ଜୀଅନ୍ତା ଥିଲା। କାହ୍ନା ତା' ଛାତିରେ ନିରାପଦରେ ଶୋଇଥିଲା, ଦେହରେ ପାଣିର ଗୋଟେ ବିନ୍ଦୁ ଟୋପା ନଥିଲା। ମା'ର ବାହୁ ଏମିତି ବନ୍ଧ ଥିଲା ଯେ ବନ୍ୟାର ପ୍ରଳୟ ବି ସେ ବନ୍ଧନକୁ ଛିଣ୍ଡେଇ ପାରିନଥିଲା।

ଉଦ୍ଧାରକାରୀ ଦଳର ମୁଖ୍ୟ କାନ୍ଦି କାନ୍ଦି କହିଲେ, "ଆଜି ମୁଁ ଦେଖିଲି – ମୃତ୍ୟୁ କେମିତି ମା' ଆଗରେ ହାରିଯାଏ। ଏଇଟା ମୃତ୍ୟୁ ନୁହେଁ, ଏଇଟା ହିଁ ଅମରତା"।

କାହ୍ନା ବଞ୍ଚିଗଲା। ସେ ବଡ଼ ହୋଇ ଯେବେ ଏ କାହାଣୀ ଶୁଣେ, ସେବେ ଆକାଶକୁ ଚାହିଁ କୁହେ, "ମା, ତୁ କହିଥିଲୁ ନା ନୂଆ ଦୁନିଆକୁ ନେବୁ ବୋଲି... ସତରେ ନେଇଗଲୁ। ତୋ ବିନା ଏ ଦୁନିଆ ମୋ ପାଇଁ ସବୁବେଳେ ନୂଆ"।


+ବଡ଼ପଲ୍ଲୀ, ରାଜନଗର,
କେନ୍ଦ୍ରାପଡ଼ା


# ଚୁନୌତି

ମୂଳ ହିନ୍ଦୀ-ରାମକୁମାର ଆତ୍ରେୟ
ଅନୁବାଦ- ଦେବସ୍ମିତା ବେହେରା





ବୃନ୍ଦାବନ ଯାଇଥିଲି । ବାଙ୍କେ ବିହାରୀଙ୍କର ଦର୍ଶନ କରି ସାରିବା ପରେ ମନ ହେଲା ଟିକିଏ ଯମୁନାର ପବିତ୍ର ଜଳରେ ବୁଡ ପକେଇବା ପାଇଁ । ଅନ୍ତତଃ ଯିବା ପୂର୍ବରୁ ଯମୁନାରେ ବୁଡ ପକେଇ ଦେଲେ ସବୁ ପାପ ଧୋଇ ହେଇଯାନ୍ତା । ତା'ଛଡା ପବିତ୍ର ନଦୀମାନଙ୍କର ସ୍ନାନ କରିବାର ସୁଯୋଗ କୋଉ ନିତିଦିନ ମିଳେ କି ? ତେଣୁ ଏତେ ବଡ ସୁଯୋଗକୁ ହାତ ଛଡା କରିବାକୁ ଚାହୁଁ ନଥିଲି ମୁଁ ।

ଯମୁନାର ଘାଟ ଥିଲା ପରା ଶୁନଶାନ୍। ହଁ.. ମାଙ୍କଡ ମାନଙ୍କର ସେନା ଅବଶ୍ୟ ବିଚରଣ କରୁଥିଲେ ନିର୍ଭୟରେ ସେଠାରେ। ସିଡି ଆଉ ବାଡ ଅବଶ୍ୟ ଭାଙ୍ଗି-ରୁଜି ଯାଇଥିଲେ । ଏମିତି ଲାଗୁଥିଲା ଯେମିତି ସେଠି ମାସ-ମାସ ଧରି ସଫେଇ କରାଯାଇ ନାହିଁ । ହେଲେ ମୋର ତ ସ୍ନାନ କରିବାର ଥିଲା । ଜଳ ଭିତରେ ପ୍ରବେଶ କରିବା ପୂର୍ବରୁ ମୁଁ ଦୁଇ ହାତକୁ ଯୋଡି ବଡ ପାଟିରେ କହିଲି,'ଯମୁନା ମା', ତୁମର ଜୟ' !

ମୋତେ ମା' ନୁହେଁ ବରଂ ନିଜର ଦାସୀ ବୋଲି କୁହ । ତା'ଛଡା ଦାସୀମାନଙ୍କର ଜୟ କେବେବି କୁହାଯାଏ ନାହିଁ । ଅଚାନକ ଗୋଟିଏ ଉଦାସ ସ୍ୱର ପଡିଲା ମୋ କାନରେ, ଯେମିତି କୌଣସି ଦୁଃଖୀ ବୁଢୀ ସ୍ତ୍ରୀଲୋକ କହୁଛନ୍ତି ।

ଚମକି ପଡି ମୁଁ ଟିକିଏ ଚାହିଁଲି ଚାରିଆଡେ। ଘାଟରେ ମୋ ବ୍ୟତୀତ ଆଉ କେହି ନଥିଲେ । ଭାବିଲି ଏହା ମୋ ମନର ଭ୍ରମ ହେଇଥିବ । ଯଦି କୌଣସି ବୁଢୀ ସ୍ତ୍ରୀଲୋକ ଥା'ନ୍ତା ଏଇଠି ତା'ହେଲେ ମୋତେ ନିଶ୍ଚୟ ଦେଖା ଯାଇଥାନ୍ତା।

ମୁଁ ନଇଁ ପଡି ହାତରେ ଜଳକୁ ସ୍ପର୍ଶ କଲି, ତାକୁ ମଥାରେ ଲଗେଇ କହିଲି,'ମା'.. ମୋତେ ନିଜର ପବିତ୍ର ଜଳରେ ସ୍ନାନ କରିବା ପାଇଁ ଆଜ୍ଞା ଦିଅ' । ଏତିକି କହି ମୁଁ ମୋର ଡାହାଣ ପାଦକୁ ଯେମିତି ଆଗକୁ ବଢେଇଲି ମୋତେ ପୁଣି ଥରେ ସେହି ସ୍ୱର ଶୁଭିଲା,'ପୁଅ ! ଦାସୀମାନଙ୍କଠୁ ଆଜ୍ଞା ମାଗିବା କେବେଠୁ ଆରମ୍ଭ କରି ଦେଲଣି ତୁମେମାନେ' ? ଏହି ଜଳରେ ବୁଡ ପକେଇ କାହିଁକି ନିଜର ସେଣ୍ଟ ଲଗା ଦେହକୁ ଅସନା ଆଉ ଗନ୍ଧିଆ କରିବାକୁ ଚାହୁଁଛ ?

ଜଡ ହୋଇଗଲି ମୁଁ ଏହି କଥା ଶୁଣି । ମୁଁ ବୁଝିଗଲି କି ଏହି ଶବ୍ଦ ଯମୁନା ନଦୀ ଭିତରୁ ଆସୁଛି । ତେଣୁ ସାହସ କରି କହିଲି, ମା' ଆମ ଭାରତବାସୀଙ୍କ ପାଇଁ ଆପଣ ସଦା ସର୍ବଦା ବନ୍ଦନୀୟ ହେଇ ରହିଛନ୍ତି ତଥା ପବିତ୍ର ହେଇ ରହିଥିବେ । ତେଣୁ ଦୟା କରି ନିଜକୁ ଦାସୀ ବୋଲି କୁହନ୍ତୁ ନାହିଁ ।

ପୁଅ ତୁମେମାନେ ମୋ ସହିତ ଯେମିତି ବ୍ୟବହାର କରିଛ, ସେମିତି କେବଳ ଦାସ-ଦାସୀଙ୍କ ସହିତ ହିଁ କରାଯାଏ। ମୋ ଉପରେ ବନ୍ଧ ବନେଇଲ, ବିଦ୍ୟୁତ୍ ଉତ୍ପାଦନ କଲ । ଖେତକୁ ପାଣି ମଡେଇଲ,ପିଇବା ପାଇଁ ପାଣି ନେଲ । ପ୍ରତି ବଦଳରେ ମୋର ଶୁଖି ଶୁଖି ଆସୁଥିବା ଜଳ ଧାରାରେ ସମସ୍ତ ସହରର ଅସନା ନାଳ ତଥା କାରଖାନାରୁ ବାହାରୁଥିବା ଆବର୍ଜନା ସବୁ ମୋ ଦେହରେ ପୁରେଇଲ । ମୋର କୂଳରେ ଛିଡା ହୋଇଥିବା ଗଛ ସବୁକୁ କାଟି ସେଠି ସହରକୁ ସୁନ୍ଦର କରବା ନାଁରେ ବଡ ବଡ ଭବନ ବନେଇଲ । ତେଣୁ ଏବେ ମୁଁ ସୂର୍ଯ୍ୟ-ପୁତ୍ରୀ କାଳିନ୍ଦୀ ନୁହେଁ ବରଂ ମଣିଷଙ୍କର ମଳ-ମୂତ୍ର, ଛେପ-ଖଙ୍କାର, ଆବର୍ଜନାକୁ ଭସେଇ ନେବା ଗନ୍ଧିଆ ଅସନା ନାଳଟିଏ ହେଇ ରହି ଗଲିଣି । ଚାଲ ଛାଡ ମୋ କଥା ! ଯଦି ତୁମେ ଆଜି ଆଖି-ନାକ ବନ୍ଦ ନକରି ଥରଟେ ବୁଡ ପକେଇ ଦେଖେଇ ଦେବ,ତା'ହେଲେ ମୁଁ ତୁମକୁ ମୋ ପୁଅ ମାନି ଆଶୀର୍ବାଦ ଦେବି । ଯମୁନା ମାତା ମୋତେ ଚୁନୌତି ଦେଉଥିଲେ ।

ମୁଁ ତ ସ୍ନାନ କରିବାକୁ ପ୍ରସ୍ତୁତ ଥିଲି । ମୋର ଦୁଇ ପାଦକୁ ମୁଁ ଯେମିତି ପାଣିରେ ରଖିଲି ଦଲକାଏ ପବନ ସହିତ ଉତ୍କଟ ଗନ୍ଧ ବଳ ପୂର୍ବକ ଆସି ପଶିଗଲା ମୋ ନାକ ଭିତରେ । ମୋ ଆଖିର ଠିକ୍ ସାମ୍ନାରେ କୌଣସି ଲୋକର ମଳ ଗଦାଏ ଭାସୁଥିବା ଦେଖାଗଲା । ମନଟା ମୋର ବିଷାକ୍ତ ହେଇଗଲା । ଏମିତି ଲାଗିଲା ଅନ୍ତବୁଜୁଳା ଫଟେଇ ବାନ୍ତି ବାହାରି ଆସିବ । ମୁଁ ଆଉ ସ୍ନାନ କ'ଣ କରିବି ବରଂ ଓଲଟା ପାଦରେ ଘାଟରୁ ବାହାରକୁ ଦୌଡିଲି । ଆଉ କୌଣସି ବୁଢୀଲୋକର କାନ୍ଦିବା ସ୍ୱର ମୋତେ ପିଛା କରୁଥିଲା ମୋର ।


+ପ୍ଲଟ ନମ୍ବର-୨୧୭/ପି,
ବାୟାବାବା ମଠ ଲେନ୍,
ୟୁନିଟ୍-୯(ଫ୍ଲାଟ), ଭୁବନେଶ୍ୱର-୨୨


# ଆଖି ନାହିଁ କାନ ନାହିଁ



ସୁନନ୍ଦା ମହାନ୍ତି



ରଘୁକୁ ସେଦିନ ଗୋଟେ ବଡ଼ କାମ ମିଳିଗଲା। ତା ରିକ୍ସାରେ ଜଣେ ବାବୁଙ୍କର କିଛି ଆସବାସ ପତ୍ର ବଡ଼ ଗାଡିରେ ଗଲେ ଭାଙ୍ଗି ନଷ୍ଟ ହେଇଯିବାର ଭୟ ଥିବାରୁ, ରିକ୍ସାରେ ନୂଆ ଘରକୁ କିଛି ଜିନିଷ ବୁହା ଚାଲିଥିଲା ତ ଭଲ ଦି ପଇସା ରୋଜଗାର ହେବା ସହ, ଗୋଟେ ପୁରୁଣା ଆକ୍ୱାରିଅମଟିଏ ମଧ୍ୟ ମିଳିଗଲା। ସେଦିନ ରଘୁ ମନ ଆନନ୍ଦରେ ଘରକୁ ଫେରିବା ବାଟରେ ଗୋଟେ ବଡ଼ ରୋହି ମାଛ ଘରକୁ କିଣିନେଲା। ଏଣିକି ତା ପୁଅକୁ ମାଛ ଖୁଆଇବାକୁ ସେ ନିଶ୍ଚୟ ରାଜି କରିନେବ। ଯେତେ ଶାଗ ସବଜି ଓ ସବୁଜ, ନେଳି ପନିପରିବା ଖାଇଲେ ମଧ ମଝିରେ ମଝିରେ ମାଛ ଟିକେ ନଖାଇଲେ ପିଲା ପୁଅ କୁନୁ ବଢିବ କେମିତି ? ତା ଛୋଟ ଅଗଣାରେ ତା ବୃଦ୍ଧ ପିତା ମାତା, ଜାତି ଜାତି ଶାଗ ସାଙ୍ଗକୁ ଧନିଆଁ ପତ୍ର ସହ କାକୁଡି, କଲରା, ଜହ୍ନି ଲଗେଇ ଭଲ ତଟକା ପରିବା ଅମଳ କରୁଥିବାରୁ ତା ସୁଖ ଦୁଃଖର ନିଅଣ୍ଟିଆ ସଂସାର ଚଳିଯାଉଛି। ପିଲାଦିନେ ଥରେ ମାଛ ଆଣିନପାରି, ମାଛମାନେ ମହାସଭା କରିବାକୁ ଯାଇଥିବାରୁ ବଜାରରେ ମାଛ ମିଳୁନି ବୋଲି ମିଛ କହିଦେଇଥିଲା ରଘୁ। ସେହିଦିନ କଣ ସ୍ୱପ୍ନ ଦେଖିଲା ଯେ କୁନୁ କହିଲା ଖାଲି ମାଛ କଣ ଯେ, କୌଣସି ଜୀବଙ୍କୁ ମାରି ଖାଇଲେ ତାଙ୍କ ଦେହରେ ବିଷ ଚରିଯାଏ। ସେହି ଦିନଠୁ ଆଜି ଯାଏଁ ପିଲାଟା ପାଟିରେ ମାଛ ବାଜିନି। ଏମିତିକି ବିଲିକଙ୍କଡା କି ବିଲ ମାଛ ଜୀବନ୍ତ ଧରିଆଣିଲେ କୁନୁ ଖାଉନାହିଁ। ଜେଜେମା ଗପ ଛଳରେ ଅନେକ ଥର ତା ମୁଣ୍ଡରୁ ଏ ବିଷ ଭୂତ କାଢିବାକୁ ଯାଇ କାଢ଼ି ପାରନ୍ତି ନାହିଁ। ସହଜେ ରିକ୍ସା ଟାଣି କେତେ ରୋଜଗାର ତାର ଯେ, ସେ ଘରକୁ ରୋହି ଭାକୁର ପରି ଜୀବନ୍ତ ପୋଖରୀ ମାଛ କିଣି ନେଇପାରିବ !

ଆଜି ଭଗବାନ ସେ ସୁଯୋଗ ଦେଇଛନ୍ତି, ବାପା ପୁଅ ରୋହି ଝୋଳ ଭାତ ଖାଇ ସାରିବା ପରେ, କୁନୁ ଆକ୍ୱାରିଅମ ଦେଖି ଖୁବ ଖୁସିରେ ଖେଳିବ ଆଉ ରଚନା ଲେଖିବ। ଖୁସିରେ ରଘୁର ଛାତି କୁଣ୍ଢେମୋଟ ହେଇ ଯାଉଥାଏ। ଘରେ ପହଁଚିଲା ବେଳକୁ ରଘୁ ଶୁଣିଲା କୁନୁ ଘରେ ନଥିଲା। ଭଲ ହେଲା, ଜୀବନ୍ତ ମାଛ ଦେଖି ପିଲାଟା ସହଜେ ଖାଇବାକୁ ମଙ୍ଗି ନଥାନ୍ତା। ଜେଜେ ଜେଜେମା କହିଲେ ଖାଇଲେ ଭଲ କଥା ନହେଲେ ଆଜି ତା ପାଇଁ ପାଳିଥିବା କୁକୁଡ଼ାର ପ୍ରଥମ ଅଣ୍ଡା ମିଳିଛି, ତାକୁ ଖାଇ କୁନୁ ଖୁସି ହେବ। ସନ୍ଧ୍ୟା ଯାଇ ରାତି ହେଲା। କୁନୁ ଫେରୁନଥିଲା। ରବିବାର ଆଜି। ସ୍କୁଲ ଛୁଟି। ଏବେ ଖୁବ କ୍ରିକେଟ ଖେଳେ କୁନୁ। ସଞ୍ଚୟ କରି ରଖିଥିବା ପଇସାରେ ତା ପାଇଁ ବ୍ୟାଟ ବଲ କିଣିଦେଇଛି ରଘୁ। ଭଲ ପଢୁଛି। ନଅ ବର୍ଷର କୁନୁ ଆଉ ନଅ ବର୍ଷର ହେଇଗଲେ ରଘୁର ଦୁଃଖ ଯିବ। କହୁଛି ମାଟ୍ରିକ ପାଶ କଲେ, ଆହୁରି ପଢିବ। ହଉ ପଢୁ ଦି ଅକ୍ଷର। କେହିତ ଠକି ପାରିବେନି ଆଉ। ସହଜେ ଜେଜେ ଜେଜେମାଙ୍କୁ ଗୀତା ଭାଗବତ ପଢି ଶୁଣାଉଛି, ବଡ଼ ହେଲେ ଖବର କାଗଜ କିଣିଦେବ ନିଜ ପଇସାରେ ଓ ପଢି ବୁଝେଇ ଦେବ ଦେଶ ବିଦେଶର ଘଟଣା। କେହି ଜଣେ ବାହାରେ ଡାକ ପକେଇଲା ରଘୁଆଇ.. ଦଉଡି ଆରେ..... ସବୁ ସରିଗଲାରେ....ତୋ ପୁଅ ଆଉ ନାହିଁରେ। ଦୌଡ଼ିଲା ରଘୁ। ଜୋର ଭିତରେ ମରି ଭାସୁଥିଲା କୁନୁ। ସାଙ୍ଗ ପିଲାମାନେ କହୁଥିଲେ କୁନୁ ସଙ୍ଗେ ମିଶି ଜୋରରେ ଥିବା ସମସ୍ତ ମାଛଙ୍କୁ ଧରିନେଇ ବଡ଼ କେନାଲରେ ଛାଡ଼ି ଦେବାକୁ, କହିଥିଲା କୁନୁ। କାରଣ ଏ ଛୋଟ ଜୋରରୁ ସହଜରେ ଜୀବନ୍ତ ମାଛ ମାରି ଖାଇବାରୁ ବିଷ ଚରି ଯାଇ ମଣିଷ କରୋନା ଭଳି କେତେ ପ୍ରକାର, ମହାମାରୀର ଶୀକାର ହୋଇ ମରୁଛନ୍ତି। ସବୁ ମାଛ ପ୍ରାୟେ ଛାଡ଼ି ସାରିଲା ପରେ ଆଉ ଅଳ୍ପ କିଛି ମାଛକୁ ଧରି ଉଠୁ ଉଠୁ କୁନୁ ଗୋଡ଼ ଶିଉଳିରେ ଖସିଗଲା। ଗୋଳିଆ ପାଣିରେ କୁନୁ ଦେଖାଗଲା ନାହିଁ। ତା ସହ ରାଜୁ ଥିଲା। ତା ମୁଣ୍ଡ ଫାଟି ଯାଇ ସେ ହସ୍ପିଟାଲରେ। କୁନୁ ନଫେରିବାରୁ ଆମେ ଗୋବିନ୍ଦ କାକାକୁ ଡାକିଲୁ, ସେ ଆସି ଦେଖିଲା ବେଳକୁ କୁନୁ ଶବ ଭାଷିଲାଣି। ରଘୁ ସେଇଠି ପଡିଥିଲା କଚାଡି। ବୃଦ୍ଧ ବାପା ମାଆ ଦିଇଟା ପୁଅ ବୋହୁ କାହାକୁ ସମ୍ଭାଳିବେ ? ଚୁଲି ଉପରେ ପୋଡା ମାଛ ଗନ୍ଧରେ ଘର ବାହାର ସବୁଆଡେ ଗାନ୍ଧାଉଥିଲା, ପୋଲିସ ଆସିବା ବେଳକୁ। ରଘୁ ମୁଣ୍ଡ କୋଡ଼ି କଚାଡି, ଖାଲି କହୁଥିଲା ପିଲାଙ୍କୁ କେବେ ମିଛ କହିବ ନାହିଁ। କେହି କିଛି ବୁଝି ପାରୁନଥିଲେ, ଭାବୁଥିଲେ ପୁଅକୁ ହରାଇ ରଘୁ ପାଗଳ ହୋଇଗଲା।


+ସାକ୍ଷୀଗୋପାଳ, ପୁରୀ
ମୋ: ୯୦୪୦୯୭୭୩୨୭

# ପ୍ରାକୃତିକ କୃଷି ଓ ପାରମ୍ପରିକ ବିହନ ସଂଗ୍ରକ୍ଷଣ ସଂପର୍କରେ ଦିନିକିଆ ଆଲୋଚନା ଚକ୍ର

କନ୍ଧମାଳ, ୧୦/୦୫ (ନି.ପ୍ର): ଶ୍ରୀ ଅନ୍ନ ଅଭିଯାନ, ଟିକାବଲି ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ଙ୍କ ମିଳିତ ସହଯୋଗରେ କଟିମାହା ପଂଚାୟତ ଅର୍ନ୍ତଗତ ପ୍ରଧାନପଡା ଠାରେ ପ୍ରାକୃତିକ କୃଷୀ ଓ ପାରମ୍ପରିକ ବିହନ ସଂଗ୍ରକ୍ଷଣ ସଂପର୍କରେ ଏକ ଦିନିକିଆ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ଏହି ଆଲୋଚନା ଚକ୍ରରେ ଟିକାବାଲି ବ୍ଲକ୍ କୃଷି ଅଧିକାରି ସ୍ୱାଗତିକା ଦାସ, ସହ କୃଷି ଅଧିକାରି ଶୁଭସ୍ମିତା ସାହୁ ପଂଚାୟନ କୃଷି ପରିଦର୍ଶକ ସରସ୍ୱତୀ ବେହେରା ଯୋଗ ଦେଇ ଆଜିର ପରିବର୍ତନଶୀଳ ପାଣିପାଗ ଓ ବର୍ଷାର ଅନିୟମିତତା ମଧରେ ପାରମ୍ପରିକ ଚାଷକୁ ବଂଚାଇ ରଖିବା ଅତ୍ୟନ୍ତ ଜରୁରୀ ବୋଲି ମତ ରଖିଥିଲେ । ଦେଶୀ ଧାନ ବିହନ ଦ୍ୱାରା ହେଉଥିବାଚାଷ ପ୍ରକୃତି ସହ ସମନ୍ୱୟ ରଖିଥାଏ ଏବଂ କମ୍ ବର୍ଷା କିମ୍ବା ବିପରିତ ପରିସ୍ଥିତିରେ ମଧ ଭଲ ଉତ୍ପାଦନ ଦେଇଥାଏ ବୋଲି ସୂଚନା ଦେବା ସହିତ ରାସାୟନିକ ସାର ଓ ବିଷାକ୍ତ ଔଷଧ ବ୍ୟବାହାର ନହେବାରୁ ଏହି ଧାନ ଅଧିକ ପୌଷ୍ଟିକ ଓ ସ୍ୱାସ୍ଥ୍ୟକର ହୋଇଥାଏ ବୋଲି କହିଥିଲେ । ପାରମ୍ପରିକ ଚାଷ କେବଳ ଏକ ଚାଷ ପ୍ରଣାଳୀ ନୁହେଁ, ଏହା ଆମ ସଂସ୍କୃତିକୁ. ପରିବେଶ ଓ ଆଗାମୀ ପିଢୀଙ୍କ ସୁରକ୍ଷା ସହ ଜଡିତ । ଦେଶୀ ଧାନ ବିହନ ମାଟିର ଉର୍ବରତାକୁ ରକ୍ଷା କରିବା ସହିତ କୃଷକ ଙ୍କ ଖର୍ଚ୍ଚକୁ ମଧ କମାଇଥାଏ । ସ୍ୱାତୀ ଅନୁଷ୍ଠାନ ଏହି ପାରମ୍ପରିକ ଚାଷ ଓ ଦେଶୀ ଧାନ ବିହନ ସୁରକ୍ଷା ଉପରେ କୃଷକ ମାନଙ୍କୁ ପ୍ରଶିକ୍ଷଣ ଦେଇ ସଚେତନ କରୁଛନ୍ତି । ଏହି ପ୍ରୟାସରେ ତୁଳସୀ ସ୍ୱୟଂସହାୟକ ଦଳ ୭ ପ୍ରକାରର ଦେଶୀ ଧାନ ବିହନ ଉତ୍ପାଦନ କରି ପ୍ରାୟ ୧୧ କ୍ୱିଂଟାଲ ବିହନ ସଂଗ୍ରହ କରିଥିଲେ । ପରେ ଏହି ବିହନ ଗୁଡିକୁ ବିହନ ବିତରଣ, ବିହନ ବିକ୍ରି ଓ ସିଡ୍ ବ୍ୟାଙ୍କ୍ ରେ ସଂରକ୍ଷଣ ମାଧ୍ୟମରେ । ଅନ୍ୟ କୃଷକ ମାନଙ୍କ ନିକଟକୁ ପହଂଚାଯାଇଛି । ଏହା ଦ୍ୱାରା ପାରମ୍ପରିକ ଚାଷ ପ୍ରତି କୃଷକ ମାନଙ୍କ ଆଗ୍ରହ ବଢୁଥିବା ସହ ଦେଶୀ ବିହନ ସୁରକ୍ଷା ମଧ ସମ୍ଭବ ହେଉଛି । ଏହିପରି ପଦକ୍ଷେପ ପରିବେଶ ସୁରକ୍ଷା, ସ୍ୱାସ୍ଥ୍ୟକର ଖାଦ୍ୟ ବ୍ୟବସ୍ଥା ଓ ସ୍ୱାବଲମ୍ବୀ କୃଷି କୁ ଆଗକୁ ନେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଉଛି । ଏହି କାର୍ଯ୍ୟକ୍ରମକୁ ଗିରିଶ ଚନ୍ଦ୍ର ସାମଲ ଙ୍କ ସହିତ ସ୍ୱଧର୍ମ ରାଉତ ପରିଚାଳନା କରିଥିଲେ ।

# ମାଲକାନଗିରି ଜିଲ୍ଲା ଆଇନସେବା ପ୍ରାକରଣ ଦ୍ୱାରା ଦ୍ୱିତୀୟ ଜାତୀୟସ୍ତରୀୟ ଲୋକ ଅଦାଲତ

ମାଲକାନଗିରି, ୧୦/୦୫ (ନି.ପ୍ର): ରାଜ୍ୟ ଆଇନ ସେବା ପ୍ରାଧିକରଣ ନିର୍ଦେଶ କ୍ରମେ ଆଜି ମାଲକାନଗିରି ଜିଲ୍ଲା ଆଇନ ସେବା ପ୍ରାଧିକରଣ, ତାଲୁକ ଆଇନ ସେବା ପ୍ରାଧିକରଣ ମୋଟୁ ଏବଂ ଜେଏମଏଫସି, ମାଥିଲି ଓ ଜେଏମଏଫସି, କୁଡୁମୁଲୁଗୁମ୍ମା, ଗ୍ରାମ ନ୍ୟାୟଳୟ, କୋରୁକୋଣ୍ଡା, ମାଲକାନଗିରି ଦ୍ୱାରା ପ୍ରଥମ ଜାତୀୟ ସ୍ତରୀୟ ଲୋକ ଅଦାଲତ ମାଲକାନଗିରିର ସମସ୍ତ ବିଚାରଳୟ ତଥା ମାଥିଲି, ମୋଟୁ, କୁଡୁମୁଲୁଗୁମ୍ମା ଠାରେ ମଧ୍ଯ ଅନୁଷ୍ଠିତ ହୋଇଯାଇଅଛି । ଏହି ଲୋକ ଅଦାଲତ ରେ ଅନ୍ୟ ମାନଙ୍କ ମଧ ରେ ମାଲକାନଗିରି ଜିଲ୍ଲା ଜଜ ତଥା ଆଇନ ସେବା_ାକରଣ ର ଅଧକ୍ଷ୍ୟା ରାଜଲକ୍ଷ୍ମୀ ପଟ୍ଟନାୟକ, ଅତିରିକ୍ତ ଜିଲ୍ଲା ଜଜ ଶାନ୍ତନୁ କୁମାର ଦାସ, ମୁଖ୍ୟ ବିଚାର ବିଭାଗୀୟ ଦଣ୍ଡାକାରୀ ଡାଃ ପ୍ରଦୀ କୁମାର ପ୍ରଧାନ, ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ତଥା ବରିଷ୍ଠ ଦେଓ୍ୱାନୀ ବିଚାରପତି ଶ୍ରୀମତୀ ସୁଶ୍ରୀ ସଂଗୀତା ପାତ୍ର, ବରିଷ୍ଠ ଦେଓ୍ୱାନୀ ବିଚାରପତି ଲୋପାମୁଦ୍ରା ପ୍ରକାଶ, ଉପଖଣ୍ଡ ଦଣ୍ଡାଧିକାରି ଶ୍ରୀମତୀ ପ୍ରତିମା ସାହୁ ଏବଂ ଗ୍ରାମ ନ୍ୟାୟକାରୀ ପରିନିତା ନାୟକ, ପ୍ରଥମ ଶ୍ରେଣୀ ଦଣ୍ଡାକାରୀ, ମାଲକାନଗିରି ଆଦିତ୍ୟ କୁମାର ପୃଷ୍ଟୀ, ପ୍ରଥମ ଶ୍ରେଣୀ ଦଣ୍ଡାଧିକାରୀ, ମାଥିଲି ରାହୁଲ କୁମାର ଜେନା, ପ୍ରଥମ ଶ୍ରେଣୀ ଦଣ୍ଡାଧିକାରୀ, ମୋଟୁ ଅଂଶୁମାନ ଦାସ, ପ୍ରଥମ ଶ୍ରେଣୀ ଦଣ୍ଡାଧି କାରୀ, କୁଡୁମୁଲୁ ଗୁମ୍ମା ଶ୍ରୀମତୀ ବିମଳ ଲକ୍ଷ୍ମୀ ଚୌଧୁରୀ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ପ୍ରକାର ମୋକଦମା ର ଫଇସଲା କରିଥିଲେ ।

ଏହି ଜିଲ୍ଲାସ୍ତରୀୟ ଲୋକ ଅଦାଲତ ରେ ମୋଟ ୧୩୬୧୫ ଗୋଟି ମକଦ୍ଦମର ଫଇସଲା କରାଯାଇ ୪୬,୭୭,୨୨୫- ଟଙ୍କା ଧାର୍ଯ୍ୟ କରା ଯାଇଥିଲା । ଏହି ଲୋକ ଅଦାଲତ ରେ ଜିଲ୍ଲା କୋର୍ଟ, ଅତିରିକ୍ତ ଜିଲ୍ଲା ଜଜ କୋର୍ଟ, ଏସଡ଼ିଜେଏମ କୋର୍ଟ,ମୋଟୁ ଜେଏମଏଫସି କୋର୍ଟ, ମାଥୁଲି ଜେଏମଏଫସି କୋର୍ଟ, କୁଡୁମୁଲୁ ଗୁମ୍ମା ଜେଏମଏଫସି କୋର୍ଟ ଓ ଜିଲ୍ଲା ଆଇନ ସେବା ପ୍ରାକରଣ, ମାଲକାନଗିରି, ତାଲୁକ ଆଇନ ସେବା ସମିତି, ମୋଟୁ ଓ ଆଇନସେବା ପ୍ରତିପକ୍ଷ ଓକିଲଙ୍କ କାର୍ଯ୍ୟାଳୟ ର ସମସ୍ତ କର୍ମଚାରୀ, ମାଲକାନଗିରି ଓ ମୋଟୁ ର ଓକିଲ ସଂଘ ର ସଭ୍ୟ ଗଣ ଉପସ୍ଥିତ ରହି ଅଦାଲତ କାର୍ଯ୍ୟ ରେ ସମ୍ପୂର୍ଣ ସହଯୋଗ କରିଥିଲେ।

## ଭୁବନ ଥାନା ପକ୍ଷରୁ କିଶୋର କିଶୋରୀଙ୍କୁ ସଚେତନତା କାର୍ଯ୍ୟକ୍ରମ

ଭୁବନ, ୧୦/୦୫ (ନି.ପ୍ର): ରାଜ୍ୟ ସରକାରଙ୍କ ତରଫରୁ ନୂତନ ଭାବେ ପ୍ରଚଳିତ କୁଭେଂଟିକା ଯୋଜନାରେ ଭୁବନ ଥାନା ପକ୍ଷରୁ ୧୮ ବର୍ଷରୁ କମ୍ ଶତାଧିକ ଛାତ୍ର ଛାତ୍ରୀ ମାନଙ୍କୁ ଥାନା ଓ ଆଇନ ସମ୍ପର୍କରେ ସଚେତନ କରାଯାଇଥିଲା । ଥାନା ଓ ପୋଲିସର କାର୍ଯ୍ୟ କଣ ? ଅଭିଯୋଗ କିପରି କରାଯାଏ ,ଏଫ୍ ଆଇ ଆର୍ କେମିତି ଲେଖାଯାଏ, ଷ୍ଟେସନ ଡାଏରୀ କଣ ଏବଂ ବିଭିନ୍ନ ଅପରାଧିକ ଅଭିଯୋଗ କେଉଁ କେଉଁ ସୋପାନ ଦେଇ ତଦନ୍ତ ହୁଏ ସେ ସମ୍ପର୍କରେ ଛାତ୍ର ଛାତ୍ରୀ ମାନଙ୍କୁ ସଚେତନ କରାଯିବା ସହିତ ତାଲିମ ପ୍ରଦାନ କରାଯାଇଥିଲା । କିଶୋର, କିଶୋରୀମାନେ ସେମାନଙ୍କର ସମସ୍ୟା ସମ୍ପର୍କରେ ନିର୍ଭୟରେ ପୋଲିସ ସହିତ ବନ୍ଧୁ ଭାବରେ ଉପସ୍ଥାପନ କରିବା ସହିତ ସାଇବର୍ ଅପରାଧରୁ ଦୂରେଇ ରହିବା, ମୋବାଇଲର ସଦୁପଯୋଗ କରିବା ସମ୍ପର୍କରେ ଭର୍ଚୁଆଲ ମାଧମରେ ସଚେତନ କରାଯାଇଥିଲା । ଆରକ୍ଷୀ ନିରୀକ୍ଷକ ରେଣୁବାଳା ସାହୁଙ୍କ ତତ୍ୱାବଧାନରେ ଏସ ଆଇ ମାନସ ରଞ୍ଜନ ନାୟକ, ପ୍ରଜ୍ଞା ପ୍ରୀତମ ଜେନା, ସୌମ୍ୟ ରଞ୍ଜନ ଭୋଳ, ଏ ଏସ ଆଇ କାମାକ୍ଷା ପ୍ରସାଦ ନାୟକ, ଜ୍ୟୋତିର୍ମୟ ସିଂ, ଶଙ୍କର ମାଝୀ, ନୁରୁଲ ହକ୍ ପ୍ରମୁଖ ସକ୍ରିୟ ଅଂଶ ଗ୍ରହଣ ଓ ସହଯୋଗ କରିଥିଲେ।

# ଶିକ୍ଷକ ଦକ୍ଷତା ବିକାଶ କର୍ମଶାଳା ଉଦ୍‌ଯାପିତ

ଝାରସୁଗୁଡ଼ା, ୧୦/୦୫ (ନି.ପ୍ର): ଝାରସୁଗୁଡ଼ା ଡିଏଭି ପବ୍ଲିକ ସ୍କୁଲ ପରିସରରେ ଚାଲିଥିବା ପ୍ରାରମ୍ଭିକ ଶିକ୍ଷା ବିକାଶ କାର୍ଯ୍ୟକ୍ରମ–୧ ଅନ୍ତର୍ଗତ ତ୍ରିଦିବସୀୟ ଶିକ୍ଷକ ଦକ୍ଷତା ବିକାଶ କର୍ମଶାଳା ଉଦଯାପିତ ହୋଇଯାଇଛି । ଉଦଯାପନୀ ଅଧିବେଶନରେ ଆୟୋଜକ ତଥା ଝାରସୁଗୁଡ଼ା ଡିଏଭି ଅଧକ୍ଷ ଲକ୍ଷ୍ମୀକାନ୍ତ ଦେବତା, ବନହରପାଲି ଡିଏଭି ଅଧକ୍ଷା ଅନିତା ଭାଗ୍ୟରାଜ, ଲାଞ୍ଜିଗଡ଼ ଡିଏଭି ଅଧକ୍ଷା ମନଭିନ କୌର, ଛଟେନପାଲି ଡିଏଭି ଅଧକ୍ଷା ସସ୍ମିତା ତ୍ରିପାଠୀ ଓ ଝିଲିଙ୍ଗ ଡିଏଭି ଅଧକ୍ଷା ଚିନ୍ମୟୀ ଚିତ୍ରାଙ୍ଗଦା ଯୋଗଦାନ ପୂର୍ବକ ପ୍ରଶିକ୍ଷାର୍ଥିନୀ ମାନଙ୍କୁ ଦକ୍ଷତା ବିକାଶ କର୍ମଶାଳାର ପ୍ରୟୋଜନୀୟତା, ନୂତନ ଶିକ୍ଷା ସଂସ୍କାର, ଶିକ୍ଷୟିତ୍ରୀମାନଙ୍କ କର୍ତବ୍ୟ, ଗବେଷଣାଯୁକ୍ତ ମନୋଭାବ, ଏକବିଂଶ ଶତାବ୍ଦୀ କୌଶଳ, ନୂତନ ଶିକ୍ଷାନୀତି, ଶିଶୁକୈନ୍ଦ୍ରିକ କ୍ରିୟାକଳାପ ଆଦି ସମ୍ବନ୍ଧରେ ଆଲୋକପାତ କରିଥିଲେ । କର୍ମଶାଳାରେ ଉପସ୍ଥିତ ପ୍ରଶିକ୍ଷାର୍ଥିନୀମାନେ ନୂତନ ଭାବେ ଆହରଣ କରିଥିବା ସମସ୍ତ କୌଶଳର ପ୍ରୟୋଗ କରିବା ସହିତ ବ୍ୟକ୍ତିଗତ ଶିଶୁକୈନ୍ଦ୍ରିକ ହୋଇ କର୍ତବ୍ୟ ପାଳନର ସଂକଳ୍ପ ନେଇଥିଲେ । ଜାତୀୟ ଶିକ୍ଷାନୀତି–୨୦୨୦ ର ଆଦର୍ଶ ଓ ଲକ୍ଷ୍ୟ ଆଧାରରେ ପ୍ରାରମ୍ଭିକ ସ୍ତରର ଶିକ୍ଷାକୁ ଅଧିକ ଆନନ୍ଦମୟ, କାର୍ଯ୍ୟମୂଳକ, ଶିଶୁକେନ୍ଦ୍ରିକ କରିବା ଉଦ୍ଦେଶ୍ୟରେ ଡିଏଭି ବିଦ୍ୟାଳୟ ସମୂହ, ଓଡ଼ିଶା ଜୋନର ଯୋଜନାନୁଯାୟୀ ଆୟୋଜିତ ଏହି କର୍ମଶାଳାରେ ଓଡ଼ିଶାର ୬ଟି ଜୋନରୁ ସମୁଦାୟ ୭୧ ଜଣ ଶିକ୍ଷୟିତ୍ରୀ ଅଂଶଗ୍ରହଣ କରିଥିଲେ ଓ ୧୦ ଜଣ ଅଭିଜ୍ଞ ମୁଖ୍ୟ ପ୍ରଶିକ୍ଷିକା ଶିକ୍ଷୟିତ୍ରୀମାନଙ୍କୁ ନୂତନ ଶିକ୍ଷା ପଦ୍ଧତି, ସୃଜନଶୀଳ କାର୍ଯ୍ୟକଳାପ ଓ ଶିଶୁସୁଲଭ କ୍ରିୟାକଳାପ, ଶିଶୁ ମନୋବିଜ୍ଞାନ ଓ ଅନୁଭୂତିମୂଳକ ଅଧ୍ୟୟନର ଭୂମିକା ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ପ୍ରଶିକ୍ଷାର୍ଥିନୀମାନେ ବ୍ୟକ୍ତିଗତ ଅନୁଭବ ଉପସ୍ଥାପନ କରିଥିଲେ। ସୁକନ୍ୟା ମହାପାତ୍ର ରିପୋର୍ଟ ଉପସ୍ଥାପନ କରିଥିବା ବେଳେ ଟ୍ରେନିଂ ସଂଯୋଜକ ଆଶିଷ ପୂଜାରୀ ଧନ୍ୟବାଦ ଅର୍ପଣ କରିଥିଲେ । ସୁପରିଚାଳନା ଦୃଷ୍ଟିରୁ ବିଦ୍ୟାଳୟ ପର୍ଯ୍ୟବେକ୍ଷିକା ନୀଳିମା ପଟେଲ, ପ୍ରତିଚିତ୍ର ଉତୋଳକ ଓମପ୍ରକାଶ ନାଥ ଶର୍ମା, ମଜୁମ ସାହୁ, ବିଜୟ ଦାଶ, ପବିତ୍ର ମୋହନ କବି, ସୁମନ୍ତ ସାହୁ ଓ ଅକ୍ଷୟ ପାଣି କର୍ମଶାଳାରେ ସକ୍ରିୟ ସହଯୋଗ କରିଥିଲେ।

# କୋରାପୁଟ ଜିଲ୍ଲାରେ ପରିବେଶ ବିଗାଡୁଛି ଥର୍ମୋକୋଲ ପ୍ଲେଟ

ଜୟପୁର, ୦୯ ମେ (ହି.ସ.) - କୋରାପୁଟ ଜିଲା ରେ ବିବାହ, ବ୍ରତ ରତୁ ଚାଲିଛି । ଭୋଜି ଭାତ ଆସର ଜମୁଛି । ଅଧିକାଂଶ ଭୋଜିରେ ଥର୍ମୋକୋଲ ପ୍ଲେଟ ବ୍ୟବହାର କରାଯାଉଥିବା ଦେଖିବାକୁ ମିଳୁଛି । କୋରାପୁଟ ଜିଲାର ଜୟପୁର, କୋରାପୁଟ, ସେମିଳିଗୁଡା, ବୋରିଗୁମ୍ମା, କୋଟପାଡ, ବୈପାରିଗୁଡା ରାସ୍ତା କଡ଼ରେ ବହୁ ଜଳଖିଆ ଦୋକାନରେ ଏହି ପ୍ଲେଟ, ଠୁଙ୍ଗା ବହୁଳ ମାତ୍ରାରେ ବ୍ୟବହାର କରାଯାଉଛି । ଠୋଲା ଠୁ ଆରମ୍ଭ କରି ବଡ଼ ବଡ଼ ହୋଟେଲରେ ମଧ ଏହି ପ୍ଲେଟ ଓ ଠୋଲାରେ ଖାଦ୍ୟ ପରସା ଯାଉଛି । ପରିବେଶକୁ ବିଗାଡିବାରେ ଏହା ପ୍ରମୁଖ ଭୂମିକା ନିର୍ବାହ କରୁଥିଲେ ମଧ ଏଥି ପ୍ରତି ପ୍ରଦୂଷଣ ବିଭାଗ, ଖାଦ୍ୟ ନିରାପତା ବିଭାଗ କିମ୍ବା ପ୍ରଶାସନ ସେତେଟା ଦୃଷ୍ଟି ଦେଉନଥିବା ଅଭିଯୋଗ ହେଉଛି । ଥର୍ମୋକୋଲ ପ୍ଲେଟ ଓ ଠୋଲା ବ୍ୟବହାରରେ ରୋକ ଲଗାଇବା ପାଇଁ ଜୟପୁରବାସୀ ଦାବି କରିଛନ୍ତି । ପଲିଷ୍ଟାଇରିନି ତିଆରିରେ ବ୍ୟବହୃତ ଷ୍ଟାଇରିନ ଏବଂ ବେଞ୍ଜିନ ମାରାତ୍ମକ କର୍କଟ ରୋଗ ସୃଷ୍ଟି କରିବାରେ ସାହାଯ୍ୟ କରାଏ । ଯେତେବେଳେ ଗରମ ଖାଦ୍ୟ କିମ୍ବା ପାନୀୟ ଥର୍ମୋକୋଲ ପ୍ଲେଟ ଉପରେ ପରସା ଯାଏ, ସେଥିରୁ ନିର୍ଗତ ରାସାୟନିକ ପଦାର୍ଥ ଖାଦ୍ୟ ସହ ମିସେ । ଦୀର୍ଘ ସମୟ ଧରି କିମ୍ବା ନିୟମିତ ଭାବରେ ଷ୍ଟାଇରିନି ସହିତ ସମ୍ପର୍କରେ ଆସିବା ଦ୍ୱାରା ସ୍ନାୟୁ ପ୍ରଭାବିତ ହୁଏ । ଫଳରେ ଥକାପଣ ଓ ମୁଣ୍ଡବିନ୍ଧା ସୃଷ୍ଟି ହୁଏ । ଦୀର୍ଘ କାଳୀନ ସଂସ୍ପର୍ଶ ସହିତ ଯକୃତ ଏବଂ ବୃକକ ଉପରେ ପ୍ରଭାବ ପକାଏ । ଏହା ପରିବେଶ ପ୍ରଦୂଷଣରେ ମଧ ସାହାଯ୍ୟ କରେ । ବିଶେଷ କରି ଜଳାଶୟ ଗୁଡିକରେ ପଡିବା ଦ୍ୱାରା ଜଳ ପ୍ରଦୂଷିତ ହୁଏ । ଥର୍ମୋକୋଲ ଜାଳିବା ଦ୍ୱାରା କାର୍ବନ ମନୋଅକ୍ସାଇଡି ଏବଂ ଷ୍ଟାଇରିନ ଗ୍ୟାସ ସମେତ ବିଷାକ୍ତ ଧୂଆଁ ନିର୍ଗତ ହୁଏ । ଯାହା ବାୟୁ ମଣ୍ଡଳ ପାଇଁ ବହୁଳ ଭାବେ କ୍ଷତିକାରକ । ଥର୍ମୋକୋଲ ଜୈବ ବିଘଟନଶୀଳ ନୁହେଁ । ଏହାର ପୁନଃଚକ୍ରଣ କରିବା କଷ୍ଟକର । ଏଣୁ ମୃର୍ତିକା ବହୁଳ ମାତ୍ରାରେ ଏଥିଯୋଗୁଁ ପ୍ରଦୂଷିତ ହେବାରେ ଲାଗିଛି । ବ୍ୟବସାୟୀ ମାନଙ୍କୁ ସୁବିଧା ହେଉବେଳେ ଗ୍ରାହକଙ୍କ ପାଇଁ କେତେ ଯେ ବିପଦ ଆଣୁଛି ସେଥିପ୍ରତି ସେମାନେ ସଚେତନ ନୁହନ୍ତି । କିନ୍ତୁ ସବୁ ସତ୍ୱେ ବି ଏହାର ଚାହିଦା କମିବା ପରିବର୍ତେ ବୃଦ୍ଧି ପାଇବାରେ ଲାଗିଛି । ପଲିଷ୍ଟାଇରିନ ପେଟ୍ରୋଲିୟମ ଆଧାରିତ ପ୍ଲାଷ୍ଟିକି ରୁ ତିଆରି ଥର୍ମୋକୋଲ ପ୍ଲେଟ ସ୍ୱାସ୍ଥ୍ୟ ପାଇଁ ବିପଦପୂର୍ଣ୍ଣ ବୋଲି ସବୁ ଜାଣିଥିଲେ ମଧ ଏହା ବନ୍ଦ ହେଉନାହିଁ । ଏହା ପରିବର୍ତେ କାଗଜ କିମ୍ବା ପତ୍ର ଆଧାରିତ ସାମଗ୍ରୀ ବ୍ୟବହାର କରାଗଲେ ପରିବେଶ ସହ ସ୍ୱାସ୍ଥ୍ୟ ସମ୍ପଦ ସୁରକ୍ଷିତ ରହି ପାରନ୍ତା ବୋଲି ବୁଦ୍ଧିଜୀବି ମହଲରେ ମତପ୍ରକାଶ ପାଇଛି । ପ୍ରଶାସନ ତୁରନ୍ତ କୋରାପୁଟ ଜିଲାରେ ଯାଂଚ କରି ଏହି ପ୍ଲେଟ ଓ ସୋଲ ଠୋଲା ବ୍ୟବହାରରେ ରୋକ ଲଗାଉ ବୋଲି ଦାବୀ ହୋଇଛି । ଏନେଇ ଜିଲା ପ୍ରଶାସନ ଦାବିକୁ ଗୁରତ୍ୱ ଦେଇ ଥର୍ମୋକୋଲ ବ୍ୟବହାରକୁ ରୋକ ଲଗାଇବାକୁ ମତ ପ୍ରକାଶ ପାଇଛି ।

# ବୌଦ୍ଧରେ ରାଷ୍ଟ୍ରୀୟ ଲୋକ ଅଦାଲତ: ୧୨୦୯ଟି ବିଚାରାଧୀନ କେସ ଫୈସଲା

ବୌଦ୍ଧ, ୧୦/୦୫ (ନି.ପ୍ର): ବୌଦ୍ଧ ଜିଲା ନ୍ୟାୟାଳୟ ଠାରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଛି । ବୌଦ୍ଧ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଦ୍ୱାରା ଏହି ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଥିଲା । ଜିଲ୍ଲା ଓ ଦୌରା ଜଜ୍ ତଥା ଅଧକ୍ଷ, ଜିଲ୍ଲା ଆଇନ ସେବା ପ୍ରାଧିକରଣ ପ୍ରତାପ କୁମାର ପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ରାଷ୍ଟ୍ରୀୟ ଲୋକ ଅଦାଲତ ରେ ୧୨୦୯ଟି ବିଚାରାଧୀନ କେସ ଫୈସଲା କରାଯାଇଥିଲା । ଏହି ଲୋକ ଅଦାଲତରେ ବିଚାରାଧୀନ କେସ୍ ଯଥା ମୋଟରର ଦୁର୍ଘଟଣା ଜନିତ ମାମଲା, ପାରିବାରିକ ମାମଲା, ଦେବାନୀ ମାମଲା, ଗ୍ରାହକ ବିବାଦ ଏବଂ ୧୪ ଟି ପ୍ରାକ ମାମଲା କେସ୍ ଯଥା ବ୍ୟାଙ୍କ କେସ୍, ବିଦ୍ୟୁତ ମାମଲା, ଟ୍ରାଫିକ ଚାଲାଣ ମାମଲା ଇତ୍ୟାଦି ରଖାଯାଇଥିଲା । ଏଥିରୁ ମୋଟ ୭୪,୯୩,୮୫୮/- ଟଙ୍କା ଆଦାୟ କରାଯାଇଥିଲା। ଏଥିରେ ଅଖିଳ କୁମାର ପଣ୍ଡିମକବାଟ, ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍, ନିରଞ୍ଜନ ପାତ୍ର, ମୁଖ୍ୟ ନ୍ୟାୟାଧିଶ ଅଧିକାରୀ, ଶ୍ରୀମତୀ ସୁନନ୍ଦା ସାହୁ, ମହିଳା ଅଦାଲତ ବିଚାରପତି, ଜୟ ପ୍ରକାଶ ନାୟକ, ରେଜିଷ୍ଟ୍ରାର, ଦେବାନୀ ଅଦାଲତ, ଶ୍ରୀମତୀ ଅନୁଶିଳା ରୟ, ବରିଷ୍ଠ ଦେବାନୀ ବିଚାରପତି, ଶ୍ରୀମତୀ ଶ୍ରଦ୍ଧାଞ୍ଜଳୀ ରାୟ, ସଚିବ, ଜିଲ୍ଲା ଆଇନ ସେବା ପ୍ରାଧିକରଣ, ବୌଦ୍ଧ, ନିରଞ୍ଜନ ଦାଶ, ଉପଖଣ୍ଡୀୟ ବିଚାର ବିଭାଗୀୟ ଅଧିକାରୀ, ଶ୍ରୀମତୀ ସୁସ୍ମିତା ପ୍ରିୟଦର୍ଶନୀ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ଏବଂ ଶ୍ରୀମତୀ ପ୍ରିୟଦର୍ଶନୀ କୁମ୍ଭାର, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି, ବୌଦ୍ଧ ଏବଂ ବୌଦ୍ଧର ଓକିଲ ଗଣ ଉପସ୍ଥିତ ଥିଲେ ।

## ଦେଶି ଓ ବିଦେଶି ମଦ ଚାଲାଣ ବେଳେ ଚଢାଉ: ୨ ଗିରଫ

ଜୟପୁର, ୧୦/୦୫ (ନି.ପ୍ର): ଦେଶି ଓ ବିଦେଶି ମଦ ଚାଲାଣ ବେଳେ ଜୟପୁର ଅବକାରି ଥାନା ଆଜି ଚଢାଉ କରି ୨ ଅଭିଯୁକ୍ତ କୁ ଗିରଫ କରିଛି । ଗିରଫ ଦୁଇ ଅଭିଯୁକ୍ତ ହେଲେ ରାଣିପୁଟ ଗ୍ରାମର ଭିମା ହରିଜନ ଓ ତେଲିଗୁଡାର ମେଟା ଜାନି । ଦେଶି ଓ ବିଦେସି ମଦ ଚାଲାଣ ସୁଚନା ପାଇ ଜୟପୁର ଅବକାରି ଥାନା ରାଣିପୁଟ ଓ ତେଲିଗୁଡା ରାସ୍ତାରେ ଚଢାଉ କରିଛି । ଚଢାଉ କରି ୨୨ ଲିଟର ଦେଶି ମଦ ଓ ୧୦ ଲିଟର ବିଦେଶି ମଦ ଜବତ କରିଛି । ଗିରଫ ଦୁଇ ଅଭିଯୁକ୍ତ କୁ କୋର୍ଟ ଚାଲାଣ କରାଯାଇଥିବା ବିଷୟ ଜୟପୁର ଅବକାରି ଥାନା ଓଆଇସି ସୁବ୍ରତ କେଶୋରି ହିରନ ସୁଚନା ଦେଇଛନ୍ତି ।

# ଧାମନଗର ମେଡିକାଲକୁ ସମୟରେ ଆସୁନାହାନ୍ତି ଡାକ୍ତର: ଘଣ୍ଟା ଘଣ୍ଟା ଅପେକ୍ଷାରେ ରୋଗୀ

ଭଦ୍ରକ, ୧୦/୦୫ (ନି.ପ୍ର): ଏହି ଜିଲାର ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ସ୍ୱାସ୍ଥ୍ୟ ସେବା ଅବ୍ୟବସ୍ଥା ଏବେ ଚରମ ସୀମାକୁ ପହଂଚିଛି। ଡାକ୍ତରମାନେ ସମୟରେ ମେଡିକାଲକୁ ନ ଆସୁଥିବାରୁ ରୋଗୀମାନେ ଘଂଟା ଘଂଟା ଧରି ଓପିଡିରେ ଅପେକ୍ଷା କରି ହଇରାଣ ହେଉଛନ୍ତି। ମେଡିକାଲ ବୋର୍ଡରେ ସକାଳ ୮ଟାରୁ ଦିନ ୧୨ଟା ଓ ସନ୍ଧ୍ୟା ୪ଟାରୁ ୬ଟା ପର୍ଯ୍ୟନ୍ତ ଆଉଟଡୋର ସମୟ ଉଲ୍ଲେଖ ଥିଲେ ମଧ ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଭିନ୍ନ ରହିଛି। ଶୁକ୍ରବାର ସକାଳ ପ୍ରାୟ ୯ଟା ୩୦ ପର୍ଯ୍ୟନ୍ତ ରୋଗୀମାନେ ଅପେକ୍ଷା କରିଥିଲେ ମଧ ମେଡିକାଲରେ ଜଣେ ଡାକ୍ତରଙ୍କୁ ଛାଡ଼ି ଅନ୍ୟ କୌଣସି ଡାକ୍ତରଙ୍କ ଦେଖା ମିଳିନଥିଲା। ଫଳରେ ପ୍ରାୟ ୧୦୦ରୁ ଅଧିକ ରୋଗୀ ଲମ୍ବା ଲାଇନରେ ଛିଡ଼ା ହୋଇ ରହିଥିବା ବେଳେ କିଛି ରୋଗୀ ତଳେ ବସି ନିଜ ଡ଼ାକ୍ତରଙ୍କୁ ଅପେକ୍ଷା କରୁଥିଲେ। ବୃଦ୍ଧ, ମହିଳା ଓ ଶିଶୁ ମାନେ ଅଧିକ ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖାଯାଇଛି। ସକାଳ ୧୦ଟା ସୁଦ୍ଧା ଆଉଟଡୋର ରେଜିଷ୍ଟରରେ ୪୧୫ ନମ୍ବର ସିରିଏଲ ଚାଲିଥିବା ବେଳେ ପ୍ରତିଦିନ ପ୍ରାୟ ୫୦୦ରୁ ଅଧିକ ରୋଗୀ ଚିକିତ୍ସା ପାଇଁ ଧାମନଗର ମେଡିକାଲକୁ ଆସୁଥିବା ସୂଚନା ମିଳିଛି। ଏତେ ଅଧିକ ରୋଗୀ ସଂଖ୍ୟା ସତ୍ତ୍ୱେ ପର୍ଯ୍ୟାପ୍ତ ଡାକ୍ତର ଉପସ୍ଥିତ ନ ଥିବାରୁ ସାଧାରଣ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ୩୧ଟି ପଂଚାୟତର ଜନସାଧାରଣ ନିର୍ଭର କରୁଥିବା ବେଳେ ନିକଟସ୍ଥ ଭଣ୍ଡାରୀ ପୋଖରୀ ବ୍ଲକର ୨ରୁ ୩ଟି ପଂଚାୟତର ଲୋକମାନେ ମଧ ଏହି ମେଡିକାଲ ଉପରେ ନିର୍ଭରଶୀଳ ଅଛନ୍ତି। ଏହିପରି ସ୍ଥିତିରେ ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତରଙ୍କ ଡ଼ିୟୁଟି ବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠିଛି। ସରକାରୀ ନିୟମ ଅନୁଯାୟୀ ପ୍ରତ୍ୟେକ ଡାକ୍ତରଙ୍କୁ ଦିନକୁ ୮ ଘଂଟା ଡିୟୁଟି କରିବା ସହ ମେଡିକାଲରେ ସବୁବେଳେ ଜଣେ ଇମାର୍ଜେନ୍ସି ଡାକ୍ତର ଉପସ୍ଥିତ ରହିବା ଆବଶ୍ୟକ। କିନ୍ତୁ ଏଠାରେ ଜଣେ ଡାକ୍ତର ୨୪ ଘଂଟା ପାଇଁ ଡ଼ିୟୁଟି କରୁଥିବା ଦେଖିବାକୁ ମିଳୁଛି। ଏଭଳି ବ୍ୟବସ୍ଥା ହେବାରୁ ସେମାନଙ୍କୁ ସପ୍ତାହକୁ କେବଳ ୨ ଦିନ ମେଡିକାଲ ଆସିବାକୁ ପଡୁଛି। ୮ ଘଂଟିଆ ଡ଼ିୟୁଟି ବ୍ୟବସ୍ଥା ରହିଲେ ପ୍ରତ୍ୟେକ ବିଭାଗର ଡାକ୍ତରଙ୍କୁ ଦେଖାଇବା ପାଇଁ ରୋଗୀମାନେ ସୁଯୋଗ ପାଇପାରିବେ। ହେଲେ ଡ଼ିୟୁଟି ରେଜିଷ୍ଟରରେ ୮ ଘଂଟିଆ ଡ଼ିୟୁଟି ଦର୍ଶାଯାଉଥିବା ବେଳେ ବାକି ସମୟରେ ଡାକ୍ତରମାନେ ବାହାର ଘରୋଇ କ୍ଲିନିକରେ ରୋଗୀ ଦେଖୁଥିବା ଅଭିଯୋଗ ହେଉଛି। ଫଳରେ ସରକାରୀ ମେଡିକାଲକୁ ଆସୁଥିବା ରୋଗୀମାନେ ସମୟରେ ଡାକ୍ତରଙ୍କୁ ପାଉନଥିବା ବେଳେ ସଧାରଣ ଥଣ୍ଡା, ଜ୍ୱର, କାଶ ପାଇଁ ଘଂଟା ଘଂଟା ଧରି ଅପେକ୍ଷା କରି ହଇରାଣ ହେଉଛନ୍ତି। ଏହାକୁ ନେଇ ସାଧାରଣ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢୁଥିବା ବେଳେ ସ୍ୱାସ୍ଥ୍ୟ ବିଭାଗ ତୁରନ୍ତ ଘଟଣାର ତଦନ୍ତ କରି ଡ଼ିୟୁଟି ବ୍ୟବସ୍ଥାକୁ ସ୍ୱଚ୍ଛ ଓ ନିୟମିତ କରିବାକୁ ଦାବି ହୋଇଛି।

# ରାସ୍ତା ମଝିରେ ବେଆଇନ ପାର୍କିଂ ବନ୍ଦ ଦାବି

ନୂଆପଡ଼ା, ୧୦/୦୫ (ନି.ପ୍ର): ନୂଆପଡା ଜିଲ୍ଲାର ଖଡିଆଳ ସହରରେ ଦିନକୁ ଦିନ ପାର୍କିଂ ସମସ୍ୟା ଲାଗି ରହିଥିବା ବେଳେ ସମସ୍ୟାର ସମାଧାନ କ୍ଷେତ୍ରରେ ଜିଲ୍ଲା ପ୍ରଶାସନ ବିହିତ ପଦକ୍ଷେପ ଗ୍ରହଣ କରୁନଥିବା ଅଭିଯୋଗ ହେଉଛି । ଫଳରେ ଟ୍ରାଫିକ ସମସ୍ୟା ଗୁରୁତର ରୂପ ଧାରଣ କରିଛି । ସୂଚନା ଅନୁଯାୟୀ, ଖଡିଆଳ ହେଉଛି ନୂଆପଡା ଜିଲ୍ଲାର ବୃହତମ ସହର । ଏହି ସହର ଉପରେ ନୂଆପଡା ଜିଲ୍ଲାର ଲୋକେ ନିର୍ଭର କରୁଥିବା ବେଳେ ଜନସଂଖ୍ୟା ଏବଂ ଯାନବାହାନ ସଂଖ୍ୟା ହୁ ହୁ ହୋଇ ବୃଦ୍ଧି ପାଉଛି । ହେଲେ ପାର୍କିଂର କୌଣସି ସୁବିଧା ନଥିବାରୁ ଯାନବାହାନ ଚାଳକମାନେ ଜାତୀୟ ରାଜପଥର ମଧ ଭାଗରେ ଗାଡି ସବୁ ପାର୍କିଂ କରୁଛନ୍ତି । ବିଶେଷକରି ୪ ଚକିଆ ଯାନ ସବୁ ପାର୍କିଂ ହେଉଥିବାରୁ ଦୁର୍ଘଟଣା ଘଟିବାର ଯଥେଷ୍ଟ ସମ୍ଭାବନା ରହିଛି । ଗୋଟିଏ ପାର୍ଶ୍ୱରୁ ଗାଡି କ୍ରସ୍ କଲା ବେଳେ ଅନ୍ୟପଟ ଗାଡି ସହିତ ଧକ୍କା ଖାଇବାର ଯଥେଷ୍ଟ ସମ୍ଭାବନା ରହିଛି । ସେହିପରି ରାଣିପୁର ପେଟ୍ରୋଲ ପମ୍ପର ଉଭୟ ପାର୍ଶ୍ୱରେ ଭାରୀଯାନ ସବୁ ରହୁଥିବାରୁ ପେଟ୍ରୋଲ ଭରି ମୁଖ୍ୟ ରାସ୍ତାକୁ ଆସିବା ସମୟରେ ଦୁର୍ଘଟଣା ଘଟୁଛି । ଏନେଇ ପେଟ୍ରୋଲ ପମ୍ପର କର୍ମକର୍ତାଙ୍କୁ ଅଭିଯୋଗ କଲେ ମଧ କୌଣସି ସୁଫଳ ମିଳି ପାରୁନାହିଁ । ପୋଲିସ ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେଲେ ଯାତ୍ରୀଙ୍କ ଜୀବନ ନିରାପଦ ହୋଇପାରିବ ବୋଲି ଅଂଚଳବାସୀ ମତବ୍ୟକ୍ତ କରିଛନ୍ତି ।

# କୃଷକ କଲ୍ୟାଣ ମଂଚ ତରଫରୁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ

ଜୟପୁର , ୧୦/୦୫ (ନି.ପ୍ର): କୃଷକ କଲ୍ୟାଣ ମଂଚ ତରଫରୁ ଚାଷୀ ଙ୍କ ସମସ୍ୟା ନେଇ କୋରାପୁଟ ଜିଲାପାଳ ଙ୍କୁ ଦାବି ପତ୍ର ପ୍ରଦାନ କରାଯାଇଛି । ମଂଚର ସମ୍ପାଦକ ନରେନ୍ଦ୍ର କୁମାର ପ୍ରଧାନ କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନଙ୍କୁ ପ୍ରଦାନ କରାଯାଇଛି । ଉକ୍ତ ଦାବିପତ୍ର ରେ ଉଲ୍ଲେଖ କରାଯାଇଛି ଯେ ଚଳିତ ରବି ରତୁରେ ଧାନ ବିକ୍ରି ସକାଶେ ସମୟ ସୀମାର ସ୍ୱଳ୍ପତା, ସମବାୟ ବିଭାଗ. ଆର୍.ଏମ୍.ସି. ଓ ପ୍ରଶାସନିକ ଅବହେଳା ପ୍ରଚାର, ପ୍ରସାର କରାନଯିବା ଯୋଗୁଁ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠି ର ବିବରଣୀ ପ୍ରଦାନରେ ବିଳମ୍ବ ଯୋଗୁଁ ବାରମ୍ବାର ଅଭିଯୋଗ ପରେ ମଧ ୩ ହଜାର ରୁ ଉର୍ଦ୍ଧ୍ୱ ଚାଷୀ ପଞ୍ଜିକରଣ କରି ପାରି ନାହାନ୍ତି । ଏଣୁ ପଞ୍ଜିକରଣର ସମୟ ସୀମା ବୃଦ୍ଧି କରାଯାଉ। ବାରମ୍ବାର ରବି ଓ ଖରିଫରେ ପଞ୍ଜିକରଣ କରାନଯାଇ କେବଳ ଆବଶ୍ୟକ ଓ ସଂଶୋଧନ ସ୍ଥଳେ ପଞ୍ଜିକରଣ କରାଯାଉ । ତତ୍ ସହିତ ବଂଶାନୁକ୍ରମିକ ପ୍ରଥା ଉଚ୍ଛେଦ କରାଯାଉ । ଅଭିଯୋଗ ନଥିବା ସ୍ଥଳେ ସ୍ୱଘୋଷଣାନାମା ଦ୍ୱାରା ପଞ୍ଜିକୃତ କରାଯାଉ । ଆ.ରଏମ୍.ସି. ଓ କ୍ରୟାକାରୀ ସଂସ୍ଥାର ଦାୟିତ୍ୱ, କର୍ତ୍ତବ୍ୟ କଣ _ତ୍ୟେକ ମଣ୍ଡିରେ ଡିସପ୍ଲାୟା ସୂଚନାଫଳକ, ପୋଷ୍ଟର, ବ୍ୟାନର, ବିଜ୍ଞାନ ମାଧ୍ୟମରେ ତଥା ଚାଷୀଙ୍କୁ ତାଲିମ ଶିବୀର କରି ତଥ୍ୟ ପ୍ରଦାନ କରାଯାଉ । ଏଫ୍.ଏ.କ୍ୟୁ. ସାଧାରଣ ମାନର ଧାନ ର ସଂପୂର୍ଣ୍ଣ ବିବରଣୀ ଶତାଂଶ ରିବର୍ତ୍ତେ କେ.ଜି. ରେ ପରିବର୍ତ୍ତନ କରି କେତେ ଖରା ଧାନ ଥିଲେ ଏଫ୍.ଏ.କ୍ୟୁ.ହୋଇ ପାରିବ ବ୍ୟାନର ଦ୍ୱାରା ପ୍ରଦର୍ଶିତ କରାଯିବା ସହିତ ଚାଷୀଙ୍କ ସଂଶୟ ଦୂର କରାଯାଉ । ମଣ୍ଡିରେ ନିୟୋଜିତ ଅଧିକାରୀଙ୍କ ନାମ, ଦବୀ, ମୋବାଇଲ୍ ନମ୍ବର, ପ୍ରତ୍ୟେକ ମଣ୍ଡିରେ ପ୍ରଦର୍ଶିତ କରାଯାଉ । ମଣ୍ଡିରେ କେଉଁ କେଉଁ ମିଲରଙ୍କୁ ଧାନ ଉଠାଣ ଓ ମାସ୍ କେତେ ପରିମାଣରେ ଦିଆଯାଇଛି, କେତେ ଧାନ ବର୍ତ୍ତମାନ ସୁଦ୍ଧା ଉଠାଇଛନ୍ତି ଓ ବଳକା ମାସ୍ କେତେ ରହିଛି ତାରିଖ ଅନୁଯାୟୀ ପ୍ରଦର୍ଶିତ କରାଯାଉ । ମିଲରଙ୍କ ଦୌରାତ୍ମ୍ୟ ବନ୍ଦ କରାଯାଉ । ମଣ୍ଡି ଗୁଡିକୁ ସଂପୂର୍ଣ ରୂପେ ଦଲାଲ ମୁକ୍ତ କରାଯିବା ସହିତ ଚାଷୀଙ୍କ ଆୟର ଅଧା ଖାଇଯାଉଥିବା ଦଲାଲଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯାଉ । ଗତ ଖରିଫ ଓ ରବି ମଣ୍ଡିରେ ଡି.ଏଲ୍.ପି.ସି. ବୈଠକ ନିଷ୍ପତ୍ତ ଓ ନୀତି ନିର୍ଦ୍ଧାରଣ ଅନୁସାରେ ଖାଲି ଅଖା ବାବଦକୁ ଅର୍ଥ (ପ୍ରାୟ ୮ କୋଟିରୁ ଉର୍ଦ୍ଧ୍ୱ) ଚାଷୀଙ୍କୁ ତୁରନ୍ତ ପ୍ରଦାନ କରାଯାଉ ଓ ମଣ୍ଡିରେ ସମସ୍ତ ହ୍ୟାଣ୍ଡଲିଂ କାର୍ଯ୍ୟ ଚାଷୀ କରିଥିବାରୁ ଉକ୍ତ ଅର୍ଥ ରେଡ୍କ୍ରସକୁ ପ୍ରଦାନ କରାଯାଉ । ଜିଲ୍ଲାରେ ସୋଲାର୍ _କଳ୍ପ, ଚୀରସ୍ରୋତ, ଏମ ଆଇ ପି , ସିଆଇପି .,ମହିଳା ସ୍ୱୟଂ ସହାୟକ ଗୋଷ୍ଠି , ଓନେ ୱେଲ ଓ ପୋଖରୀ ଦ୍ୱାରା ଚାଷ ହେଉଥିବା ଧାନ ଜମିର ପଞ୍ଜିକରଣ ସୁଯୋଗ ଦିଆଯାଉ । ଆ.ରଏମ୍.ସି. ଓ କ୍ରୟକାରୀ ସଂସ୍ଥା ନିଜର ଦାୟିତ୍ୱ କିପରି ତୁଲାଇବେ ପ୍ରଶାସନ ଗୁରୁତ୍ୱ ଦିଅନ୍ତୁ । ଚଳିତ ଡି.ଏଲ୍.ପି.ସି. ବୈଠକରେ ଚାଷୀଙ୍କୁ ଭାଗ ନେବାର ସୁଯୋଗ ଦିଆଯାଉ । ଚଳିତ ଖରିଫ ରତୁ ପୂର୍ବରୁ ସମସ୍ତ ଲ୍ୟାମ୍ପରେ ସାର ମହଜୁଦ ରଖାଯାଉ । ବର୍ତ୍ତମାନ ସାର ବଂଟନର ନିୟମ ପରିବର୍ତ୍ତନ କରି ଆବଶ୍ୟକ ଅନୁସାରେ ସାର ପ୍ରଦାନ କରାଯାଉ । ଜିଲ୍ଲାରେ ଚଳିତ ରବି ରତୁରେ ୧୮ ରୁ ୨୦ ଲକ୍ଷ କ୍ୱିଂଟାଲ୍ ଧାନ ଅମଳ ହେବା ସମ୍ଭାବନା ଥିବାରୁ ଆଗତୁରା ବାହାର ଜିଲ୍ଲାର ମିଲରଙ୍କ ସହିତ ଚୁକ୍ତିନାମା କରାଯାଉ । ଏଫ୍.ଏ.କ୍ୟୁ. ନାମରେ କଟନି, ଛଟନି ବନ୍ଦ କରାଯିବା ସହିତ ଚାଷୀଙ୍କୁ ଶୋଷଣମୁକ୍ତ କରାଯାଉ । ପ୍ରତ୍ୟେକ ମଣ୍ଡିରେ ଭି.ଟି.ଏସ୍. ଟ୍ରାକିଂ ସିଷ୍ଟମ୍ କଡାକଡି ଲାଗୁ କରାଯିବା ସହିତ ମିଲର ମାନେ ୬୦ ପ୍ରତିଶତ ଧାନ ୪୦ ପ୍ରତିଶତ ପେର ନେଇ ଚାଷୀଙ୍କୁ ଯେଉଁ ହଇରାଣ କରୁଛନ୍ତି ତାକୁ ବନ୍ଦ କରାଯିବା ସହିତ ମଣ୍ଡିରେ ହିଁ ଧାନ ଓଜନ କରାଯିବାର ବ୍ୟବସ୍ଥା କରାଯାଉ । ରବି ରତୁରେ ବର୍ଷା ହେବାର ଯଥେଷ୍ଟ ସମ୍ଭାବନା ଥିବାରୁ ମଣ୍ଡି ଭିତ୍ତଭୂମିର ଉନ୍ନତି କରାଯାଉ । ମଇ, ୨୫, ୨୦୨୬ ସୁଦ୍ଧା ମଣ୍ଡି ଆରମ୍ଭ କରାଯିବା ସହିତ ଡି.ଏଲ୍.ପି.ସି. ବୈଠକର ନିଷ୍ପତ୍ତି କାର୍ଯ୍ୟକାରୀ କରାଯାଉ । ଚାଷୀ ନିଜେ ଗାଡି ବ୍ୟବସ୍ଥା କରି ମିଲ୍ରେ ଧାନ ପହଂଚାଇଲା ପରେ ମିଲର୍ ସ୍ଲିପ୍ ଦେଲେ ମଣ୍ଡିରେ ଏଂଟ୍ରି ହେଉଛି । ଏହା ବନ୍ଦ କରାଯିବା ସହିତ ପର୍ଯ୍ୟାପ୍ତ ଗାଡିର ବ୍ୟବସ୍ଥା କରାଯାଉ ଆଦି ଦାବି ରହିଛି । ଜିଲ୍ଲାପାଳ ବିନୀତ ଅନୁରୋଧ ଚଳିତ ରବି ରତୁରେ ଚାଷୀମାନେ ସୁବିଧାରେ କିପରି ସେମାନଙ୍କ ଧାନ ବିକ୍ରି କରି ।ରିବେ ସେଥିପାଇଁ ଆବଶ୍ୟକ ପଦକ୍ଷେ ଗ୍ରହଣ କରିବାକୁ ବିନୀତ ଅନୁରୋଧ । ଏହି ଦାବି ପାତ୍ରର ଏକକିତା ନକଲ ସାଂସଦ, କୋରାପୁଟ ଓ ନବରଙ୍ଗପୁର ସଂସଦ, ଜୟପୁର, କୋଟପାଡ, କୋରାପୁଟ, ଲକ୍ଷ୍ମୀପୁର, ପଟ୍ଟାଙ୍ଗୀ ବିଧାୟକ, ଅଧକ୍ଷା, ଜିଲ୍ଲା ପରିଷଦ, କୋରାପଟ, ଜିଲ୍ଲା ମୁଖ୍ୟ ଖାଦ୍ୟ ଓ ଯୋଗାଣ ଅଧିକାରୀ, ଜୟପୁର ପ୍ରଦାନ କରାଯାଇଛି ।

## ଝାରସୁଗୁଡାରେ ଅବକାରୀ ଚଢ଼ଉ : ୩୦ କେଜି ଭାଙ୍ଗ ଜବତ, ଜଣେ ଗିରଫ

ଝାରସୁଗୁଡା, ୧୦/୦୫ (ନି.ପ୍ର): ଝାରସୁଗୁଡା ଅବକାରୀ ବିଭାଗ ପକ୍ଷରୁ ଏକ ବିଶେଷ ଚଢ଼ଉରେ ୩୦ କେଜି ଭାଙ୍ଗ ଜବତ କରାଯାଇଥିବା ବେଳେ ଜଣେ ଅଭିଯୁକ୍ତକୁ ଗିରଫ କରାଯାଇଛି । ଗିରଫ ଅଭିଯୁକ୍ତ ହେଲେ ପ୍ରମୋଦ ଶ୍ରୀବାସ । ଅବକାରୀ ଅଧିକ୍ଷକଙ୍କ ନିର୍ଦ୍ଦେଶକ୍ରମେ ଝାରସୁଗୁଡା ଅବକାରୀ ଟିମ୍ ଦ୍ୱାରା ଝାରସୁଗୁଡା ଟାଉନ ଥାନା ଅଂଚଳର ଝଣ୍ଡାଛକ ପରଦେଶୀପଡା ଅଂଚଳରେ ଅତର୍କିତ ଚଢ଼ଉ କରାଯାଇଥିଲା । ଚଢ଼ଉ ସମୟରେ ଅଭିଯୁକ୍ତଙ୍କ ନିକଟରୁ ୩୦ କେଜି ଭାଙ୍ଗ ଜବତ ହୋଇଥିଲା । ପରେ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଏହି ଘଟଣାରେ ଅନ୍ୟ କେହି ସମ୍ପୃକ୍ତ ଅଛନ୍ତି କି ନାହିଁ, ସେନେଇ ଅବକାରୀ ବିଭାଗ ତଦନ୍ତ ଜାରି ରଖିଛି । ଏଥିସହ ଆଗାମୀ ଦିନରେ ମାଦକ ଦ୍ରବ୍ୟ ବିରୋଧୀ ଚଢ଼ଉକୁ ଆହୁରି କଡାକଡି କରାଯିବ ବୋଲି ଅବକାରୀ ଅଧିକ୍ଷକ ସୂଚନା ଦେଇଛନ୍ତି ।

# ଷୋହଳ ଭଉଣୀ ଡ୍ୟାମରେ ରଶି ଲଗାଇ ଯୁବକଙ୍କ ଆତ୍ମହତ୍ୟା ଘଟଣା: ଦଲାଲଙ୍କ ମାନସିକ ନିର୍ଯାତନାକୁ ଦାୟୀ କଲେ ବାପା



ଖଇରା, ୧୦/୫ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ଥାନା କେନ୍ଦୁଭଦଳୀ ଗ୍ରାମର ସନାତନ ବାରିକ ଙ୍କ ପୁଅ ହେମନ୍ତ(୨୯) ଙ୍କ ଶବ ଊପଦା ଥାନା ଅଧୀନ ଷୋହଳ ଭଉଣୀ ଡ୍ୟାମ ନିକଟସ୍ଥ ଏକ ଗଛରୁ ଶନିବାର ସଂଧ୍ୟାରେ ଉଦ୍ଧାର କରାଯାଇଥିଲା । ୨ଦିନ ଧରି ନିଖୋଜ ରହିବା ପରେ ଏମିତି ଆତ୍ମହତ୍ୟାକୁ ନେଇ ଗ୍ରାମବାସୀ ଓ ପରିବାର ଲୋକେ ସନ୍ଦେହ ପ୍ରକଟ କରିଥିଲେ । ପ୍ରତିବାଦରେ ବାପା ଓ ଅନ୍ୟ ସମ୍ପର୍କୀୟ ମାନେ ହେମନ୍ତଙ୍କ ଶବକୁ ଖଇରା ଥାନା ସମ୍ମୁଖରେ ରଖି ଆତ୍ମହତ୍ୟା ପାଇଁ ପୁଅକୁ ମାନସିକ ନିର୍ଯ୍ୟାତନା ଦେଇଥିବା ହେମନ୍ତଙ୍କ ଶ୍ୱଶୁର ଶୁକଦେବ ପରିଡା, ଅନ୍ୟ ୪ଜଣଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ । ପରେ ଖଇରା ଥାନା ଆଇଆଇସି ଜନ ପଟ୍ଟନାୟକ ଧାରଣାକାରୀଙ୍କ ସହ ଆଲୋଚନା କରି ନିର୍ଯ୍ୟାତନାରେ ସଂପୃକ୍ତ ଥିବା ବ୍ୟକ୍ତିଙ୍କ ବିରୋଧରେ ଊପଦା ଥାନାରେ ମାମଲା(୯୦/୨୬) ରୁଜୁ କରାଯାଇଛି । ତଦନ୍ତରେ ଦୋଷୀ ସାବ୍ୟସ୍ତ ହେଲେ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ପ୍ରତିଶୃତି ଦେବା ପରେ ସେମାନେ ମୃତ ଦେହ ଉଠାଇଥିଲେ । ହେମନ୍ତ ପାଖାପାଖି ୧ବର୍ଷ ତଳେ ଖଇରା ଥାନା ଅଧୀନ ଅମାର ଗଡିଆ ଗ୍ରାମର ଶୁକଦେବଙ୍କ ଝିଅ ସସ୍ମିତାଙ୍କୁ ବିବାହ କରିଥିଲେ । ୨ମାସ ତଳେ ଶୁକଦେବ ହେମନ୍ତଙ୍କ ଘରକୁ ଯାଇ ଝିଅକୁ ଘରକୁ ନେଇ ଆସିଥିଲେ । କିଛି ଦିନ ପରେ ହେମନ୍ତକୁ ତାଙ୍କ ଘରକୁ ଡକାଇ ଝିଅକୁ ନିର୍ଯାତନା ଦେଉଥିବା ବିଷୟ କହି ରାତିରେ ରହି ସମାଧାନ କରିବାକୁ କହିଥିଲେ ହେଁ ହେମନ୍ତ କାର୍ଯ୍ୟାନୁଷ୍ଠାନ ଭୟରେ ଘରକୁ ପଳାଇଥିଲେ । ପରେ ସସ୍ମିତା ଖଇରା ଥାନାରେ ହେମନ୍ତଙ୍କ ନାମରେ ଲିଖିତ ଅଭିଯୋଗ କରିଥିଲେ । ହେଲେ ବାରମ୍ବାର ତାରିଖ ନିର୍ଦ୍ଧାରଣ ପରେ ମଧ୍ୟ ସମାଧାନ ହୋଇ ପାରିନଥିଲା । ସମାଧାନ ନାମରେ ୨୦ଦିନ ଧରି ଥାନା ଅଧିକାରୀ ଦିନ ଗଡାଇ ଚାଲିବା ଏବଂ ଜୟନ୍ତ ଏବଂ ତାଙ୍କ ଅନ୍ୟ ସହଯୋଗୀ ମାନେ ସମାଧାନ ପାଇଁ ୧୦ଲକ୍ଷ ମାଗିବା ଯୋଗୁଁ ପୁଅ ଅନ୍ୟ ଉପାୟ ନପାଇ ନିର୍ଯାତନା ସହିନପାରି ଆତ୍ମହତ୍ୟା କରିଥିବା ନେଇ ବାପା ସନାତନ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି । ଏ ସଂପର୍କରେ ହେମନ୍ତ ମରିବା ଆଗରୁ ନିଜେ କହିଥିବା ଏବଂ ସାମାଜିକ ଗଣମାଧ୍ୟମରେ ଭାଇରାଲ ଭିଡିଓରେ ତାଙ୍କ ମୃତ୍ୟୁ ପାଇଁ ଶ୍ୱଶୁର ଶୁକଦେବ, ଅନ୍ୟ ୪ଜଣ ଦାୟୀ ବୋଲି ଉଲ୍ଲେଖ କରିବା ଘଟଣାକୁ ଅଧିକ ଜଟିଳ କରିଛି ।

# ବିଶିଷ୍ଟ ଶ୍ରମିକ ନେତା ବିଷ୍ଣୁ ମହାନ୍ତିଙ୍କ ସ୍ମୃତି ଚାରଣ ସଭା



ଭଦ୍ରକ, ୧୦/୫ (ନି.ପ୍ର): ରାଉରକେଲା ସରକାରୀ ମହାବିଦ୍ୟାଳୟ ଛାତ୍ରସଂସଦର ପୂର୍ବତନ ସଭାପତି, ରାଉରକେଲା ଆଇନ ମହାବିଦ୍ୟାଳୟ ଛାତ୍ର ସଂସଦର ପୂର୍ବତନ ସଭାପତି, ସିଆଇଟିୟୁ ର ରାଜ୍ୟ ସାଧାରଣ ସଂପାଦକ, ସିଆଇଟିୟୁର ସର୍ବଭାରତୀୟ ଉପସଭାପତି, ସିପିଆଇ(ଏମ) ରାଜ୍ୟ ସଂପାଦକ ମଣ୍ଡଳୀ ସଭ୍ୟ, ତାଳଚେର-ବିମଳାଗଡ ରେଳପଥ ଆନ୍ଦୋଳନର ଅନ୍ୟତମ ନେତା, କାଲ୍ଟା ମାଇନ୍ସ- କୋଇଡା ମାଇନ୍ସ- ରୁଙ୍ଗଟା ମାଇନ୍ସ ଶ୍ରମିକ ମାନଙ୍କ ପ୍ରମୁଖ ନେତା, ଆଶା- ଅଙ୍ଗନୱାଡି- ନିର୍ମାଣ ଶ୍ରମିକ - ଷ୍ଟେସନ କୁଲି ଓ ବିଭିନ୍ନ ଖଣି ଶ୍ରମିକ ମାନଙ୍କ ମୁଖ୍ୟ ନେତା, ଇସ୍ପାତ ନଗରୀ ରାଉରକେଲାର ଜନପ୍ରିୟ ନେତା ବିଷ୍ଣୁ ମହାନ୍ତି ଙ୍କ ସ୍ମୃତି ଚାରଣ ସଭା ସିପିଆଇ(ଏମ) ଭଦ୍ରକ ଜିଲ୍ଲା ସଂପାଦକ ଦିବ୍ୟସିଂହ ନାୟକ ଙ୍କ ସଭାପତିତ୍ୱରେ ଭଦ୍ରକ ସହର ନେତାଜୀ ନଗର ସ୍ଥିତ ଜାନକୀ ନିଳୟ ଠାରେ ଅନୁଷ୍ଠିତ ହୋଇଯାଇଛି । ଶ୍ରମିକ ନେତା ବିଷ୍ଣୁ ମହାନ୍ତି କେନ୍ଦ୍ରାପଡା ଜିଲ୍ଲାର ଆଳି ଠାରେ ଜନ୍ମଗ୍ରହଣ କରି ହାଇସ୍କୁଲ ଶିକ୍ଷା ପରେ ପରିବାରର ଆର୍ଥିକ ଅନାଟନ ଯୋଗୁଁ ରାଉରକେଲା ଯାଇଥିଲେ । ସେ ସେଠାରେ ଖୁବ୍ କଷ୍ଟରେ ଘରୋଇ ଟିଉସନ କରି ରାଉରକେଲା ସରକାରୀ ମହାବିଦ୍ୟାଳୟରେ ପାଠ ପଢିଥିଲେ । ସେ ଭାରତର ଛାତ୍ର ଫେଡେରେସନ( ଏସ୍ଏଫ୍ଆଇ) ର ନୀତି, ଲକ୍ଷ୍ୟ ,ଆଦର୍ଶ ରେ ଆଦର୍ଶିତ ହୋଇ ଛାତ୍ର ଆନ୍ଦୋଳନର ନେତୃତ୍ୱ ନେଇ ଏସ୍ଏଫ୍ଆଇ ର ରାଜ୍ୟ ଉପସଭାପତି ଭାବେ ନିର୍ବାଚିତ ହୋଇଥିଲେ । ସେ ରାଉରକେଲା କୋର୍ଟ ରେ କିଛି ଦିନ ଓକିଲାତି ମଧ୍ୟ କରିଥିଲେ । ସେ ଥିଲେ ଜଣେ ବିଶିଷ୍ଟ ଆଇନଜୀବୀ । ଶ୍ରମିକ- ମାଲିକ ବିବାଦ ସମୟରେ ମାଲିକ ଶ୍ରେଣୀ ପାଖରେ ଶ୍ରମ ଆଇନ କୁ ପୁଙ୍ଖାନୁପୁଙ୍ଖ ଆଲୋଚନା କରି ଶ୍ରମିକ ମାନଙ୍କ ନ୍ୟାଯ୍ୟ ଅଧିକାର ହାସଲ କରୁଥିଲେ । ସେ ସିପିଆଇ(ଏମ) ଦଳର ସଦାବେଳିଆ କର୍ମୀ ଥିଲେ । ତାଙ୍କ ନେତୃତ୍ୱରେ ସୁନ୍ଦରଗଡ ଜିଲ୍ଲା ବଣାଇ ବିଧାନସଭା ନିର୍ବାଚନ ମଣ୍ଡଳୀ ରେ ସିପିଆଇ(ଏମ) ର ଆଦର୍ଶ ବିଧାୟକ ଲକ୍ଷ୍ମଣ ମୁଣ୍ଡା ନିୟମିତ ଜିତି ଆସୁଛନ୍ତି । ୧୯୭୫ ମସିହା ଜରୁରୀକାଳୀନ ପରିସ୍ଥିତି ସମୟରେ ଓଡିଶାର ପ୍ରଥମ ମିଶା ବଂଦୀ ଭାବେ ସେ ୨୪ ମାସ ଜେଲଖାନାରେ ଥିଲେ । ପୁଞ୍ଜିପତି ଶ୍ରେଣୀ ବିରୁଦ୍ଧରେ ଲଢେଇ କରି ୭ ବର୍ଷ ୬ ମାସ ୮ ଦିନ ସେ ଓଡିଶାର ବିଭିନ୍ନ ଜେଲଖାନାରେ ଥିଲେ । ନିମୋନିଆ ରୋଗରେ ପୀଡ଼ିତ ହୋଇ ସେ ୭୫ ବର୍ଷ ବୟସରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଗତ ମେ ୯ ତାରିଖ ସକାଳ ୩: ୧୫ ମିନିଟ୍ ସମୟରେ ମୃତ୍ୟୁ ବରଣ କରିଥିଲେ । ସେ ଥିଲେ ଜଣେ ନିର୍ଭୀକ ଜନନେତା ତଥା ଓଡିଶା ଲାଲ୍ ଆକାଶର ଅନ୍ୟତମ ଶ୍ରେଷ୍ଠ ତାରକା । ତାଙ୍କ ସ୍ମୃତିଚାରଣ ସଭାରେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ସିପିଆଇ(ଏମ) ଜିଲ୍ଲା ସଂପାଦକ ମଣ୍ଡଳୀ ସଭ୍ୟ କମ୍ରେଡ ପ୍ରଫୁଲ୍ଲ ପାଢୀ, ସିପିଆଇ(ଏମ) ଜିଲ୍ଲା କମିଟି ସଭ୍ୟ ବିକାଶ ନାଥ, ଅନ୍ୟତମ ଜିଲ୍ଲା କମିଟି ସଭ୍ୟ ଗିରିଧାରୀ ନାଥ, ସିଆଇଟିୟୁ ଜିଲ୍ଲା ସଂପାଦକ କାଳନ୍ଦୀ ପାତ୍ର, ବରିଷ୍ଠ ଶ୍ରମିକ ନେତା ଅଭିନ୍ନ ଚନ୍ଦ୍ର ରାୟ, ମହିଳା ନେତ୍ରୀ ସୁରଜିତା ନାୟକ, ବରିଷ୍ଠ ଚାଷୀ ନେତା ନିରଞ୍ଜନ ପାଣି, ଯୁବନେତା ସେକ୍ ସନାଉଲ୍ଲା, ଯୁବନେତା ପ୍ରତାପ ସେଠୀ ପ୍ରମୁଖ ବିଷ୍ଣୁ ମହାନ୍ତି ଙ୍କ ନୀତି ,ଲକ୍ଷ୍ୟ, ଆଦର୍ଶ ଓ ରାଜନୈତିକ ଜୀବନ ସଂପର୍କରେ ଆଲୋଚନା କରିଥିଲେ । ଏହି ସ୍ମୃତି ଚାରଣ ସଭାରେ ଶତାଧିକ ସାଧାରଣ ଜନତା ଉପସ୍ଥିତ ଥିଲେ।

## ଦଳକୁ ଫେରୁଛନ୍ତି ପୁରୁଣା କର୍ମୀ: ଖଇରା ବ୍ଲକରେ ମଜବୁତ୍ ହେଉଛି ବିଜେଡି

ଖଇରା, ୧୦/୫ (ନି.ପ୍ର): ପୂର୍ବତନ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀଙ୍କୁ ବିଜେଡି ସଭାପତି ନବୀନ ପଟ୍ଟନାୟକ ଜିଲା ସଭାପତି ଭାବେ ଘୋଷଣା କରିବା ପରେ ଜଣେ ପରେ ଜଣେ ପୁରୁଣା କର୍ମୀଙ୍କୁ ଦଳକୁ ଫେରାଇବାରେ ସକ୍ଷମ ହୋଇଛନ୍ତି । ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ବୈଠକରେ ଏବଂ ରବିବାର ଦିନ ଖଇରା ପାର୍ଟିକାର୍ଯ୍ୟାଳୟ ରେ ପାଣିଗ୍ରାହୀଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କାର୍ଯ୍ୟକ୍ରମରେ ବିଜେଡିରୁ ଦୁରେଇ ରହିଥିବା ବହୁ ବିଜେଡି କାର୍ଯ୍ୟକର୍ତ୍ତାଙ୍କ ଆବିର୍ଭାବ ବିଜେଡିକୁ ମଝବୁଥ ଆଡକୁ ନେଉଛି । ଯଦି ଶ୍ରୀ ପାଣିଗ୍ରାହୀ ସମସ୍ତ ପୁରୁଣା ବିଜେଡି କର୍ମୀଙ୍କୁ ଦଳକୁ ଫେରାଇ ଆଣିବାକୁ ସକ୍ଷମ ହୁଅନ୍ତି ତେବେ ୨ ପଞ୍ଚାୟତ ସମିତି ଦଖଲ ତାଙ୍କ ପାଇଁ ସହଜ ହେବ ବୋଲି କୁହାଯାଉଛି । ରବିବାର ଖଇରା ପଞ୍ଚାୟତ ର ସରପଞ୍ଚ ପ୍ରତିନିଧି ସୁଦର୍ଶନ ସେଠୀ ନବ ନିଯୁକ୍ତ ବିଜେଡି ସଭାପତି ଜ୍ୟୋତି ପାଣିଗ୍ରାହୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ବିଜେଡି ସଭାପତି ରାଜେନ୍ଦ୍ର ଦାସ, ଜିଲା ପରିଷଦ ସଭ୍ୟା ରଶ୍ମିତା ମହାପାତ୍ର, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷା ଜୟନ୍ତୀ ମହଲା, ପୂର୍ବତନ ଜିଲା ପରିଷଦ ସଭ୍ୟା କଳ୍ପନା ନାଇକ, ନିଶିକାନ୍ତ ମହାନ୍ତି, ବର୍ଦ୍ଧନା ପଞ୍ଚାୟତର ପୂର୍ବତନ ସରପଞ୍ଚ ସୁଧାକର ଦାସ, ମାଧବାନନ୍ଦ ପଣ୍ଡା, ପ୍ରାକ୍ତନ ବିଜୁ ଯୁବଜନତା ଦଳ ସଭାପତି ମୁକ୍ତିକାନ୍ତ ସ୍ୱାଇଁ, ସଦାଶିବ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ । ଆଗକୁ ୫୯ ପଞ୍ଚାୟତରୁ ଦୁରେଇ ରହିଥିବା ଅଗଣିତ କର୍ମୀ ଦଳରେ ସକ୍ରୀୟ ଭାବେ କାର୍ଯ୍ୟ କରିବାକୁ ଆଗ୍ରହ ପ୍ରକାଶ କରି ତାଙ୍କ ସହ ଯୋଗାଯୋଗରେ ଅଛନ୍ତି ବୋଲି ଜିଲା ସଭାପତି ଶ୍ରୀ ପାଣିଗ୍ରାହୀ ପ୍ରକାଶ କରିଛନ୍ତି ।

# ଆଧାର ନାହିଁତ ପାଠ ନାହିଁ : ପଢ଼ାରେ ଡ଼ୋରି ବାନ୍ଧିଲେ ପାର୍ବତୀ



ଉଦଳା, ୧୦/୫ (ନି.ପ୍ର): କପ୍ତିପଦା ବ୍ଲକର ଜଡ଼ିଦା ପଂଚାୟତ ଅନ୍ତର୍ଗତ ଘୁଂଟିବିଲ ଗ୍ରାମର ବାସିନ୍ଦା ମଦନ ବେଶ୍ରାଙ୍କର ୧୪ବର୍ଷ ବୟସର କନ୍ୟା 'ପାର୍ବତୀ' ପାଠପଢ଼ାରେ ଡ଼ୋରି ବାନ୍ଧି ଦେବାକୁ ବାଧ ହୋଇଥିବାର କଥା ପରିବାରର ଲୋକେ ଜଣାଇଛନ୍ତି । ଖବର ନେବାରୁ 'ପାର୍ବତୀ' ଗ୍ରାମରେ ଥିବା ସରକାରୀ ପ୍ରାଥମିକ ବିଦ୍ୟାଳୟରୁ ୫ମଶ୍ରେଣୀ ପାସ କରିଛନ୍ତି । ପରେ ଷଷ୍ଠ ଶ୍ରେଣୀରେ ନାମ ଲେଖାଇବାକୁ ଯିବାରୁ କାର୍ଯ୍ୟରତ ଶିକ୍ଷକ ଆଧାରକାର୍ଡ଼ ମାଗିଲେ । ପାର୍ବତୀ ଆଧାରକାର୍ଡ଼ ଦେଖାଇନପାରିବାରୁ ନାମ ଲେଖାଯାଇ ପାରିବ ନାହିଁ ବୋଲି ରୋକ ଠୋକ ମନାକରି ବିଦା କରିଦେଇଥିବାର କଥା ପରିବାରର ଲୋକେ ଜଣାଇଛନ୍ତି । ଆଧାରକାର୍ଡ଼ ପାଇଁ ବାରମ୍ବାର ଫଟୋ ଉଠାଇଥିଲେ ମଧ୍ୟ 'ପାର୍ବତୀ'ଙ୍କର ଆଧାରକାର୍ଡ଼ କାହିଁକି ଆସୁନାହିଁ ତାହା ପରିବାରର ଲୋକଙ୍କୁ ଜଣାନଥିବାର କଥା କହିଛନ୍ତି । ଏହିପରି 'ପାର୍ବତୀ' ପାଠପଢ଼ାରେ ଡ଼ୋରି ବାନ୍ଧି ଦେବାକୁ ବାଧ ହୋଇଛନ୍ତି । ସେହିପରି ପରିବାରକୁ ମିଳିଥିବା ରାସନ କାର୍ଡ଼ରେ 'ପାର୍ବତୀ'ଙ୍କ ନାମ ଯୋଡ଼ାଯାଇପାରୁ ନଥିବାରୁ ମୁଣ୍ଡପିଛା ମିଳୁଥିବା ୫କିଗ୍ରା ଚାଉଳ ପାଇବାରୁ ସେ ବଂଚିତ ଅଛନ୍ତି । ପ୍ରଥମରୁ ଚଉଦ ବର୍ଷ ବୟସ ପର୍ଯ୍ୟନ୍ତ ସମସ୍ତ ପିଲାଙ୍କୁ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ସରକାର ଘୋଷଣା କରିଛନ୍ତି। ନାମ ଲେଖା କ୍ଷେତ୍ରରେ ଆଧାର ବାଧ୍ୟତାମୂଳକ ନୁହେଁ ବୋଲି ସରକାରୀ ବାବୁ ମାନେ ନିୟମିତ ଢ଼ୋଲ ପିଟୁଛନ୍ତି। ଅଥଚ 'ପାର୍ବତୀ'ଙ୍କ ପରି ଏବେ ମଧ୍ୟ ବହୁସଂଖ୍ୟାରେ ପିଲା ଆଧାର ପାଇଁ ବିଦ୍ୟାଳୟ ବାହାରେ ଅଛନ୍ତି। ଜିଲ୍ଲା ପ୍ରଶାସନ ତୁରନ୍ତ ଏ ବାବଦରେ ଆବଶ୍ୟକ ପଦକ୍ଷେପ ନେବାକୁ ବହୁ ସ୍ୱେଚ୍ଛାସେବି ଅନୁରୋଧ ଜଣାଇଛନ୍ତି ।

# ସମ୍ବଲପୁରରେ ୧୯୪ କୋଟି ଟଙ୍କା ମୂଲ୍ୟର ବିକାଶମୂଳକ ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ କଲେ ଧର୍ମେନ୍ଦ୍ର ପ୍ରଧାନ



ରେଢାଖୋଲ/ନାକଟିଦେଉଳ, ୧୦/୫ (ନି.ପ୍ର): ସମ୍ବଲପୁର ହେଉଛି ଅପାର ସମ୍ଭାବନାର ଅଞ୍ଚଳ ଏବଂ ଏହି ମାଟିର ସର୍ବାଙ୍ଗୀନ ବିକାଶ କରିବା ଆମ ସମସ୍ତଙ୍କର ନୈତିକ ଦାୟିତ୍ୱ । ଏହି ସଂକଳ୍ପକୁ ପାଥେୟ କରି ରେଢଖୋଲ ନିର୍ବାଚନମଣ୍ଡଳୀର ବିକାଶ ଧାରାକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ ଆଜି ପ୍ରାୟ ୧୯୪ କୋଟି ଟଙ୍କାର ୪୮ଟି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ କରାଯାଇଛି । ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଏବଂ କୃଷି କ୍ଷେତ୍ରକୁ ସୁଦୃଢ଼ କରିବା ପାଇଁ ଉଦ୍ଦିଷ୍ଟ ଏହି ପ୍ରକଳ୍ପଗୁଡ଼ିକ ଆଗାମୀ ଦିନରେ ସ୍ଥାନୀୟ ଲୋକଙ୍କ ସାମାଜିକ ଓ ଆର୍ଥିକ ଜୀବନଶୈଳୀରେ ବ୍ୟାପକ ପରିବର୍ତ୍ତନ ଆଣିବ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ। ନାକଟିଦେଉଳରେ ଆୟୋଜିତ କାର୍ଯ୍ୟକ୍ରମରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ସମ୍ବଲପୁରର ମାଟି ହେଉଛି ବୀର ସଂଘର୍ଷର ମାଟି । ଏହି ମାଟିରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ମଧୁ ଗଡ଼ତିଆ ଇଂରେଜମାନଙ୍କ ବିରୁଦ୍ଧରେ ସାଲିସବିହୀନ ଲଢେଇ କରିଥିଲେ ଏବଂ ସ୍ୱାଭିମାନ ସହ ବୁଝାମଣା ନକରି ଦେଶମାତୃକା ପାଇଁ ନିଜର ବଳିଦାନ ଦେଇଥିଲେ । ତାଙ୍କର ବୀରତ୍ୱ, ଶୌର୍ଯ୍ୟ ଓ ପରାକ୍ରମ ଅତୁଳନୀୟ । ସେ କହିଛନ୍ତି, ମା' ସମଲେଇଙ୍କ ଆଶୀର୍ବାଦରୁ ଆଜି ରେଢାଖୋଲ, ନାକଟିଦେଉଳ ଏବଂ ଯୁଯୁମୁରା ବ୍ଲକର ଉନ୍ନତି ପାଇଁ ପ୍ରାୟ ୯.୧୭ କୋଟି ଟଙ୍କାର ୧୭ଟି ପ୍ରକଳ୍ପ ଲୋକାର୍ପିତ ହୋଇଥିବା ବେଳେ ପ୍ରାୟ ୧୮୪.୬୯ କୋଟି ଟଙ୍କାର ୩୧ଟି ନୂତନ ପ୍ରକଳ୍ପର ଶିଳାନ୍ୟାସ ହୋଇଛି । ୮.୩୦ କୋଟି ଟଙ୍କା ବ୍ୟୟରେ ଭୀମମଣ୍ଡଳୀ ଇକୋ ହେରିଟେଜ୍ ସାଇଟ୍‌ର ବିକାଶ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି । ନାକଟିଦେଉଳ ଠାରେ ପ୍ରାୟ ୧୮ କୋଟି ଟଙ୍କା ବ୍ୟୟରେ କମ୍ୟୁନିଟି ହେଲଥ୍ ସେଣ୍ଟର ଭବନର ନୂତନ ଗୃହ ସହ ବିପିଏଚୟୁ ୟୁନିଟ୍ ପାଇଁ ଶିଳାନ୍ୟାସ ହୋଇଛି । ଯୁବ କ୍ରୀଡ଼ାବିତ୍ ?ଙ୍କୁ ପ୍ରୋତ୍ସାହିତ କରିବା ପାଇଁ ୧୬.୧୦ କୋଟି ଟଙ୍କା ବ୍ୟୟରେ ଏକ ମିନି ଷ୍ଟାଡିୟମ ନିର୍ମାଣ ନିମନ୍ତେ ପଦକ୍ଷେପ ନିଆଯାଇଛି । ୪୭.୨୪ କୋଟି ଟଙ୍କା ବ୍ୟୟରେ ରେଢାଖୋଲ ବ୍ଲକ ଅଧୀନରେ ଆସୁଥିବା ରାମପୁର-ଗିରିଶଚନ୍ଦ୍ରପୁର ରାସ୍ତାର ଉନ୍ନତିକରଣ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଉଛି, ଯାହା ଅଞ୍ଚଳର ଗମନାଗମନ ବ୍ୟବସ୍ଥାକୁ ଆହୁରି ସହଜ କରିବ ।ସେହିପରି ରେଢାଖୋଲରେ ସବ୍-ଡିଭିଜନାଲ ଭେଟେରିନାରୀ ହସ୍ପିଟାଲ ଓ ଚାରମାଳ ଠାରେ ଭେଟେରିନାରୀ ଡିସପେନ୍ସାରୀ ଏବଂ ଯୁଯୁମୁରା ବ୍ଲକରେ ଚାମୁଣ୍ଡା-ବୁର୍ଦ୍ଧା ଓ ଏନଏଚ-୬ରୁ ମରାଙ୍ଗାବାହାଲ ରାସ୍ତାର ଉନ୍ନତିକରଣ ସହ ସରାପାଲି ଓ ଜାମୁଝରିଠାରେ ନୂତନ ମାର୍କେଟ କମ୍ପ୍ଲେକ୍ସ ବିକାଶ କାର୍ଯ୍ୟକୁ ଗତିଶୀଳ କରିବ । ନାକଟିଦେଉଳ ଏକ କୃଷିପ୍ରଧାନ ଅଞ୍ଚଳ ହୋଇଥିବାରୁ ଭାରତ ସରକାର ଏହାକୁ 'ଆକାଂକ୍ଷୀ ବ୍ଲକ' ଭାବେ ଚୟନ କରିଛନ୍ତି । ଏହି ପରିପ୍ରେକ୍ଷୀରେ ଅଞ୍ଚଳରେ ଦୁଗ୍ଧ ଚାଷ, ପନିପରିବା ଓ ଆମ୍ବ ଚାଷକୁ ବ୍ୟାପକ କରି ସ୍ଥାନୀୟ ଚାଷୀଙ୍କୁ ଆର୍ଥିକ ଭାବେ ସ୍ୱାବଲମ୍ବୀ କରିବା ପାଇଁ ସରକାର ପ୍ରତିବଦ୍ଧ ବୋଲି ଶ୍ରୀ ପ୍ରଧାନ ପ୍ରକାଶ କରିଛନ୍ତି । ରେଢାଖୋଲ, ନାକଟିଦେଉଳ ଏବଂ ଯୁଯୁମୁରା ସମେତ ସମଗ୍ର ସମ୍ବଲପୁର ଜିଲ୍ଲାର ସର୍ବାଙ୍ଗୀନ ବିକାଶ ଆମର ମୁଖ୍ୟ ଲକ୍ଷ୍ୟ ବୋଲି ସେ ଦୋହରାଇଛନ୍ତି। ଏହି ବିକାଶମୂଳକ କାର୍ଯ୍ୟ ପାଇଁ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଓଡ଼ିଶା ସରକାରଙ୍କୁ ବିଶେଷ ଭାବରେ ଧନ୍ୟବାଦ ଜଣାଇଛନ୍ତି । ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ଗ୍ରାମୀଣ ବିକାଶ ଓ ପଞ୍ଚାୟତିରାଜ ମନ୍ତ୍ରୀ ଶ୍ରୀ ରବି ନାରାୟଣ ନାୟକ, ରେଢାଖୋଲ ବିଧାୟକ ଶ୍ରୀ ପ୍ରସନ୍ନ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ତାମିଲନାଡୁରେ ଟିଭିକେ...

ହେଲେ ତାଙ୍କ ସରକାର ଶିକ୍ଷା, ପାଣି ଭଳି ମୌଳିକ ସୁବିଧା ଯୋଗାଇବା ସହ ଜନତାଙ୍କ ସମସ୍ୟାକୁ ଦୂର କରିବାକୁ ପ୍ରାଥମିକତା ଦେବ । ଚଳିତ ବିଧାନସଭା ନିର୍ବାଚନରେ ବିଜୟ ଥାଲାପତିଙ୍କ ଟିଭିକେ ବଡ଼ ଦଳ ଭାବେ ଉଭା ହୋଇ କଂଗ୍ରେସ, ବାମ ଦଳ ଓ ଅନ୍ୟ ଦଳ ସହ ମେଣ୍ଟ କରି ସରକାର ଗଢ଼ିଛି । ନିର୍ବାଚନ ପ୍ରତିଶ୍ରୁତି ପୂରଣ କରି ବିଜୟ ମାଳ ମାଳ ମାଗଣା ଯୋଜନା କାର୍ଯ୍ୟକାରୀ କଲେ ଆଗକୁ ଏହାର ପ୍ରଭାବ ରାଜ୍ୟ ରାଜକୋଷ ଉପରେ ପଡ଼ିବ ବୋଲି ଅର୍ଥନୀତି ବିଶେଷଜ୍ଞ କହିଛନ୍ତି ।

### ପୁଣି ଇସ୍କନର ମନମାନି ...

ଆଗକୁ ଧ୍ୟାନ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ୨୦୨୬ରେ ୨୦୨୫ର କଥାକୁ ଭୁଲି ଯାଇଛି ଇସ୍କନ। ଅଦିନିଆ ରଥଯାତ୍ରାକୁ ଶ୍ରୀଜଗନ୍ନାଥ ମନ୍ଦିର ଟ୍ରଷ୍ଟ ଏବଂ ସେବାୟତଙ୍କ ପକ୍ଷରୁ ବିରୋଧ ପରେ ମଧ୍ୟ ବିଦେଶରେ ଏହାକୁ ବେଖାତିର କରାଯାଉଛି। ରଥଯାତ୍ରା ଲାଗି ସ୍ୱତନ୍ତ୍ର ତିଥି ଥିଲେ ମଧ୍ୟ ଏହାକୁ ନମାନି ଭିନ୍ନ ସମୟରେ ରଥଯାତ୍ରା କରୁଛି। ଗତ ମାସରେ ମଧ୍ୟ ଆମେରିକା ହ୍ୟୁଷ୍ଟନ ସହରରେ ଅତିଥିରେ ରଥଯାତ୍ରା କରିଥିଲା ଇସ୍କନ। ଟ୍ରକ୍ ଡାଲାରେ ମହାପ୍ରଭୁଙ୍କୁ ବସାଇ ବୁଲାଯାଇଥିଲା। ସେହି ଦୃଶ୍ୟ ଅଗଣିତ ଜଗନ୍ନାଥ ପ୍ରେମୀଙ୍କ ଭାବାବେଗକୁ କଷ୍ଟ ପହଞ୍ଚାଇଛି।

### 'ସାଗରିକା' ବିଷୁବ ...

୧୯୮୩ରୁ ପ୍ରକାଶିତ ହୋଇ ଆସୁଥିବା ଏହି ପତ୍ରିକା କେବଳ ଏକ ପତ୍ରିକା ନୁହେଁ, ବରଂ ନୂତନ ଓ ପୁରାତନ ପିଢ଼ିର ଲେଖକମାନଙ୍କ ପାଇଁ ଏକ ମିଳିତ ମଞ୍ଚ। ଏଥିରେ ପ୍ରବୀଣ ସାରସ୍ୱତ ସାଧକମାନଙ୍କର ଅଭିଜ୍ଞତା ସହିତ ନବୀନ ଲେଖକମାନଙ୍କର ସୃଜନଶୀଳ ଶକ୍ତିର ସମନ୍ୱୟ ଘଟିଛି। ଗୋଟିଏ ପଟେ ଅଭିଜ୍ଞ ଲେଖକଙ୍କ ମାର୍ଗଦର୍ଶନ ଏବଂ ଅନ୍ୟପଟେ ନୂତନ ପିଢ଼ିର ଆଧୁନିକ ଚିନ୍ତାଧାରା 'ସାଗରିକା'କୁ ଏକ ସ୍ୱତନ୍ତ୍ର ପରିଚୟ ଦେବ ବୋଲି ଅତିଥିମାନେ ଆଶା ବ୍ୟକ୍ତ କରିଥିଲେ । ସାଗରିକାର ପରିଚାଳନା ସମ୍ପାଦକ ସୃଷ୍ଟିଧର ପରିଡ଼ାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ପାଦିକା ଶ୍ରୀମତୀ ସୈରିନ୍ଧ୍ରୀ ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିବା ସହ ଆଗାମୀ ଦିନମାନଙ୍କରେ 'ସାଗରିକା' ତା'ର ସୁସ୍ଥ ସାହିତ୍ୟିକ ପରମ୍ପରାକୁ ବଞ୍ଚାଇ ରଖିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

### କେରଳ କଂଗ୍ରେସରେ ...

ଏପରିକି ସୂଚନା ଅନୁସାରେ, ସତୀଶନ ହାଇକମାଣ୍ଡଙ୍କୁ ଚେତାବନୀ ଦେଇଛନ୍ତି ଯେ ଯଦି ତାଙ୍କୁ ମୁଖ୍ୟମନ୍ତ୍ରୀ ପଦ ନମିଳେ, ତେବେ ସେ ଅନ୍ୟ କୌଣସି ପଦବି ଗ୍ରହଣ କରିବେ ନାହିଁ। ଏହି ବିବାଦ ବଢୁଥିବା ଦେଖି ତିନି ନେତା ସର୍ବସାଧାରଣରେ ବିରୋଧ ପ୍ରଦର୍ଶନ ନକରିବାକୁ ନିଜ ସମର୍ଥକମାନଙ୍କୁ ନିବେଦନ କରିବାକୁ ସହମତ ହୋଇଛନ୍ତି। ଭି.ଡି. ସତୀଶନ ରାଜ୍ୟର ବିଭିନ୍ନ ସ୍ଥାନରେ ଲାଗିଥିବା ଫ୍ଲେକ୍ସ ବୋର୍ଡ ଓ ବ୍ୟାନର ହଟାଇବାକୁ କର୍ମୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଆଇସିସି ସାଧାରଣ ସମ୍ପାଦକ ତଥା କେରଳ ପ୍ରଭାରୀ ଦୀପା ଦାସମୁନସୀ କହିଛନ୍ତି ଯେ, ଉପଯୁକ୍ତ ସମୟରେ ଖୁବ୍ ଶୀଘ୍ର ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ। କର୍ମୀମାନଙ୍କ ଏଭଳି ଆଚରଣକୁ ସେ ନିନ୍ଦା କରିବା ସହ ଏହା କଂଗ୍ରେସ ସଂସ୍କୃତିର ବିରୋଧୀ ବୋଲି କହିଛନ୍ତି। ଏହି ବୈଠକରେ ଏଆଇସିସି ପର୍ଯ୍ୟବେକ୍ଷକ ଅଜୟ ମାକେନ ଏବଂ ମୁକୁଲ ୱାସନିକ ମଧ୍ୟ ଉପସ୍ଥିତ ଥିଲେ।

### ହିମନ୍ତ ବିଶ୍ୱ ଶର୍ମା ହେବେ...

ଶପଥ ଗ୍ରହଣ କରିବେ। ଏହାସହିତ, ବିଜେପି ନେତା ଶର୍ମା ଲଗାତାର ଦ୍ୱିତୀୟ ଥର ପାଇଁ ରାଜ୍ୟର ମୁଖ୍ୟମନ୍ତ୍ରୀ ଭାବରେ ଶପଥ ଗ୍ରହଣ କରିବେ। ବିଧାୟକ ଦଳର ନେତା ଚୟନ କରିବା ପାଇଁ ବିଜେପି ଦଳର ପୂର୍ବତନ ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ଏବଂ ହରିୟାଣା ମୁଖ୍ୟମନ୍ତ୍ରୀ ନାୟବ ସିଂହ ସାଇନିଙ୍କୁ ପର୍ଯ୍ୟବେକ୍ଷକ ଭାବରେ ନିଯୁକ୍ତ କରିଥିଲା । ଏହି ଉଦ୍ଦେଶ୍ୟରେ ଆସାମ ବିଜେପି ବିଧାୟକ ଦଳର ଏକ ବୈଠକ ଡକାଯାଇଥିଲା । ଏଥିରେ ନେତାଙ୍କୁ ଆନୁଷ୍ଠାନିକ ଭାବରେ ନିର୍ବାଚିତ କରାଯାଇଥିଲା। ହିମନ୍ତ ବିଶ୍ୱ ଶର୍ମା ମଇ ୬ ତାରିଖରେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ। ଏପର୍ଯ୍ୟନ୍ତ ସେ କାର୍ଯ୍ୟକାରୀ ମୁଖ୍ୟମନ୍ତ୍ରୀ ଭାବରେ ତାଙ୍କର ଦାୟିତ୍ୱ ନିର୍ବାହ କରୁଥିଲେ। ନୂତନ ସରକାର ଗଠନ ସହିତ ସେ ଏବେ ଲଗାତାର ଦ୍ୱିତୀୟ ଥର ପାଇଁ ମୁଖ୍ୟମନ୍ତ୍ରୀ ହେବାକୁ ଯାଉଛନ୍ତି।

### ସରକାର ଗଠନ...

ରବିବାର ସକାଳେ ସ୍ଥାନୀୟ ଲୋକମାନେ ତାଙ୍କ ମୃତଦେହ ପାର୍ଟି ଅଫିସ ପଛପଟେ ଥିବା ଏକ ନାଳରେ ପଡ଼ିଥିବା ଦେଖିଥିଲେ। ମୃତଦେହର ଅବସ୍ଥା ସ୍ପଷ୍ଟ ଭାବରେ ସୂଚାଇ ଦେଉଥିଲା ଯେ, ତାଙ୍କୁ ନିର୍ମମ ଭାବରେ ଆକ୍ରମଣ କରାଯାଇଥିଲା। ତାଙ୍କ ମୁହଁ ଏବଂ ନାକରେ ଗୁରୁତର ଆଘାତ ମିଳିଥିଲା। ଘଟଣା ପରେ, ଅଞ୍ଚଳରେ ବ୍ୟାପକ ପୁଲିସ ମୁତୟନ କରାଯାଇଛି। ପୁଲିସ ମୃତଦେହ ନିକଟରୁ ଏକ ଗଦା ମଧ୍ୟ ଉଦ୍ଧାର କରିଛି, ଯାହାକୁ ହତ୍ୟା ଅସ୍ତ୍ର ବୋଲି ଅନୁମାନ କରାଯାଉଛି। ପୁଲିସ ମୃତଦେହକୁ ପୋଷ୍ଟମର୍ଟମ ପାଇଁ ପଠାଇଛି ଏବଂ ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ ଆରମ୍ଭ କରିଛି। ଏହି ଘଟଣା ନେଇ ଗ୍ରାମବାସୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି । ମୃତ ସହଦେବ ବାଗଙ୍କ ସ୍ତ୍ରୀ ଛେନା ବାଗ ନାକୁଣ୍ଡା ପଞ୍ଚାୟତର ତୃଣମୂଳ କଂଗ୍ରେସ ସଦସ୍ୟ। ସେ ପୁଲିସକୁ କହିଛନ୍ତି ଯେ, ତାଙ୍କ ସ୍ୱାମୀ ଗତକାଲି ରାତିରେ ଘରୁ ବାହାରି ଯାଇଥିଲେ କିନ୍ତୁ ଆଉ ଫେରି ନଥିଲେ। ଛେନା ବାଗ ଅଭିଯୋଗ କରିଛନ୍ତି ଯେ, ମେ' ୪ ତାରିଖରେ ନିର୍ବାଚନ ଫଳାଫଳ ଘୋଷଣା ହେବା ପରଠାରୁ ତାଙ୍କ ସ୍ୱାମୀଙ୍କୁ ହତ୍ୟା ଧମକ ଦିଆଯାଉଛି। ପରିବାର ପକ୍ଷରୁ ଦୃଢ଼ ଅଭିଯୋଗ କରାଯାଇଛି, ଏହା ଏକ ରାଜନୈତିକ ହତ୍ୟା ଏବଂ ଏହା ପଛରେ ବିଜେପି ସମର୍ଥକମାନଙ୍କର ହାତ ଅଛି । ହିଂସାର ନିଆଁ କେବଳ ହୁଗଳି ପର୍ଯ୍ୟନ୍ତ ସୀମିତ ନାହିଁ। ପୂର୍ବ ମେଦିନୀପୁରର ଖେଜୁରିରେ ମଧ୍ୟ ପରିସ୍ଥିତି ବହୁତ ବିସ୍ଫୋରକ ହୋଇପଡ଼ିଛି । ନବଗଠିତ ସରକାରଙ୍କ ଶପଥ ଗ୍ରହଣର କିଛି ଘଣ୍ଟା ପରେ, ହିଜଲି ସରିଫ ଗାଁରେ ବ୍ୟାପକ ଭଙ୍ଗାରୁଜା ଏବଂ ପୋଡ଼ାଜଳା ଘଟିଥିଲା। ରିପୋର୍ଟ ଅନୁଯାୟୀ, ଶନିବାର ରାତିରେ କିଛି ଦୁର୍ବୃତ୍ତ ବଜାର ଉପରେ ଯୋଜନାବଦ୍ଧ ଆକ୍ରମଣ କରି କିଛି ସମୟ ମଧ୍ୟରେ ବହୁ ଦୋକାନ ପୋଡ଼ି ଦେଇଥିଲେ। ଏହି ଘଟଣାରେ, ଅନେକ ଲୋକଙ୍କ ଜୀବିକା ମୁହୂର୍ତ୍ତକ ମଧ୍ୟରେ ନଷ୍ଟ ହୋଇଯାଇଛି।

# ଥାଲାସେମିଆ ବିରୁଦ୍ଧରେ ଲଢ଼େଇର ନେତୃତ୍ୱ ନେଉଛି ଇସ୍ପାତ ଜେନେରାଲ ହସ୍ପିଟାଲ: ଏକ ଆଞ୍ଚଳିକ ଜୀବନରେଖା ସାଜିଛି ସେଲ୍‌ର ଏକମାତ୍ର ପରୀକ୍ଷଣ କେନ୍ଦ୍ର




ରାଉରକେଲା, ୧୦/୫ (ନି.ପ୍ର): ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି) ଅଧିନସ୍ଥ ଇସ୍ପାତ ଜେନେରାଲ ହୋସ୍ପିଟାଲ୍ ପକ୍ଷରୁ ପ୍ରତିବର୍ଷ ମଇ ୮ ତାରିଖରେ ପାଳିତ ହେଉଥିବା ବିଶ୍ୱ ଥାଲାସେମିଆ ଦିବସ ଅବସରରେ, ଏହାର ଅତ୍ୟାଧୁନିକ ନିଦାନ ସୁବିଧା ଏବଂ ଉତ୍ସର୍ଗୀକୃତ ଚିକିତ୍ସା ବିଶେଷଜ୍ଞତା ଯୋଗୁଁ ଏହା ଥାଲାସେମିଆ ଏବଂ ଅନ୍ୟାନ୍ୟ ହିମୋଗ୍ଲୋବିନ ବ୍ୟାଧି ବିରୁଦ୍ଧରେ ଲଢ଼େଇରେ ପୁନଶ୍ଚ ଆଶାର ଆଲୋକ ଭାବରେ ଉଭା ହୋଇଛି। ଚଳିତ ବର୍ଷ, ଥାଲାସେମିଆ ଆନ୍ତର୍ଜାତୀୟ ଫେଡେରେସନ ଦ୍ୱାରା 'ଏକତ୍ରିତ ପ୍ରବେଶ, ସମାନତା ଏବଂ ଗୁଣାତ୍ମକ ଯତ୍ନ' କୁ ବିଷୟବସ୍ତୁ ଭାବରେ ଘୋଷଣା କରାଯାଇଛି। ଏଥି ସହ ଭୌଗୋଳିକ କିମ୍ବା ଆର୍ଥିକ ପ୍ରତିବନ୍ଧକ ଯୋଗୁଁ ଯେପରି କୌଣସି ରୋଗୀ ସମୟସୀମା ମଧ୍ୟରେ ରୋଗ ନିର୍ଣ୍ଣୟ ଏବଂ ଚିକିତ୍ସାରୁ ବଞ୍ଚିତ ନ ହୁଅନ୍ତି ତାହା ନିଶ୍ଚିତ କରିବାର ଅଞ୍ଚଳବାସୀଙ୍କ ଏହି ସ୍ୱପ୍ନକୁ ଆଇଜିଏଚ ଗୁରୁତ୍ୱର ସହ ପୂରଣ କରିଆସୁଛି। ହିମୋଗ୍ଲୋବିନ୍ ଚିହ୍ନଟ ପାଇଁ ସବୁଠୁ ସଠିକ୍ ଏବଂ ସମ୍ବେଦନଶୀଳ ରୋଗ ନିର୍ଣ୍ଣୟ ପଦ୍ଧତି ମଧ୍ୟରୁ ଗୋଟିଏ, ଉନ୍ନତ ଏଚପିଏଲସି (ହାଇ ପରଫରମାନ୍ସ ଲିକ୍ୱିଡ୍ କ୍ରୋମାଟୋଗ୍ରାଫି) ପରୀକ୍ଷା ସହିତ ସଜ୍ଜିତ, ଆଇଜିଏଚ ପ୍ରତିବର୍ଷ ପ୍ରାୟ ୪୦୦ ଏଚପିଏଲସି ପରୀକ୍ଷା କରେ। ଏଥି ସହ ଆଇଜିଏଚ ବିଭିନ୍ନ ହିମୋଗ୍ଲୋବିନୋପାଥିର ପ୍ରାୟ ୧୫୦ଟି ମାମଲା ସଫଳତାର ସହ ନିର୍ଣ୍ଣୟ କରେ, ଯାହା ପ୍ରାରମ୍ଭିକ ଚିକିତ୍ସା ହସ୍ତକ୍ଷେପ ଏବଂ ଉନ୍ନତ ରୋଗୀ ପରିଚାଳନାକୁ ସକ୍ଷମ କରିଥାଏ। ଆଇଜିଏଚ ରୋଗ ନିର୍ଣ୍ଣୟଠୁ ଆରମ୍ଭ କରି ରୋଗୀ ଏବଂ ସେମାନଙ୍କ ପରିବାରକୁ ଜରୁରୀ ପରାମର୍ଶ ସେବା ମଧ୍ୟ ପ୍ରଦାନ କରେ ଯାହା ସେମାନଙ୍କୁ ସଚେତନତା, ପ୍ରତିରୋଧକ ମାର୍ଗଦର୍ଶନ ଏବଂ ସୂଚିତ ନିଷ୍ପତ୍ତି ଗ୍ରହଣ କରିବାରେ ସଶକ୍ତ କରିଥାଏ। ଏହାର ଉନ୍ନତ ରୋଗ ନିର୍ଣ୍ଣୟ କ୍ଷମତା ଏବଂ ରୋଗୀ-କୈନ୍ଦ୍ରିକ ଆଭିମୁଖ୍ୟ ସହିତ, ଆଇଜିଏଚ ଏକ ପ୍ରକୃତ ଆଞ୍ଚଳିକ ଜୀବନରେଖା ଭାବରେ ଥାଲାସେମିଆ ଚିହ୍ନଟ ଏବଂ ଯତ୍ନ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟସେବା ପ୍ରତିଷ୍ଠାନ ଭାବରେ ନିଜକୁ ପ୍ରତିଷ୍ଠିତ କରିଛି, ଯାହା କେବଳ ସେଲ୍ କର୍ମଚାରୀ ଏବଂ ସେମାନଙ୍କ ନିର୍ଭରଶୀଳମାନଙ୍କୁ ନୁହେଁ ବରଂ ପଶ୍ଚିମ ଓଡ଼ିଶା ଏବଂ ନିକଟବର୍ତ୍ତୀ ଅଞ୍ଚଳର ବୃହତ ଜନସଂଖ୍ୟାକୁ ମଧ୍ୟ ଲାଭ ପହଞ୍ଚାଇଛି। ଏହାର ଖ୍ୟାତିକୁ ସୁଦୃଢ଼ କରିଛି।

ଧ୍ୱନି ପ୍ରତିଧ୍ୱନି
ପୃଷ୍ଠା

# ଅପରେସନ ସିନ୍ଦୂରର ପ୍ରଥମ ବାର୍ଷିକୀ ପାଳିଲା ୭ ଓଡିଶା ବାଟାଲିୟନ ଏନସିସି

ଭଦ୍ରକ, ୧୦/୫ (ନି.ପ୍ର): ଏନସିସି ଗ୍ରୁପ୍ ମୁଖ୍ୟାଳୟ କଟକର ଅଧୀନରେ ଭଦ୍ରକସ୍ଥିତ ୭ ଓଡିଶା ବାଟାଲିୟନ ଏନସିସି ପକ୍ଷରୁ "ଅପରେସନ ସିନ୍ଦୂର"ର ପ୍ରଥମ ବାର୍ଷିକୀ ଅବସରରେ ଆନନ୍ଦପୁର କଲେଜ ଓ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଦେଶପ୍ରେମମୟ ପରିବେଶ ମଧ୍ୟରେ ସ୍ମୃତିଚାରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।ଏହି କାର୍ଯ୍ୟକ୍ରମରେ ଆନନ୍ଦପୁର କଲେଜ, ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ, ଚରମ୍ପା କଲେଜ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଭଦ୍ରକ ଏବଂ ଏନସିସି ନୋଡାଲ ସ୍କୁଲର ୪୦୦ରୁ ଅଧିକ ଏନସିସି କ୍ୟାଡେଟ୍ ଯୋଗଦେଇଥିଲେ।ବାଟାଲିୟନର କମାଣ୍ଡିଙ୍ଗ ଅଫିସର ଲେଫଟ୍ନାଣ୍ଟ କର୍ଣ୍ଣେଲ ଏସ୍.ଏସ୍. ରଘୁବଂଶୀ ଜାତୀୟ ପତାକା ଉତ୍ତୋଳନ କରିବା ସହ ଅପରେସନ ସିନ୍ଦୂରରେ ଶହୀଦ ହୋଇଥିବା ବୀର ଯବାନମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହାପରେ ଭାରତୀୟ ସଶସ୍ତ୍ର ବାହିନୀର ସାହସ, ବଳିଦାନ ଓ ରଣନୀତିକ କୌଶଳକୁ ଉଦ୍ଭାସିତ କରୁଥିବା ଏକଡକ୍ୟୁମେଣ୍ଟାରୀ ପ୍ରଦର୍ଶିତ କରାଯାଇଥିଲା । କ୍ୟାଡେଟମାନଙ୍କୁ ସମ୍ବୋଧିତ କରି ଲେଫଟ୍ନାଣ୍ଟ କର୍ଣ୍ଣେଲ ରଘୁବଂଶୀ କହିଥିଲେ ଯେ, "ଅପରେସନ ସିନ୍ଦୂର ଆମ ସଶସ୍ତ୍ର ବାହିନୀର ଅଦମ୍ୟ ସାହସ ଓ ଦେଶସେବାର ପ୍ରତୀକ। ଏନସିସି କ୍ୟାଡେଟମାନେ 'ନେଶନ ଫର୍ଷ୍ଟ'ର ମନ୍ତ୍ରକୁ ପାଥେୟ କରି ଦେଶସେବା ପାଇଁ ସଦା ପ୍ରସ୍ତୁତ ରହିବା ଉଚିତ।"୭ରୁ ୧୦ ମେ ୨୦୨୬ ପର୍ଯ୍ୟନ୍ତ ଚାରିଦିନିଆ ସ୍ମୃତିଚାରଣ କାର୍ଯ୍ୟକ୍ରମ ଅନ୍ତର୍ଗତ "ବୀରତ୍ୱ ଓ ବଳିଦାନ – ଅପରେସନ ସିନ୍ଦୂରରୁ ଶିକ୍ଷା" ବିଷୟବସ୍ତୁ ଉପରେ ବାଟାଲିୟନ ଅଧୀନସ୍ଥ ୭୮ଟି ଶିକ୍ଷାନୁଷ୍ଠାନରେ ବାଦବିବାଦ, ପ୍ରବନ୍ଧ ଲେଖନ, ପୋଷ୍ଟର ପ୍ରସ୍ତୁତି ଓ ସ୍ଲୋଗାନ ଲେଖନ ପ୍ରତିଯୋଗିତା ଆୟୋଜିତ ହେଇଛି ।

# ହୋଲିଷ୍ଟିକ ହିଲିଙ୍ଗ ଯୋଗ ଶିକ୍ଷା କେନ୍ଦ୍ରର ନୂତନ କର୍ମକର୍ତ୍ତା ଚୟନ



ବାଲେଶ୍ୱର, ୧୦/୫ (ନି.ପ୍ର): ପ୍ରାତଃ କାଳରେ ବାଲେଶ୍ୱରର ଅଗ୍ରଣୀ ନିଶୁଳ୍କ ଯୋଗ ଶିକ୍ଷା କେନ୍ଦ୍ରର ଏକ ସାଧାରଣ ବୈଠକ ଯୋଗ କେନ୍ଦ୍ରର କର୍ମଶାଳା ଗୃହରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଆସନ୍ତା ଆନ୍ତର୍ଜାତିକ ଯୋଗ ଦିବସ ୨୦୨୬କୁ ପାଳନ କରିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମର ରୂପରେଖ ପ୍ରସ୍ତୁତି କରାଯାଇଥିଲା। ଏହି ସଭାରେ କେନ୍ଦ୍ରର ସ୍ୱାସ୍ଥ୍ୟ ସଭାପତି ଡ. ଜୟସ୍ମିତା ନାୟକ ଅଧକ୍ଷତା କରିଥିଲେ । ଏହି ସଭାରେ କେନ୍ଦ୍ରର ସ୍ୱାସ୍ଥ୍ୟ ସଭାପତି ଡ. ଜୟସ୍ମିତା ନାୟକ ଅଧକ୍ଷତା କରିଥିଲେ । ଆସନ୍ତା ୨୦୨୬ ଓ ୨୦୨୭ ପାଇଁ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ବର୍ତ୍ତମାନ ଯୋଗ କେନ୍ଦ୍ରର ସେବା କାର୍ଯ୍ୟର ପରିସର ବୃଦ୍ଧି ପାଇଥିବା କାରଣରୁ ତଥା ବିଭିନ୍ନ ମହାବିଦ୍ୟଳୟର ଛାତ୍ରଛାତ୍ରୀମାନେ ସେମାନଙ୍କର ଶିକ୍ଷା ପାଠ୍ୟକ୍ରମ ଅଂଶ ସ୍ୱରୂପ ବିଭିନ୍ନ ଯୋଗ, ଆୟୁର୍ବେଦ, ଜୀବନଶୈଳୀ ଓ ସଚେତନତା କାର୍ଯ୍ୟକ୍ରମର କର୍ମଶାଳା ଚାଲିଥିବାରୁ ସେମାନଙ୍କ ସକ୍ରିୟ ସେବା ଯୋଗାଇ ଦେବା ବିଷୟରେ ମଧ ଆଲୋଚନା କରାଯାଇଥିଲା, ସଭାପତି ଭାବରେ ଡ. ନାୟକ ପୁନଃ ଚୟନ ହୋଇଥିବା ବେଳେ, ଉପସଭାପତି ଶ୍ରୀ ରଞ୍ଜନ କୁମାର ସାହୁ, ଅନ୍ୟତମ ଉପସଭାପତି ଶ୍ରୀମତୀ ରୀତା ରାଉତ, ସାଧାରଣ ସମ୍ପାଦକ ଶ୍ରୀମତୀ ସୁଶ୍ରୀ ସଙ୍ଗୀତା ଦାସ, ଯୁଗ୍ମ ସମ୍ପାଦକ ଶ୍ରୀ ଧ୍ରୁବ ଚରଣ ବେହେରା, ସାହୁ ସମ୍ପାଦକ ଶ୍ରୀ ସଞ୍ଜୟ କୁମାର ସେନାପତି, ସଂଗଠନ ସମ୍ପାଦକ ଶ୍ରୀ ଅକ୍ଷୟ କୁମାର ମହାନ୍ତି, ସାଂସ୍କୃତିକ ସମ୍ପାଦକ ଏଡଭୋକେଟ ବସନ୍ତ କୁମାର ପ୍ରଧାନ, କୋଷାଧକ୍ଷ ଶ୍ରୀ ସୂର୍ଯ୍ୟନାରାୟଣ ପୋଥାଳ କାର୍ଯ୍ୟକାରୀ ସମିତିର ସଭ୍ୟା ଶ୍ରୀମତୀ ଜ୍ୟୋତ୍ସା ଲତା ଜେନା, ଶ୍ରୀମତୀ ସୁଜାତା ପଣ୍ଡା, କୁମାରୀ ଲଳିତା ରଣା, ଶ୍ରୀ ରଣଜିତ ମହାରଣା, ଶ୍ରୀମତୀ ଲିଲି ପଣ୍ଡା, ଶ୍ରୀ ସୀତାରାମ ସ, ଶ୍ରୀମତୀ ଲୁନାପତିଙ୍କୁ ଚୟନ କରାଯାଇଥିବା ବେଳେ, ମନିଟର ହିସାବରେ, ଶ୍ରୀମତୀ ଜୟନ୍ତୀ ନାୟକ, ଶ୍ରୀମତୀ ଗାୟତ୍ରୀ ପାତ୍ର, ଶ୍ରୀମତୀ ମାନସୀ ମହାରଣା ଓ ଶ୍ରୀ ରଘୁନାଥ ପଣ୍ଡାଙ୍କୁ ଚୟନ କରାଯାଇଥିଲା। ଶେଷରେ ସମସ୍ତ ସଭ୍ୟସଭ୍ୟା ନୂତନ କର୍ମକର୍ତ୍ତାଙ୍କୁ କରତାଳି ମଧ୍ୟମରେ ସ୍ୱାଗତ କରିଥିଲେ । ସଭା ଶେଷରେ ଶ୍ରୀ ସଞ୍ଜିବ କୁମାର ପଲଦି ଧନ୍ୟବାଦ ଦେଇଥିଲେ।

# ୧୫ ହଜାର ଟଙ୍କାରେ ୪ ବର୍ଷର ଝିଅକୁ ବିକ୍ରି କରିଦେଲେ ବାପା ମା'



ଭଦ୍ରକ , ୧୦/୫ (ନି.ପ୍ର): ଭଦ୍ରକ ଜିଲ୍ଲା ଧାମନଗର ଥାନା ଅନ୍ତର୍ଗତ ଗୁମୁଗଡ ଛକ ନିକଟ ଡମ ଆଡ଼ି ଅଞ୍ଚଳରେ ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। ଅଭାବ ଅନଟନରେ ପଡ଼ି ଜଣେ ଦମ୍ପତି ନିଜ ୪ ବର୍ଷର ଝିଅକୁ ୧୫ ହଜାର ଟଙ୍କାରେ ବିକ୍ରି କରିଦେଇଥିବା ଅଭିଯୋଗ ହୋଇଛି।ସୂଚନା ଅନୁଯାୟୀ, ଡମ ଆଡ଼ିରେ ରହୁଥିବା ବନ୍ଧୁଆ ମୁଣ୍ଡା ଓ ତାଙ୍କ ସ୍ତ୍ରୀ କାଳୀ ମୁଣ୍ଡା ନିଜ ସାନ ଝିଅ ରାନୁ ମୁଣ୍ଡାକୁ ଶନିବାର ବାଲେଶ୍ୱରର ଜଣେ ବ୍ୟକ୍ତିଙ୍କ ହାତକୁ ଦେଇଥିବା କଥା ସ୍ୱୀକାର କରିଥିବା ଜଣାପଡ଼ିଛି। ପରିବାରରେ ୩ଟି ସନ୍ତାନ ଥିବାବେଳେ ୨ ଝିଅ ଓ ଜଣେ ବଡ଼ ପୁଅ ଘରେ ରହିଛନ୍ତି। ସାନ ଝିଅକୁ ଟଙ୍କା ନେଇ ଅନ୍ୟ ହାତକୁ ଦେଇଦେବା ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ବନ୍ଧୁଆ ମୁଣ୍ଡାଙ୍କ ମୂଳ ଘର ଭଦ୍ରକ ବ୍ଲକ ଅନ୍ତର୍ଗତ କଲେଇ ଗ୍ରାମରେ ଥିବାବେଳେ ପ୍ରାୟ ଏକ ବର୍ଷ ହେବ ସେମାନେ ଡମ ଆଡ଼ିରେ ରହି ମାଗଣ ଯାଚଣ କରି ପାରିବାର ଚଳାଉଥିବା ଜଣାଯାଇଛି। ଗତ ଶୁକ୍ରବାର ପଡ଼ୋଶୀ ଘରେ ଏକ ପୂଜା କାର୍ଯ୍ୟକ୍ରମ ଥିବାରୁ ବାଲେଶ୍ୱରରୁ ଦୁଇ ଜଣ ବ୍ୟକ୍ତି ଆସିଥିଲେ। ସେଠାରେ ଶିଶୁଟିକୁ ନେଇ କଥାବାର୍ତ୍ତା ହୋଇଥିବା ସୂଚନା ମିଳିଛି।ଆଜି ଧାମନଗର ବଜାରରେ ଶିଶୁଟିକୁ ସେମାନଙ୍କ ହାତକୁ ଦେଇ ୧୦ ହଜାର ଟଙ୍କା ନେଇଥିବାବେଳେ ପୂର୍ବରୁ ୫ ହଜାର ଟଙ୍କା ନେଇଥିବା କଥା ଦମ୍ପତି କହିଥିବା ଜଣାପଡ଼ିଛି। ଏହି ଟଙ୍କାର ଭିତରୁ ମା କାଳୀ ମୁଣ୍ଡା ୧ ହଜାର ଟଙ୍କାର ଜୋତା ଓ ଖାଇବା ଜିନିଷ କିଣିଦେଇଥିବା ବେଳେ ଅନ୍ୟ ଟଙ୍କା ଜଣେ ପଡ଼ୋଶୀକୁ ରଖିବା ପାଇଁ ଦେଇଥିବା କହିଛନ୍ତି।ଘଟଣା ଜଣାପଡ଼ିବା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ସୃଷ୍ଟି ହୋଇଛି। ଘଟଣାସ୍ଥଳରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶୁଭଶ୍ରୀ ପରିଆଡ଼ି, ରମାକାନ୍ତ ଜେନାଙ୍କ ସମେତ ଧାମନଗର ଥାନାର ଏସଆଇ ରଶ୍ମିତା ମଲ୍ଲିକ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ପୋଲିସ ଘଟଣାର ସମସ୍ତ ପର୍ଯ୍ୟାୟକୁ ତନଖି କରୁଥିବାବେଳେ ଶିଶୁଟିର ସୁରକ୍ଷା ଓ ଅବସ୍ଥିତି ନେଇ ଚିନ୍ତା ବଢ଼ିଛି। ତେବେ ବିଶେଷ ସୂତ୍ରରୁ ଖବର ମିଳିଛି ଶିଶୁଟିକୁ କୋଲକାତା ଚାଲାଣ ପାଇଁ ବ୍ୟବସ୍ଥା କରଯାଇଥିଲା। ଖବର ଲେଖା ହେବା ପର୍ଯ୍ୟନ୍ତ ଶିଶୁଟି ଉଦ୍ଧାର କରାଯାଇନାହିଁ।

# ଶ୍ରମିକ ନେତା ବିଷ୍ଣୁ ମହାନ୍ତିଙ୍କ ବିୟୋଗରେ ଜଳେଶ୍ୱରରେ ଶ୍ରଦ୍ଧାଞ୍ଜଳି ସଭା

ଜଳେଶ୍ୱର: ବିଶିଷ୍ଟ ବାମପନ୍ଥୀ ନେତା, ସିପିଆଇ(ଏମ୍)ର ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ ତଥା ଶ୍ରମିକ ସଂଗଠନର ସର୍ବଭାରତୀୟ ଉପସଭାପତି ବିଷ୍ଣୁ ମହାନ୍ତିଙ୍କ ପରଲୋକରେ ଜଳେଶ୍ୱରଠାରେ ଏକ ଗଭୀର ଶୋକ ଓ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଭାରତର କମ୍ୟୁନିଷ୍ଟ ପାର୍ଟି (ମାର୍କ୍ସବାଦୀ) ଜଳେଶ୍ୱର ଆଞ୍ଚଳିକ କମିଟି ପକ୍ଷରୁ ଦଳୀୟ କାର୍ଯ୍ୟାଳୟ ପରିସରରେ ଏହି ସଭାର ଆୟୋଜନ କରାଯାଇଥିଲା। ଜିଲ୍ଲା କମିଟି ସଦସ୍ୟ ଦିଲ୍ଲୀପ କୁମାର ଗିରିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଉପସ୍ଥିତ ନେତୃବୃନ୍ଦ ସ୍ୱର୍ଗତ ମହାନ୍ତିଙ୍କ ଉତ୍ସର୍ଗୀକୃତ ଜୀବନ ଓ ସଂଗ୍ରାମ ସମ୍ପର୍କରେ ଆଲୋକପାତ କରିଥିଲେ।ଛାତ୍ର ଜୀବନରୁ ରାଜନୀତିରେ ପାଦ ଥାପିଥିବା ବିଷ୍ଣୁ ମହାନ୍ତି ଜରୁରୀକାଳୀନ ପରିସ୍ଥିତି ସମୟରେ କାରାବରଣ କରିବା ସହ ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ନିଜ ନୀତି ଓ ଆଦର୍ଶରେ ଅଟଳ ରହିଥିଲେ। ମାର୍କ୍ସବାଦୀ ଚିନ୍ତାଧାରା ମାଧ୍ୟମରେ ଏକ ଶୋଷଣମୁକ୍ତ ସମାଜ ଗଠନ ପାଇଁ ସେ ସର୍ବଦା ସଂକଳ୍ପବଦ୍ଧ ଥିଲେ। ଏହି ଶ୍ରଦ୍ଧାଞ୍ଜଳି ସଭାରେ ଜିଲ୍ଲା ନେତା ଦୀପ୍ତିମାନ ଆଚାର୍ଯ୍ୟ, ସିଆଇଟିୟୁ ନେତା ଗଣେଶ ପାତ୍ର ଓ ପଲ୍ଟୁ ଦାସ, କୃଷକ ନେତା ରବିନ୍ଦ୍ର ବାରିକ, ଦିଲ୍ଲୀପ ପରିଡ଼ା,ସୁଶାନ୍ତ ରାଉତ ଓ ସବିତା ଭୂୟାଁ ପ୍ରମୁଖ ଉପସ୍ଥିତ ରହି ବକ୍ତାମାନେ କହିଥିଲେ ଯେ, ସୁନ୍ଦରଗଡ଼ ଜିଲ୍ଲାରେ ପାର୍ଟିର ସଂଗଠନକୁ ସୁଦୃଢ଼ କରିବା ଏବଂ ରାଉରକେଲାର ଶିଳ୍ପାଞ୍ଚଳ ସହ ସର୍ବାଙ୍ଗୀନ ବିକାଶ କ୍ଷେତ୍ରରେ ତାଙ୍କର ଅବଦାନ ଅତୁଳନୀୟ। ତାଙ୍କ ବିୟୋଗ କେବଳ ବାମପନ୍ଥୀ ଆନ୍ଦୋଳନ ପାଇଁ ନୁହେଁ, ବରଂ ସମଗ୍ର ଶ୍ରମଜୀବୀ ମଣିଷଙ୍କ ପାଇଁ ଏକ ଅପୂରଣୀୟ କ୍ଷତି। ପାର୍ଟିର ରାଜ୍ୟ କମିଟିର ନିର୍ଦ୍ଦେଶ କ୍ରମେ ସ୍ୱର୍ଗତ ନେତାଙ୍କ ସମ୍ମାନାର୍ଥେ ତିନି ଦିନ ଧରି ଦଳୀୟ ପତାକାକୁ ଅର୍ଦ୍ଧନମିତ କରାଯାଇଛି। ତାଙ୍କର ଅସମାପ୍ତ ସଂଗ୍ରାମକୁ ଆଗକୁ ନେବା ଏବଂ ଶ୍ରମିକ ଶ୍ରେଣୀର ସ୍ୱାର୍ଥ ରକ୍ଷା କରିବା ହିଁ ତାଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି ହେବ ବୋଲି ସଭାରେ ମତ ପ୍ରକାଶ ପାଇଛି।

# 'ମଦର' ପକ୍ଷରୁ ଆନ୍ତର୍ଜାତିକ ମାତୃ ଦିବସ : ଶ୍ରେଷ୍ଠ ମା' ସମ୍ମାନରେ ସମ୍ମାନିତ ହେଲେ ପଦ୍ମଶ୍ରୀ ଶ୍ୟାମାମଣି ଦେବୀ




ଭୁବନେଶ୍ୱର , ୧୦/୫ (ନି.ପ୍ର): ସାମଜିକ ଅନୁଷ୍ଠାନ ମଦର ପକ୍ଷରୁ ଆନ୍ତର୍ଜାତିକ ମାତୃ ଦିବସ ମହା ସମାରୋହରେ ପାଳିତ ହୋଇଯାଇଛି । ଜୟଦେ୍ୱ ଭବନ ଠାରେ ଆୟୋଜିତ ସମାରୋହରେ ଅନୁଷ୍ଠାନର ୨୨ତମ ବାର୍ଷିକ ଉତ୍ସବ ପାଳନ ସହ ମଦର ସମ୍ମାନ ୨୦୨୬ ମଧ୍ଯ ପ୍ରଦାନ କରଯାଇଥିଲା । ମୁଖ୍ୟ ଅତିଥି ଭାବେ ଓଡିଶା ବିଧାନସଭାର ମାନନୀୟା ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ ଯୋଗଦେଇ ପ୍ରଦୀପ ପ୍ରଜ୍ଜ୍ୱଳନ ପୂର୍ବକ ସଭାକୁ ଉଦଘାଟନ କରିଥିଲେ । ସ୍ୱତନ୍ତ୍ର ସମ୍ମାନିତ ଅତିଥି ଭାବେ ଭୁବନେଶ୍ୱର ମହାନଗର ନିଗମର ସମ୍ମାନୀୟା ମେୟର ସୁଲୋଚନା ଦାସ ଉପସ୍ଥିତ ଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ମଞ୍ଚରେ ମୁଖ୍ୟ ବକ୍ତା ଭାବରେ ବିଶିଷ୍ଟ ଲେଖିକା ତଥା ଗବେଷିକା ମନୋରମା ବିଶ୍ୱାଳ ମହାପାତ୍ର, ସମ୍ମାନୀତ ଅତିଥି ଭାବେ ବରିଷ୍ଠ ଚାଟାର୍ଡ ଆକାଉଣ୍ଟାଣ୍ଟ ତଥା ବିଶିଷ୍ଟ ସମାଜ ବିଜ୍ଞାନୀ ଶରତ ଚନ୍ଦ୍ର ଭଦ୍ର ଏବଂ ମଦର ଅନୁଷ୍ଠାନର ଚେୟାରମ୍ୟାନ୍ ଅବସରପ୍ରାପ୍ତ ପ୍ରମୁଖ ଆୟକର ଅଧିକାରୀ ତଥା ଜଣାଶୁଣା କବି ଶରତ କୁମାର ଦାଶ ମହୋଦୟ ଉପସ୍ଥିତ ଥିଲେ । ପ୍ରସିଦ୍ଧ ଓଡିଶୀ ସଙ୍ଗୀତ ବିଶାରଦ ତଥା ପଦ୍ମଶ୍ରୀ ଶ୍ୟାମାମଣି ଦେବୀଙ୍କୁ ଚଳିତ ବର୍ଷର ମର୍ଯ୍ୟଦାଜନକ ଶ୍ରେଷ୍ଠ ମା ସମ୍ମାନ ରେ ସମ୍ମାନିତ କରଯାଇଥିଲା । ଅନ୍ୟ ମାନଙ୍କ ମଧ୍ୟରେ ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସୁଲେଖିକା କାନନବାଳା ପଟ୍ଟନାୟକ, ଚିକିତ୍ସାବିଜ୍ଞାନ ଓ ସେବା ପାଇଁ ପ୍ରସିଦ୍ଧ ଟର୍କିକିଆ କ୍ଲିନିକ୍ ର ପ୍ରତିଷ୍ଠାତା ଡ ଶଙ୍କର ରାମଚନ୍ଦାନୀ, ସାମ୍ବାଦିକତା କ୍ଷେତ୍ରରେ ନିର୍ଭୀକତା ଓ ସ୍ୱଷ୍ଟବାଦୀ ଭାବେ ଜଣାଶୁଣା ସାମ୍ବାଦିକା ସ୍ୱାତୀ ଜେନା, ସାମଜିକ କର୍ମୀ ଅଭିରାମ ମଲିକ୍, ବିଶିଷ୍ଟ ଶିକ୍ଷାବିତ୍ ଡ ବ୍ରଜବନ୍ଧୁ ନନ୍ଦ ଏବଂ ରୁନାଲିସା ବେହେରା ଓ ଯୁବ ପ୍ରତିଭା ତମନ୍ନା ଭୋଇଙ୍କୁ ମଦର ସମ୍ମାନରେ ସମ୍ମାନୀତ କରାଯାଇଥିଲା । ଅତିଥି ମାନଙ୍କ ଦ୍ୱାରା ଅନୁଷ୍ଠାନର ମାସିକ ମୁଖପତ୍ର ମଦର ୱିସଡମ୍ ନିଉଜ ଲେଟର ଉନ୍ମୋଚିତ କରଯାଇଥିଲା । ଶିଶୁ ପ୍ରତିଭା ପ୍ରତିଯୋଗିତାରେ ବିଜୟୀ ପ୍ରତିଯୋଗୀ ଏବଂ ଓଡ଼ିଆଣୀ ପ୍ରତିଯୋଗିତାର ବିଜୟୀ ମାନଙ୍କୁ ଅନ୍ୟତମ ସମ୍ମାନୀତ ଅତିଥି ଡ ରଜନୀ ରଞ୍ଜନଙ୍କ ଉପସ୍ଥିତିରେ ପୁରସ୍କାର ପ୍ରଦାନ କରାଯାଇଥିଲା । ଅନୁଷ୍ଠାନ ପକ୍ଷରୁ ଓମ୍ ପ୍ରସାଦ ଦାସ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ମୁଖ୍ୟ ପରିଚାଳକ ପ୍ରମୋଦ କୁମାର ଦାସ ଧନ୍ୟବାଦ ଜ୍ଞାପନ କରିଥିଲେ । କୁନି କଳାକାର ଫିଓନା ସଂଗୀତ ପରିବେଷଣ କରିଥିବା ବେଳେ ମଦର ଅନୁଷ୍ଠାନର କର୍ମକର୍ତ୍ତା ଦିପ୍ତିଶ୍ରୀ ନାୟକ, ଜିଜ୍ଞାସା ମଣ୍ଡଳ, ନବକାନ୍ତି ମାଝୀ, ପ୍ରଶାନ୍ତ ରାଉତରାୟ, ବିଥିକା ମହାନ୍ତି, ପ୍ରଭୁଦତ୍ତ, ରାଜେଶ, ମଣ୍ଟୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଜନ ଆକ୍ରୋଶ ମହିଳା ପଦଯାତ୍ରା



ବସ୍ତା , ୧୦/୫ (ନି.ପ୍ର): ବସ୍ତା ବିଜେପି ଖଣ୍ଡେସ୍ୱର ମଣ୍ଡଳ ତରଫରୁ ଆୟୋଜିତ ଜନ-ଆକ୍ରୋଶ ମହିଳା ପଦଯାତ୍ରା ଦରଦା ବସଷ୍ଟାଣ୍ଡ ଠାରୁ ଆରମ୍ଭ ହେଇ ଛଚିନା ସ୍ଥିତ ବିଜେପି କାର୍ଯ୍ୟାଳୟ ରେ ଶେଷ ହେଇଥିଲା। ଜନ-ଆକ୍ରୋଶ ମହିଳା ପଦଯାତ୍ରା ରେ ଜିଲ୍ଲା ସଭାପତି ଶ୍ରୀଯୁକ୍ତ ପ୍ରଦୀପ କୁମାର ପଣ୍ଡା, ଜିଲ୍ଲା ସାଧାରଣ ସମ୍ପାଦକ କମଳ ଲୋଚନ ଦାସ , ବସ୍ତା ବିଜେପି ନେତା ରବିନ୍ଦ୍ରନାଥ ଅଣ୍ଡିଆ, ଜିଲ୍ଲା ଉପସଭାପତି କୃଷ୍ଣଚନ୍ଦ୍ର ଦତ୍ତ , ବସନ୍ତ ବାରିକ, ଅରବିନ୍ଦ ବେହେରା, କୋଷାଧକ୍ଷ ଫରନାଲ୍ ବିଶ୍ୱାଳ, ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ଖଗେନ୍ଦ୍ର ନାୟକ, ଏଡଭକେଟ ପରେଶ ବେହେରା ମିଡ଼ିଆ ସଂଜଜୋଗ ଇ. ଦିବାକର ରାଉତ , ଖଣ୍ଡେସ୍ୱର ମଣ୍ଡଳ ସଭାପତି ସୁଶୀଲ ବେହେରା , ମହିଳା ମୋର୍ଚ୍ଚା ସଭାପତି ମିନତୀ ସେନାପତି, ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟା ସଂଯୁକ୍ତା ମଣ୍ଡଳ , ନିହାର ରଞ୍ଜନ ବେହେରା , ଆକାଶ ବେହେରା , ସରୋଜ ଗିରି ଏବଂ ଅନ୍ୟ ଅତିଥି ବୃନ୍ଦ ଓ ୫ ଶହ ରୁ ଅଧିକ ସଂଖ୍ୟାରେ ମହିଳା ଯୋଗଦେଇ ଥିଲେ । ବିରୋଧୀମାନେ ବାଧା ସୃଷ୍ଟି କରିବା ସତ୍ତ୍ୱେ ଆମର ସଂକଳ୍ପ ଅବିଚଳିତ ରହିଛି, ମହିଳାଙ୍କ ସମ୍ମାନ, ସୁରକ୍ଷା ଓ ସମାନ ଅଧିକାର ସୁନିଶ୍ଚିତ ହେବା ପର୍ଯ୍ୟନ୍ତ ଏହି ପ୍ରୟାସ ଅବିରତ ଜାରି ରହିବ। ମହିଳା ବିରୋଧୀ ମନୋଭାବ, ମହିଳାମାନଙ୍କ ନ୍ୟାଯ୍ୟ ଅଧିକାରକୁ ସିମୀତ କରିପାରିବ ନାହିଁ । ନାରୀ ଶକ୍ତି ଦୃଢ଼ ଓ ଏକତାବଦ୍ଧ ଭାବେ ମହିଳା ବିରୋଧୀଙ୍କୁ ଉଚିତ୍ ଜବାବ୍ ଦିଆଯିବ ଭଳି ଅଭିଭାଷଣ ରଖା ଯାଇଥିଲା ।

# ଡ୍ରପ ଆଉଟ ପିଲା ଏବଂ ଅଭିଭାବକଙ୍କୁ ଭେଟିଲା ଭଞ୍ଜସେନା ଟିମ: ସମସ୍ୟାର ସମାଧାନ ପାଇଁ ପ୍ରଶାସନକୁ ତାଗିଦ



ବାରିପଦା, ୧୦/୫ (ନି.ପ୍ର): ଆଜି ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନାଙ୍କ ସହିତ ବିଭିନ୍ନ ବର୍ଗର ଏକ ପ୍ରତିନିଧି ମଣ୍ଡଳୀ ଯଶିପୁର ବ୍ଲକ ଘଞ୍ଚ ଜଙ୍ଗଲ ପାହାଡ଼ ଘେରା ବାଉଁଶନାଳି ପଞ୍ଚାୟତ ଅଧିନସ୍ଥ ଟାଙ୍କୁରୁସାହି, ରାମସାହି, ମଣ୍ଡାମ, ଗେଣ୍ଡେଇସାହି ପ୍ରଭୃତି ଅଞ୍ଚଳକୁ ଯାଇ ସେହି ଅଞ୍ଚଳରେ ବିଭିନ୍ନ କାରଣରୁ ଅଧାରୁ ପାଠ ଛାଡି ବସିଥିବା କୁନି କୁନି ଛାତ୍ର ଛାତ୍ରୀ ଓ ସେମାନଙ୍କ ଅଭିଭାବକ ମାନଙ୍କୁ ଭେଟି ଆଲୋଚନା କରିଛନ୍ତି। ଇଛା ଥାଇ ମଧ ପିଲା ମାନେ କାହିଁକି ଅଧାରୁ ପାଠ ପଢା ଛାଡିଛନ୍ତି ସେବାବଦରେ ଆଲୋଚନା କରି ସେମାନଙ୍କ ଠାରୁ ଦୁଃଖ ଦୁର୍ଦ୍ଦଶା ବୁଝିଥିଲେ ଏବଂ ଏବାବଦରେ ସଂଗଠନ ପ୍ରତିଷ୍ଠାତା ବିଭିନ୍ନ ସରକାରୀ ଅଧିକାରୀଙ୍କ ସହିତ ଉପୁଜିଥିବା ସମସ୍ୟାର ଯଥାଶୀଘ୍ର ସମାଧାନ କରିବା ନିମନ୍ତେ ନିବେଦନ କରିଥିଲେ। ସମ୍ବଳ ଅଭାବରୁ ନିଜ ନିଜ ସମସ୍ୟା ସମାଧାନ ପାଇଁ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ଅବଗତ କରି ପାରୁନଥିବା ଉକ୍ତ ଗରୀବ ପରିବାରର ଛାତ୍ର ଛାତ୍ରୀ ଓ ସେମାନଙ୍କର ପରିବାର ବର୍ଗଙ୍କୁ ମାନଙ୍କୁ କିଛି ବାଟ ଖର୍ଚ୍ଚ ସଂଗଠନ ପକ୍ଷରୁ ପ୍ରଦାନ କରାଯାଇଥିଲା। ଭଞ୍ଜସେନା ପ୍ରତିଷ୍ଠାତାଙ୍କ ସହିତ ଆଜିର ଏହି ପ୍ରତିନିଧି ମଣ୍ଡଳୀରେ ଜିଲ୍ଲା ଉପାଧ୍ୟକ୍ଷ ଦକ୍ଷିଣା ମହାନ୍ତ, ବାଉଁଶନାଳି ପଞ୍ଚାୟତ ସମିତି ସଭ୍ୟ ସଂଜୀବ କୁମାର ମହାନ୍ତ, ସରପଞ୍ଚ ସମୀର କୁମାର ନାୟକ, ବାରିପଦା ସହର ସଭାପତି ରାଜେଶ ଦାଶ ପ୍ରମୁଖ ସାମିଲ ହୋଇ ଏହି ଅଞ୍ଚଳରେ ହେଉଥିବା ଶିକ୍ଷା କ୍ଷେତ୍ରରେ ଛାତ୍ର ଛାତ୍ରୀ ମାନଙ୍କ ଡ୍ରପ ଆଉଟ ସଂଖ୍ୟା ଉପରେ ରୋକ ଲଗାଇବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଗ୍ରହଣ କରାଯିବ ବୋଲି ନିଷ୍ପତ୍ତି ଗ୍ରହଣ କରିଥିଲେ। ତେବେ ଏହି ଅଞ୍ଚଳରେ ପ୍ରତ୍ୟେକ ଘରୁ କେହି ନା କେହି ରୋଜଗାର ଆଶାରେ ଦାଦନ ଖଟିବା ପାଇଁ ବାହାରକୁ ଯାଇଥିବାରୁ ଗ୍ରାମ ଗୁଡିକ ଯୁବକ ଶୂନ୍ୟ ହୋଇପଡିଛି। ଏଣୁ ଏହି ଦାଦନ ସମସ୍ୟାର ସମାଧାନ ପାଇଁ ସରକାର ତତପରତା ଦେକାଇବା ଉଚିତ ବୋଲି ଭଞ୍ଜସେନା ଉପାଧକ୍ଷ ଦକ୍ଷିଣା ମହାନ୍ତ ସୂଚନା ପ୍ରଦାନ କରିଛନ୍ତି।

# ଓ.ୟୁ.ଡବ୍ଲୁ.ଜେ. ଖୋରଧା ଜିଲ୍ଲା ଶାଖାର ସାଙ୍ଗଠନିକ ବୈଠକ ଓ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ

ଖୋରଧା, ୧୦/୫ (ନି.ପ୍ର): ଓ.ୟୁ.ଡବ୍ଲୁ.ଜେ. ଖୋରଧା ଜିଲ୍ଲା ଶାଖା ର ଏକ ସାଂଗଠନିକ ବୈଠକ ଓ ବନ୍ଧୁ ମିଳନ କର୍ଯ୍ୟକ୍ରମ ଖୋରଧା ନିକଟବର୍ତ୍ତୀ କୁମାରବସ୍ତ 'ମା ବାଉତୀ'ଙ୍କ ମନ୍ଦିର ପ୍ରାଙ୍ଗଣ ରେ ଅନୁଷ୍ଠିତ ହୋଇଯାଇଛି କ୍ଷ ସଂଘ ର ଖୋରଧା ଜିଲ୍ଲା ଶାଖା ସଭାପତି ପ୍ରକାଶ କୁମାର ହାତୀ ଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଖୋରଧା, ଜଟଣୀ, ବାଲୁଗାଁ, ଚିଲିକା, ବାଣପୁର, ବେଗୁନିଆ, ବୋଲଗଡ଼, ଟାଙ୍ଗି ଅଞ୍ଚଳରୁ ପ୍ରାୟ ୩୦ ରୁ ଉର୍ଦ୍ଧ୍ୱ ସଦସ୍ୟ ଯୋଗଦେଇ ସଂଘ ବିଭିନ୍ନ କାର୍ଯ୍ୟପନ୍ଥା ସଂପର୍କ ରେ ନିଜ ନିଜର ମତାମତ ଉପସ୍ଥାପନା କରିଥିଲେ। ସଂଗଠନ କୁ ତୃଣମୂଳ ସ୍ତରରୁ କିପରି ସଦୃଢ଼ କରାଯାଇ ପାରିବ ସେଥିପ୍ରତି ସମସ୍ତ ସଦସ୍ୟ ନିଷ୍ଠାପର ଭାବରେ କାର୍ଯ୍ୟ କରିବାକୁ ସଭାପତି ପ୍ରକାଶ କୁମାର ହାତୀ ନିଜ ବକ୍ତବ୍ୟ ରେ କହିଥିଲେ ।

# ଶୀତଳଷଷ୍ଠୀ ଉତ୍ସବ ପାଇଁ ପ୍ରାକ୍ ପ୍ରସ୍ତୁତି ବୈଠକ

ସମ୍ବଲପୁର, ୧୦/୫ (ନି.ପ୍ର): ସମ୍ବଲପୁର ସହରର ଆଗାମୀ ଦିନରେ ହେବାକୁ ଥିବା ପବିତ୍ର ଶୀତଳଷଷ୍ଠୀ ଯାତ୍ରା ପାଇଁ ଆଜି ସ୍ଥାନୀୟ ସର୍କିଟ ହାଉସ ଠାରେ ଏକ ପ୍ରାକ୍ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲା ପ୍ରଶାସନ, ପୋଲିସ ପ୍ରଶାସନ ଓ ଶୀତଳଷଷ୍ଠୀ ଯାତ୍ରା ସମନ୍ୱୟ ସମିତି ସଦସ୍ୟ ମାନେ ବିଗତ ଦିନର ଅଭିଜ୍ଞତାକୁ ନେଇ ବିସ୍ତୃତ ଆଲୋଚନା କରିଥିଲେ । ତେବେ ଚଳିତ ବର୍ଷ ଅତ୍ୟନ୍ତ ଶାନ୍ତି ଶୃଙ୍ଖଳାର ସହିତ ଯେପରି ଏହି ଯାତ୍ରା ପାଳନ ହେବ ସେଦିଗରେ ସମସ୍ତେ ଯତ୍ନବାନ ହେବାକୁ ମନ୍ତ୍ରୀ ଶ୍ରୀ ପ୍ରଧାନ ଆହ୍ୱାନ ଦେଇଛନ୍ତି ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❒ Editor: Sairindhree Sahoo
❒ Managing & Executive Editor : Srustidhar Parida